# ପରମେଶ୍ୱରଙ୍କୁ ବ୍ୟାଖ୍ୟା କରିବା

ଧନ୍ୟବାଦ, ଭାଇ କାର୍ଲସନ୍ । ପ୍ରଭୁଙ୍କର ସେବା କରୁଥିବା ସମସ୍ତ ଭାଇ ଓ ଭଉଣୀମାନଙ୍କୁ ଅଭିବାଦନ । ଏହା ଗୋଟିଏ...ମୁଁ ବେଳେବେଳେ ଉଠିବାକୁ ଟିକିଏ ଅନିଚ୍ଛା ଅନୁଭବ କରେ, ଯେତେବେଳେ ମୁଁ ଏପରି ଚମତ୍କାର ସାକ୍ଷ୍ୟଗୁଡିକୁ ଶୁଣିଥାଏ, ଏବଂ ପ୍ରଭୃତି ସବୁ, ଯେପରିକି ମୁଁ ଆଜି ସକାଳେ ଏହା କରି ଆସୁଛି । ଏବଂ ତାହାପରେ, ଯନ୍ତ୍ରଣା ଓ ଦୁଃଖ ପୀଡାରେ ରହିଥିବା ଜଣେ ସହ ନାଗରିକ, ଯେପରିକି ଆମର ବାପ୍ଟିଷ୍ଟ ଭାଇ ଏବଂ ଭଉଣୀ ତାହା ଦେଇ ଗତି କରିଥାନ୍ତି; ପୂର୍ବରେ ନିଜେ, ଜଣେ—ଜଣେ ବାପ୍ଟିଷ୍ଟ, ଜଣେ ମିଶନାରୀ ବାପ୍ଟିଷ୍ଟ ହୋଇଥିବା ହେତୁ, ଆଉ—ଆଉ ଏହା ଜାଣିଥିବା ହେତୁ ଯେ ତାହା କଅଣ ଯେତେବେଳେ ଆପଣଙ୍କର ଲୋକମାନେ...

2 ମୋର ମଧ୍ୟ ସେହି ସମାନ ବିଷୟ ଥିଲା । ମୋର ନିଜର ଲୋକମାନେ ମୋତେ ପିଠି କରିଦେଲେ, ଏବଂ ସେମାନେ ଭାବିଲେ ଯେ ସେମାନେ ମୋତେ ଅନ୍ୟତ୍ର ବାହାର କରି ଦେବେ କାରଣ ମୁଁ ପାଗଳ ହୋଇଯାଇଛି । ଏବଂ ମୁଁ ଜାଣିବାକୁ ପାଇଲି, ଆଉ ମୁଁ ଏହାକୁ ସାଧାରଣତଃ ଟିକିଏ ଏକ ପ୍ରକାରରେ ବୁଲେଇକରି କହିବା ଭଳି କହିଥାଏ, "ଯଦି ମୁଁ ପାଗଳ ଅଟେ, ତାହାହେଲେ ମୋତେ କେବଳ ଏକାକୀ ଛାଡିଦିଅ, କାରଣ ମୁଁ ମୋର ସଠିକ୍ ମନ ଅପେକ୍ଷା ଏହି ଉପାୟରେ ଅଧିକ ଖୁସି ଅଟେ ।" ତେଣୁ ସେହି ପ୍ରକାରର ଏକ ଛୋଟ ଦର୍ଶନଶାସ୍ତ୍ରକୁ, ମୁଁ ମୋ ନିଜ ପାଇଁ, ଧରି ରଖିଥିଲି । ଆଉ—ଆଉ ମୁଁ ନିଶ୍ଚିତରେ ଏହିପରି ଭାବରେ ରହିବାର ଏହି ସମୟକୁ—ଏହି ସମୟକୁ ଉପଭୋଗ କରୁଛି ।

3 ଏବଂ ଚର୍ଚ୍ଚ ଅଫ୍ କ୍ରାଇଷ୍ଟର ସେହି ସାନ ଭାଇ, ଯେପରି ଆମେ ତାହାକୁ ସାଧାରଣତଃ କହିଥାଉ, କିମ୍ବା କ୍ୟାମ୍ପବେଲାଇଟ୍ କହିଥାଉ । ଏବଂ ମୋର ମନେ ଅଛି ଯେତେବେଳେ ଆମେ ପ୍ରଥମେ ସେବା ଆରମ୍ଭ କରିଥିଲୁ ସେମାନେ ନିଶ୍ଚିତରେ ସେହି ସଭାଗୁଡ଼ିକ ବିରୁଦ୍ଧରେ କଠୋର କଥା କହୁଥିଲେ । ମାତ୍ର, ଆପଣ ଜାଣନ୍ତି, ଆମ ପାଖରେ ପାଉଲ ନାମକ ଜଣେ ବ୍ୟକ୍ତି ଥରେ ଠିକ୍ ସେହି ସମାନ ଭାବରେ ରହିଥିଲେ, ଆଉ ସେ ଆମମାନଙ୍କ ମଧ୍ୟରୁ ଜଣେ ହୋଇଗଲେ । ତେଣୁ, ତାହା ସତ ଅଟେ । ମୁଁ ଭାବୁଛି ଯେ ସାଧାରଣତଃ ସେମାନେ ଯାହା ଖୋଜନ୍ତି ତାହା ହେଉଛି ଆପଣ ଯାପନ କରୁଥିବା ସେହି ଜୀବନ । ଆପଣ ଜାଣନ୍ତି, ଯେକୌଣସି ସମୟରେ ବି, ଏକ ଉପଦେଶକୁ ମୋ ଠାରେ ପ୍ରଚାର କରିବା ଅପେକ୍ଷା ମୋ ପ୍ରତି ତାହାକୁ ବଞ୍ଚିବା ଅଧିକ ଭଲ । ମୁଁ...

4 କିଛି ସମୟ ପୂର୍ବରୁ, ଜଣେ ମହାନ ସେବକ, ଉତ୍ତମ ସମ୍ପୂର୍ଣ୍ଣ-ସୁସମାଚାର ବ୍ୟକ୍ତି, ମୁଁ ଭାବୁଛି, ଆପଣ ସମସ୍ତେ—ସମସ୍ତେ ତାହାଙ୍କୁ ଜାଣିଛନ୍ତି, ରେଭ. ବୁଥ-କ୍ଲିବର୍ନ, ସାତୋଟି ଭିନ୍ନ ଭାଷାରେ ସୁସମାଚାର ପ୍ରଚାର କରନ୍ତି । ସେ ପ୍ରଖର ବୁଦ୍ଧି ବିଶିଷ୍ଟ । ଏବଂ ମୁଁ...ସେ ମାନସିକ

ରୂପେ ଜଣେ ପ୍ରବୀଣ ବ୍ୟକ୍ତି ଅଟନ୍ତି । ଏବଂ ଆମେ ଥରେ ଏକାଠି ଯାଉଥିଲୁ, ଆଉ ସେ ଓ ଭାଇ ମୂର୍ ଓ ମୁଁ, ଏବଂ ଆମେ କିଛି ଆଲୋଚନା କରୁଥିଲୁ । ଏବଂ ମୋର ମନ୍ତବ୍ୟ ତାଙ୍କର ବିପରୀତ ଥିଲା, ଏବଂ ସେ ମୋ ଆଡକୁ ଚାହିଁଲେ । ସେ କହିଲେ, "ଆପଣ ନିଜର ବାଇବଲ ହିଁ ଜାଣି ନାହାଁନ୍ତି ।" ଆପଣ ଜାଣନ୍ତି ଯେ ଭାଇ ବୁଥ ତାହା କିପରି କହିପାରନ୍ତି ।

5 ମୁଁ କହିଲି, "ଭାଇ ବୁଥ, ତାହା ସତ ଅଟେ, କିନ୍ତୁ ମୁଁ ସେହି ଲେଖକଙ୍କୁ ଭଲ ଭାବରେ ଜାଣିଛି ।" ତେଣୁ, ତେଣୁ ମୁଁ—ମୁଁ ଚାହେଁ…ଆପଣ ଜାଣନ୍ତି, ତାହାଙ୍କର ବାକ୍ୟକୁ ଜାଣିବା ଜୀବନ ନୁହେଁ, କିନ୍ତୁ, "ତାହାଙ୍କୁ ଜାଣିବା ହେଉଛି ଜୀବନ ।" ତାହା ଠିକ୍ । ବୁଝିଲେ? ମୁଁ ତାହାଙ୍କର ବାକ୍ୟ ଜାଣେ କି ନାହିଁ; ଯଦି ମୁଁ କେବଳ ତାହାଙ୍କୁ ଜାଣିଥାଏ! ଏବଂ ତାହା ନିଶ୍ଚିତ ଭାବରେ ସତ୍ୟ ଅଟେ ।

6 ମୁଁ, ଆଜି ସକାଳେ, ସେବକମାନଙ୍କର, ଏହି ଉତ୍ତମ ସହଭାଗିତା ସହିତ ଏଠାରେ ହାତ ମିଶାଉଥିଲି । ଏବଂ ସେଠାରେ ଯାହା ବସି ରହିଥିଲା ତାହା…ମୋର ଅର୍ଥ କାହାରିକୁ ବିଶିଷ୍ଟ ସ୍ଥାନ ଦେବା ନୁହେଁ । କିନ୍ତୁ ଏହି ଅଶ୍ୱେତ ବ୍ୟକ୍ତିଜଣକ, ଭାଇ ଭିତରକୁ ଆସିଲେ, ସେଠାରେ ବସିଲେ । ମୁଁ ଏଠାରେ ମୋର ସଚିବଙ୍କୁ କହିଲି, "ସେଠାରେ ଜଣେ ପ୍ରକୃତ ଖ୍ରୀଷ୍ଟିଆନ ଅଛନ୍ତି ।"

7 ଆପଣ ମୋତେ ପ୍ରାଚୀନ ସ୍ମିଥଙ୍କ ବିଷୟରେ ବହୁତ ଅଧିକ ସ୍ମରଣ କରାନ୍ତି ଯିଏକି ଖ୍ରୀଷ୍ଟଙ୍କଠାରେ ଚର୍ଚ୍ଚ ଅଫ୍ କ୍ରାଇଷ୍ଟର ଜଣେ ସଦସ୍ୟ ଥିଲେ ବୋଲି, ମୁଁ ବିଶ୍ୱାସ କରେ । ମୁଁ ସେଠାରେ ତଳେ ସେମାନଙ୍କ ପାଇଁ ବହୁତ ପ୍ରଚାର କରୁଥିଲି, ଏବଂ—ଏବଂ ତଥାପି ମୁଁ ଏଯାଏଁ ତାଙ୍କୁ ଦେଖିପାରୁଛି । ସେ ଏଠାରେ ଏହି ଭାଇ ପରିକା କିଛି ଦେଖାଯାଉଥିଲେ, କେବଳ ତାଙ୍କର ଏକ ପ୍ରକାର ଧୂସର ନିଶ ଥିଲା । ମୁଁ ପଛ ଦ୍ୱାରରୁ ଆସିଥିଲି, ଏବଂ ସେହି ବୃଦ୍ଧ କହିଥିବା ଅଭିବ୍ୟକ୍ତିକୁ ମୁଁ କେବେବି ଭୁଲିବି ନାହିଁ; ଉପରକୁ ଅନାଅ, ଆଉ ସମସ୍ତ ସାଧୁମାନେ ଗୀତ ଗାଉଥିବେ, ଆପଣ ଜାଣନ୍ତି, ଆଉ ସେଠାରେ ଏକ ସାନ ଝିଅଟିଏ, ଥିଲା, କୋଣରେ ବସି ରହୁଥିଲା । ମୋର ପ୍ରିୟ ଗୀତ ଥିଲା ତାହାଙ୍କୁ ଉପରକୁ ଉଠାନ୍ତୁ *ଲିଫ୍ଟ ହିମ୍ ଅପ୍ ।* ସେମାନେ ସମସ୍ତେ କରତାଳି ଦେଇଥାନ୍ତି, ପେଣ୍ଟିକଷ୍ଟାଲ୍ କଲା ଭଳି, ଆପଣ ଜାଣନ୍ତି, *ଲିଫ୍ଟ ହିମ୍ ଅପ୍ ।* ସେମାନେ ମୋତେ ପ୍ରେମ କରିଥିଲେ, ଏବଂ ମୁଁ ସେମାନଙ୍କୁ ପ୍ରେମ କରୁଥିଲି । ଏବଂ ଯେତେବେଳେ ଆମେ ଭିତରକୁ ଆସୁଥିଲୁ (ସେ ସେଠାରେ ତାଙ୍କର ମୁଣ୍ଡକୁ *ଏହିପରି* ଭାବରେ, ଡେସ୍କ ଉପରେ ରଖି, ବସି ରହୁଥଲେ, ଆଉ କେବଳ ସେମାନଙ୍କୁ ଦେଖି ରହୁଥିଲେ, ଆପଣ ଜାଣନ୍ତି ।), ସେ କହୁଥିଲେ, "ପ୍ରାଚୀନ, ଭିତରକୁ ଆସନ୍ତୁ । ନିଜର ଟୋପିକୁ ବିଶ୍ରାମ ଦିଅନ୍ତୁ ।" ଏହା ନୁହେଁ ଯେ, "ନିଜକୁ ବିଶ୍ରାମ ଦିଅନ୍ତୁ ।" "ନିଜର ଟୋପିକୁ ବିଶ୍ରାମ ଦିଅନ୍ତୁ ।"

8 ଭାଇ ଏଠାରେ; ଏବଂ ମୁଁ ଶିଖିଲି, ଯେ ତେବେ, ମୋର ପ୍ରିୟ ସୁସମାଚାର ଗାୟକମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ତାଙ୍କର ପତ୍ନୀ । ଏବଂ ସେ ଗୀତ ଗାଆନ୍ତୁ ବୋଲି, ବାଧ୍ୟ କରିବା ପାଇଁ ମୁଁ ଯଥା ସମ୍ଭବ ତାଙ୍କୁ ସମସ୍ତ ସଙ୍କେତ କରିଥିଲି । ଏବଂ, ତେବେ, ସେ କହିଲେ ଯେ ତାଙ୍କୁ ଡକା

ନ ଯାଉ, ଆଉ ମୁଁ ଜାଣେ ଯେ ତାହାର ଅର୍ଥ କଅଣ । ମାତ୍ର ମୁଁ ବ୍ୟକ୍ତିଗତ ଭାବେ ତାଙ୍କୁ ନିମନ୍ତ୍ରଣ କରିବାକୁ ଯାଉଅଛି, ଯେ ଯଦି ସମ୍ଭବ, ସେ ଆସି ଗୀତ ଗାଆନ୍ତୁ ।

9 ଆଚ୍ଛା, କଅଣ ଆପଣ ସେହି ଭଉଣୀ ନୁହଁନ୍ତି କି ଯିଏକି ସେହି ଗୀତ ଗାଇଥିଲେ—ଗାଇଥିଲେ, *ଜାହାଜ ଆସୁ,* ଖ୍ରୀଷ୍ଟିଆନ ବ୍ୟବସାୟ ପୁରୁଷମାନଙ୍କର ସଭାରେ ଦିନେ ସକାଳେ, ତେବେ? [ଭଉଣୀ କୁହନ୍ତି, "ହଁ, ଆଜ୍ଞା । ହଁ ।"—ସମ୍ପା ।] ମୁଁ ଆଶା କରେ ଯେ ମୋ ପତ୍ନୀ ଏହି ସପ୍ତାହରେ ଉଠନ୍ତି, ଏବଂ ସେ ଆପଣଙ୍କୁ ଶୁଣନ୍ତୁ ବୋଲି ମୁଁ ଚାହେଁ, କାରଣ ମୁଁ ଆପଣଙ୍କ ବିଷୟରେ ବହୁତ ଗର୍ବ କରି କହିଛି । ଏବଂ ଯଦି ଆପଣ ଏହାକୁ ଟେପ୍‌ରେ ଶୁଣିବାରୁ ବଞ୍ଚିତ ହୋଇଯାଆନ୍ତି, ତାହାହେଲେ ଆମେ ଏହାକୁ ସମାଧାନ କରିବାକୁ ଯାଉଅଛୁ । ମୁଁ ସେହି ଭଲ ଗୀତ ଗାନକୁ ଭଲ ପାଏ ।

10 ଏବଂ, ମୁଁ ଲୋକମାନଙ୍କୁ କହିଥାଏ, ମୁଁ—ମୁଁ କଦାପି ଗୀତ ଗାଇପାରିଲି ନାହିଁ । ଓଃ, ମୋର ପ୍ରଭୁ, ମୁଁ ସେହି ବିଷୟଠାରୁ ଅନେକ ମାଇଲ୍ ଦୂରରେ ଥିଲି । କିନ୍ତୁ ମୁଁ କହିଲି, "ଯଦି ଆପଣ କେବେ ସ୍ୱର୍ଗକୁ ଯାଇ ନିଜ ବଡ ପ୍ରାସାଦରେ ରୁହନ୍ତି, ଆପଣ ଜାଣନ୍ତି, ସେଠାରେ ଉପରେ," ମୁଁ କହିଲି, "ପାହାଡର ତଳଭାଗରେ ସେହି ପାଦ ଦେଶରେ, ସେଠାରେ ପଛରେ ଏକ ଜଙ୍ଗଲରେ, ସେଠାରେ ଏକ ଛୋଟ କ୍ୟାବିନ ରହିଥିବ । ତାହା ମୋର ହେବ । ଏବଂ ଏହି ସକାଳ ମଧ୍ୟରୁ ଗୋଟିକରେ ଯେତେବେଳେ ଆପଣ ବାରଣ୍ଡାରେ ବାହାରକୁ ଯାଆନ୍ତି ଓ ସେଠାରେ କାହାରିକୁ ଛିଡ଼ା ହୋଇଥିବାର, ଗୀତ ଗାଉଥିବାର ଶୁଣନ୍ତି, 'ଆଶ୍ଚର୍ଯ୍ୟଜନକ ଅନୁଗ୍ରହ! ସେହି ଶବ୍ଦ କେଡେ ମଧୁର, ଯାହା ମୋ ପରି ଏକ ଦୁଷ୍ଟକୁ ରକ୍ଷା କଲା!' ଆପଣ କୁହନ୍ତି, 'ପରମେଶ୍ୱରଙ୍କର ପ୍ରଶଂସା ହେଉ! ବୃଦ୍ଧ ଭାଇ ବ୍ରାନହାମ୍ ଶେଷରେ ପହଞ୍ଚି ଗଲେ ।'" ସେଠାରେ ତାହା ମୁଁ ହେବି ଯିଏକି ଶୁଣୁଥିବେ, ଗାଇବାକୁ ଚେଷ୍ଟା କରୁଥିବେ ।

11 ମୋର ଖ୍ରୀଷ୍ଟିଆନ ଭାଇମାନଙ୍କୁ, ଏବଂ…ମୁଁ ବିଶ୍ୱାସ କରେ ଯେ ଆଜି ସକାଳରେ, ଜଣେ ଭାଇ ତାଙ୍କୁ ଆମ ସହିତ, ଏଠାରେ ଜଣେ ବୌଦ୍ଧ ସେବକ ଭାବରେ, ପରିଚିତ କରାଇଲେ । ମୋର ମୂଲ୍ୟବାନ ବନ୍ଧୁ, ଆପଣଙ୍କୁ ଅଭିବାଦନ । ଏବଂ ମୁଁ ଅଧିକ ବ୍ୟବାହାର ରଖୁଥିଲି, ଏତେ ଅଧିକ ନୁହେଁ, ମାତ୍ର ବୌଦ୍ଧ ଲୋକମାନଙ୍କ ସହିତରେ; ଆଉ ବିଶେଷକରି କାନାଡାରେ, ଚାଇନାର ଲୋକମାନଙ୍କ ମଧ୍ୟରେ, ଏବଂ ସେମାନଙ୍କୁ ବହୁତ ସ୍ନେହୀ ଏବଂ ମଧୁର ବୋଲି ପାଇଥିଲି ।

12 ମୋର ମନେ ଅଛି ଜଣେ ବୌଦ୍ଧ ବ୍ୟକ୍ତି ସେହି ବୌଦ୍ଧ ମନ୍ଦିରରୁ, ୱିନ୍ନିପେଗ ସଭାକୁ ଆସିଥିଲେ, ଏବଂ ସେ ଅନ୍ଧ ଥିଲେ । ବହୁତ ଛୋଟ, ମଧୁର ଛୋଟ ଲୋକ, ଏବଂ ସେମାନେ ନିଶ୍ଚିତରେ ବିଶ୍ୱାସ କରୁଥିଲେ ଯେ ପରମେଶ୍ୱର ଆରୋଗ୍ୟଦାତା ଅଟନ୍ତି । ଏବଂ ତାଙ୍କ ପାଇଁ ପ୍ରାର୍ଥନା କରୁଥିବା ସମୟରେ, ଆଉ ସେ ପୁନରାବୃତ୍ତି କରୁଥିଲେ, ଯେ ସେ କିପରି ପରମେଶ୍ୱରଙ୍କୁ ପ୍ରେମ କରୁଥିଲେ, ଏବଂ ସଙ୍ଗେ ସଙ୍ଗେ ତାଙ୍କର ଆଖି ଖୋଲିଗଲା,

ସେଥିରେ...ଏବଂ ତାହା ଏପରି ଏକ—ଏକ ଅଦ୍ଭୁତ ବିଷୟ ଥିଲା । ତେଣୁକରି, ଆମେ—ଆମେ ପ୍ରତ୍ୟେକ ପୁରୁଷ ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କୁ ପ୍ରଶଂସା କରୁ ।

13 ତେବେ, ଏହା ପୂର୍ବରୁ କେବେ ହେଲେ ଚିକାଗୋରେ, ମୋର କହିବାକୁ ଚେଷ୍ଟା କରିବା ପାଇଁ, ଏହି ସୁଯୋଗ ନ ଥିଲା...ଯାହାକି, ମୁଁ କୌଣସି ନିର୍ଦ୍ଦିଷ୍ଟ ବାର୍ତ୍ତା ଆଣିବାକୁ ଚେଷ୍ଟା କରିବି ନାହିଁ, କାରଣ ଏଠାରେ ସେବକମାନେ ଅଛନ୍ତି ଯେଉଁମାନେକି ଏକ ବାର୍ତ୍ତା ନେଇ ଆସିବା ପାଇଁ, ମୋ ଅପେକ୍ଷା ଅଧିକ ଦକ୍ଷ ଅଟନ୍ତି । କିନ୍ତୁ, ସର୍ବଶେଷରେ, ଆପଣ ଏଠାରେ ଏକ ବାର୍ତ୍ତା ଶୁଣିବା ପାଇଁ ନାହାଁନ୍ତି । ମାତ୍ର ମୁଁ ଭାବିଲି ଯେ ଏହା ଏକ ଗୌରବମୟ ସମୟ ହୋଇପାରେ ଯେ ମୁଁ ଏଠାରେ ଏହି ଜିଲ୍ଲାରେ ଥିବା, ଚିକାଗୋର ସେବକମାନଙ୍କୁ ଭେଟିପାରିବି, ଏବଂ ସେମାନଙ୍କ ସହିତ ଅଧିକ ପରିଚିତ ହୋଇପାରିବି, ଏବଂ ଆମେ ପରସ୍ପର ସହିତ ଅଧିକ ପରିଚିତ ହୋଇପାରିବା । ଏବଂ ଏହି ସୁଯୋଗ ପାଇଁ ମୁଁ ନିଶ୍ଚିତ ଭାବରେ ପ୍ରଭୁଙ୍କୁ ଧନ୍ୟବାଦ ଦିଏ । କାରଣ, ମୁଁ ଏଠାରେ ଏହି ସହରକୁ ଅନେକ ଥର ଆସିଛି, ଏକ ମଣ୍ଡଳୀର ପ୍ରାୟୋଜନ ଅଧୀନରେ, ଏବଂ ଖ୍ରୀଷ୍ଟିଆନ ବ୍ୟବସାୟ ପୁରୁଷମାନଙ୍କ ପ୍ରାୟୋଜନ ଅଧୀନରେ; ତେଣୁକରି, ଭାଇମାନଙ୍କ ସଙ୍ଗଠନରେ ନିଜକୁ ପ୍ରକାଶ କରିବାର ଏକ ସୁଯୋଗ ସହିତରେ ନୁହେଁ ।

14 ଏବଂ—ଏବଂ ତାହାପରେ ମୁଁ ଚିନ୍ତା କଲି, ଆଉ ସେହିପରି ବହୁତ କିଛି ଅଛି ଯାହାକି ସର୍ବଦା ଏହିପରି ଏକ ସେବାକାର୍ଯ୍ୟକୁ ଅନୁସରଣ କରିଥାଏ, ଭଲ ଓ ମନ୍ଦ, ପୁଣି ଉତ୍‌ଥାନ-ପତନ, ଏପରି ହୋଇଥାଏ ଯେ ଅନେକ ଥର ଏହା କାହାରି ପାଇଁ ସେହି ବିଷୟରେ ଏକ ଭୁଲ ଧାରଣା କରିବା ସହଜ ହୋଇଯାଏ । ଏବଂ ମୁଁ ପରବର୍ତ୍ତୀ କିଛି ମିନିଟ୍ ଏହା ବ୍ୟାଖ୍ୟା କରିବାକୁ ଚେଷ୍ଟା କରିବା ହେତୁ ନେବା ପାଇଁ ଚାହେଁ ଏବଂ—ଏବଂ ମୋର ଭାଇମାନଙ୍କୁ ଏହା ସ୍ପଷ୍ଟ କରିବାକୁ ଚାହେଁ, ଯେତିକି ସ୍ପଷ୍ଟ ଭାବରେ ମୁଁ ଜାଣେ ଯେ ଏହାକୁ କିପରି କରିବାକୁ ଅଛି ।

15 ଆଉ ମୁଁ—ମୁଁ ସେହିପରି ଏକ—ଏକ କଥା ପ୍ରସ୍ତୁତ କରିବାରେ ଅଯୋଗ୍ୟ ଓ ଅସମର୍ଥ ଅଟେ ଯାହାକି ବୋଧହୁଏ ଶିକ୍ଷିତ ପୁରୁଷମାନଙ୍କୁ ବୋଧଗମ୍ୟ ପରି ମନେହୁଏ । ମୋର ଏକ ଶିକ୍ଷାଗତ ଯୋଗ୍ୟତା ନାହିଁ, ଏବଂ ମୋର ତାହା ଅଭାବ ଅଛି । କିନ୍ତୁ ମୁଁ ଥିଲି...ପ୍ରଭୁଙ୍କୁ ପ୍ରେମ କରେ । ଏବଂ ପ୍ରଭୁ ମୋତେ, ବୋଧହୁଏ, ପ୍ରାଣଗୁଡ଼ିକୁ ଜିଣିବାର ଅନ୍ୟ ଏକ ଉପାୟ ଦେଇଛନ୍ତି, ଏକ ଈଶ୍ୱରୀୟ ବରଦାନ ଦ୍ୱାରା, ଯାହାକି ହୁଏତ ସେହି ଶୂନ୍ୟସ୍ଥାନକୁ ପୂରଣ କରିପାରେ ଯାହା ମୋର ପିତାମାତା, ମୋତେ ଶିକ୍ଷା ଦେବାରେ ଅସମର୍ଥ ହୋଇଥିଲେ । ଏକ ଗରିବ ପରିବାରର ଗୋଟିଏ ଘରୁ, ଏବଂ ଦଶଜଣ ସନ୍ତାନ, ଓ ଏକ ଅସୁସ୍ଥ ପିତା, ଆଉ ମୁଁ ଶିକ୍ଷା ଲାଭ କରିବାର ସୁଯୋଗ ପାଇଲି ନାହିଁ । ତେଣୁ ତାହାପରେ, ମାତ୍ର, ଜନ୍ମ ସମୟରେ, ଏପରି କିଛି ଘଟିଥିଲା ଯାହାକି...ପରମେଶ୍ୱରଙ୍କ ସହିତ ଏକ ଅନୁଭୂତି, ମୋ ମାତା ଏବଂ ପିତାଙ୍କୁ ଜଣାଇଲି । ଏବଂ ଆପଣ ମୋର କାହାଣୀ ପଢ଼ିଛନ୍ତି । ଏବଂ, ତାହା ଦ୍ୱାରା, ମୁଁ ଆପଣ ଭାଇମାନଙ୍କ ସହିତରେ, ମୋର ଅଂଶକୁ କାର୍ଯ୍ୟ କରିବାରେ ଚେଷ୍ଟା କରେ, ଯେପରିକି ପାପୀମାନଙ୍କୁ ଖ୍ରୀଷ୍ଟଙ୍କ ନିକଟକୁ ଆଣେ । ଆଉ ବର୍ତ୍ତମାନ ମୁଁ...

16 ମୁଁ ଅନ୍ଧବିଶ୍ୱାସୀ ନୁହେଁ । କିନ୍ତୁ ମୁଁ ସଦାସର୍ବଦା, ବାକ୍ୟ ଉନ୍ମୋଚନ ପୂର୍ବରୁ, ମୁଁ ଲେଖକଙ୍କ ସହିତ ଟିକିଏ କଥା ହେବାକୁ ପସନ୍ଦ କରେ । ଆଉ କଅଣ ଆମେ ପୁନର୍ବାର କିଛି ସମୟ ପାଇଁ ମୁଣ୍ଡ ନୁଆଁଇ ପାରିବା କି ।

17 ଆମର ବହୁମୂଲ୍ୟ ପିତା, ତୁମେ ଆମର ପରମେଶ୍ୱର ଅଟ, ଏବଂ ଆମେ ସୁସମାଚାରର ତରଫରୁ ତୁମ ନିକଟକୁ ଆସୁଅଛୁ । ମୁଁ ତୁମର ସନ୍ତାନ, ତୁମର ପାଳକ, ଏବଂ ସମାନ ବହୁମୂଲ୍ୟ ବିଶ୍ୱାସ ଥିବା ଭାଇମାନଙ୍କ ସମ୍ମୁଖରେ ଅଛି । ଏବଂ ଏହି ପୁରୁଷମାନଙ୍କୁ ଶୁଣିବା ମୋ ହୃଦୟକୁ କିପରି ରୋମାଞ୍ଚିତ କରିଥାଏ ଯେଉଁମାନଙ୍କୁକି ପରମେଶ୍ୱରଙ୍କ ରାଜ୍ୟ ନିମନ୍ତେ, ଭୁଲ ବୁଝାଯାଇଥିଲା, ଏବଂ ଅନୁଷ୍ଠାନଗୁଡିକୁ ପଠାଯାଇଥିଲା; ଏହା ଦେଖିବାକୁ ଯେ ତୁମେ କିପରି ଶେଷ ଦିନରେ ତୁମର ସନ୍ତାନମାନଙ୍କୁ ଡାକୁଅଛ ।

18 ଏବଂ ପିତା, ଆମେ ପ୍ରକୃତରେ ବିଶ୍ୱାସ କରୁଅଛୁ, ଯେ ଆମେ ଦୌଡ଼ର ଶେଷରେ ବାସ କରୁଛୁ । ଯେପରିକି ଭବିଷ୍ୟଦ୍‌ବକ୍ତା କହିଥିଲେ, “ସନ୍ଧ୍ୟା କାଳରେ ଏହା ଦୀପ୍ତି ହେବ ।” ଏବଂ ଆଜି ଏହା ବିଶ୍ୱାସ କରୁଥିବା ହେତୁ ଯେ ଆମେ ତୁମ ଅନୁଗ୍ରହ ଦ୍ୱାରା, ଏହି ମହାନ ସୁସମାଚାର ଆଲୋକର ବାହକ ଅଟୁ, ତୁମେ ଆମକୁ ପୃଥିବୀର ପ୍ରାନ୍ତର ଶେଷ ପର୍ଯ୍ୟନ୍ତ ଘେନିଯିବାକୁ ଅନୁମତି ଦେଇଅଛ, ଯେଉଁଠାରେ ବି ଏହି ଉଦ୍ଦୀପନା ଯାଇଅଛି ।

19 ଏବଂ ପିତା, ମୁଁ ମୋର ହୃଦୟରୁ, ପ୍ରାର୍ଥନା କରୁଛି, ଯେ, ଯେ ତୁମେ ମୋତେ ଆଜି ସକାଳେ, ମୋ ଭାଇମାନଙ୍କୁ ଏହା ଜଣାଇବାକୁ ଦେବ, ଯେ ତୁମ ପାଇଁ ମୋ ଜୀବନର ଉଦ୍ଦେଶ୍ୟ ଏବଂ ଧ୍ୟେୟ କଅଣ ଅଟେ, ଯେପରିକି ସେମାନେ ବୁଝିପାରନ୍ତି । ଏହାକୁ ପ୍ରଦାନ କର, ଯେପରିକି ସୁସମାଚାରର ସମସ୍ତ କାର୍ଯ୍ୟରେ, ଆମ ପାଖରେ ସିଦ୍ଧ ପ୍ରେମ, ଏବଂ ସହଭାଗୀତା, ଏବଂ ସହ-ଯୋଗ ରହିପାରେ । କାରଣ ଆମେ ଯୀଶୁଙ୍କ ନାମରେ ଏହାକୁ ମାଗୁଅଛୁ, ଯିଏକି ପ୍ରାର୍ଥନା କରିଥିଲେ ଯେପରିକି ଆମେ ଏକ ହୋଇପାରିବା, ଯେପରି ସେ ଓ ତାହାଙ୍କର ପିତା ଏକ ଥିଲେ । ଏହାକୁ ବିଶ୍ୱାସ କରି, ଯେ, “ଏହା ସମସ୍ତ ଲୋକ ଜାଣିବେ ଯେ ତୁମେ ମୋର ଶିଷ୍ୟ ଅଟ, ଯେତେବେଳେ ତୁମଠାରେ, ଜଣେ ଅନ୍ୟ ପ୍ରତି ପରସ୍ପର ପ୍ରେମ ରହିଥିବ ।” ଆମେନ୍ ।

20 ବର୍ତ୍ତମାନ କେବଳ…ଆଉ ମୁଁ ଆଶା କରେ ଓ ଭରସା କରେ ଯେ ମୁଁ ଆପଣ ଭାଇ ଓ ଭଉଣୀମାନଙ୍କୁ, ଏହା ଉପରେ ବିରକ୍ତି କରେ ନାହିଁ । ମାତ୍ର ମୁଁ ଭାବୁଛି ଯେ ମୁଁ ନିଜକୁ ସ୍ୱଷ୍ଟ କରିବାକୁ ଚାହିଁବି, ଯେପରିକି ଆପଣଙ୍କୁ ତାହା ଶୁଣିବାକୁ ପଡ଼େ ନାହିଁ ଯାହା ଅନ୍ୟ କେହି କହିଅଛି । ଏବଂ ମୁଁ ଅନେକ ଥର, ଅନ୍ୟ ସେବକସ୍ତରୀୟ ସଭାଗୁଡିକରେ, ବ୍ୟାଖ୍ୟା କରିଅଛି, କିନ୍ତୁ ଚିକାଗୋ ଗୋଷ୍ଠୀକୁ ଏହା ମୋର ପ୍ରଥମ ଥର ଅଟେ, ଏବଂ ମୁଁ ନିଜକୁ ପ୍ରକୃତରେ ଭଲ ଭାବରେ ଜଣାଶୁଣା କରାଇବାକୁ ଚାହେଁ, ଯେଉଁ ବିଷୟକି ମୁଁ କରିବାକୁ ଚେଷ୍ଟା କରୁଛି ।

21 ସେହି ଆଶୀଷିତ ପୁରାତନ ସୁସମାଚାରରେ, ପ୍ରେରିତ ପୁସ୍ତକର 2ୟ ପର୍ବରେ, ଆମେ ପାଠ କରୁ:

*ଅତଏବ, ହେ ରାଜନ୍ ଆଗ୍ରିପ୍‌ପା, ମୁଁ ସେହି ସ୍ୱର୍ଗୀୟ ଦର୍ଶନର ଅବାଧ୍ୟ ହେଲି ନାହିଁ:*

22 ଏହା, ଅବଶ୍ୟ, ପାଉଲ କହୁଛନ୍ତି। ଯାହାକି, ଆମେ ସମସ୍ତେ, ସେବକ ଭାବରେ, ତାଙ୍କୁ ଉଦ୍ଧୃତ କରିବାକୁ ପସନ୍ଦ କରୁ, କାରଣ ସେ...ଆମେ, ଏକମତ ଭାବରେ, ବିଶ୍ୱାସ କରୁ ଯେ ସେ ବିଜାତି ମଣ୍ଡଳୀ ନିମନ୍ତେ ପ୍ରେରିତ ଥିଲେ, ଯାହାକୁ ପରମେଶ୍ୱର ବିଜାତିମାନଙ୍କ ନିମନ୍ତେ ଏକ—ଏକ ସାକ୍ଷୀ ହେବା ପାଇଁ ଡାକିଥିଲେ। ଆଉ ତାଙ୍କର ସେବାକାର୍ଯ୍ୟକୁ ଏଠାରେ ପ୍ରଶ୍ନ କରାଯାଇଥିଲା।

23 ଏବଂ ସାଧାରଣତଃ, ଯେକୌଣସି ବିଷୟ ଯାହାକି ଅସାଧାରଣ ଯଦି ତାହା ଉଠି ଆସେ, ତାହାକୁ ପ୍ରଶ୍ନ କରାଯାଇଥାଏ। ଏହା ହୋଇଥାଏ, ଆଉ ମୁଁ ଭାବୁଛି ଯେ ଏହା ଅଧିକନ୍ତୁ ଠିକ୍ ନୁହେଁ; ଏହାକୁ ପ୍ରଶ୍ନ କରାଯିବା ଉଚିତ୍। ଏବଂ ମୁଁ ଭାବୁଛି ଯେ ପାଳକମାନେ ବେଳେ ବେଳେ ସେହି ବିଷୟରେ—ରେ ସନ୍ଦେହ କରନ୍ତି ଯାହା ସେମାନେ ଶୁଣିଥାନ୍ତି, ଆଉ ମୁଁ ଭାବୁଛି ଯେ ସେମାନଙ୍କର ତାହା କରିବାର ଏକ ଅଧିକାର ଅଛି। କାରଣ, ଯଦି ମୁଁ *ପାଳକ* ଶବ୍ଦର ଅନୁବାଦ ବୁଝେ, ତାହାର ଅର୍ଥ ହେଉଛି ଏକ "ମେଷପାଳକ।" ଏବଂ, ତେଣୁକରି, ସେ ଏକ—ଏକ—ଏକ ପରିପୋଷଣକାରୀ, କିମ୍ବା ଏକ ଚରୁଆ, ଯାହାଙ୍କର ଉପରେ ପବିତ୍ରଆତ୍ମା ତାଙ୍କୁ ତତ୍ତ୍ୱାବଧାରକ କରି ରଖିଛନ୍ତି। ଏବଂ ତାଙ୍କର ଏହା ଜାଣିବାର ଏକ ଅଧିକାର ଅଛି ଯେ ତାଙ୍କର ମେଣ୍ଢାମାନେ କେଉଁ ପ୍ରକାରର ଏକ ଖାଦ୍ୟ ଗ୍ରହଣ କରୁଛନ୍ତି ଏବଂ ତାହା କେଉଁଠାରୁ ଆସୁଛି। ମୁଁ ଭାବୁଛି ତାଙ୍କର ଏଥିପାଇଁ ଏକ ଅଧିକାର ଅଛି।

24 ଏବଂ ଯଦି ଜଣେ ପାଳକ, କିମ୍ବା ବେଳେବେଳେ ଲୋକମାନେ, ଟିକେ ସନ୍ଦେହଜନକ ହେବା ପରି ମନେ ହୁଅନ୍ତି, ତାହା ନୁହେଁ, କଦାପି, କାହାକୁ ବ୍ୟଥିତ କରିବା ଉଚିତ୍ ନୁହେଁ। ଏହା କେବଳ ଜଣେ ମନୁଷ୍ୟର ହୃଦୟରେ ଏକ ସମ୍ମାନକୁ ଆଣିବା ଉଚିତ୍, ସେମାନଙ୍କ ମଧ୍ୟରୁ ଜଣେ ପୁରୁଷ ନିମନ୍ତେ, ଯିଏକି ଛିଡ଼ା ହୋଇଛନ୍ତି, ଯିଏ ଏହାକୁ ପ୍ରଶ୍ନ କରନ୍ତି। ଏବଂ, ସର୍ବଶେଷରେ, ଯଦି ଆପଣ ଏଥିରେ ସୁନିଶ୍ଚିତ ନୁହଁନ୍ତି ଯେ ଆପଣ ଠିକ୍ ଭାବରେ ରହିଛନ୍ତି କି ନାହିଁ, ତେବେ ଆପଣ କିପରି ଭାବରେ ବିଶ୍ୱାସ ଦ୍ୱାରା ଗମନାଗମନ କରିବେ?

25 ଯଦି ଆପଣ ନିଜ ମନରେ ଏହା ରଖିବେ...ତେବେ, ଏହା ମନୋବିଜ୍ଞାନ ପରି ମନେ ହୁଏ; ଯାହାକି ବୋଧହୁଏ ଏହା ଅଟେ, ଏବଂ ଏହା ଅଟେ, କିନ୍ତୁ ଏହା ଠିକ୍ ଅଟେ। କିନ୍ତୁ ଆପଣ ପ୍ରକୃତରେ, ନିଜ ହୃଦୟରୁ, ଯଦି ଭାବିବେ ଯେ ଆପଣ କେବେବି ମେଜରୁ ଉଠିବେ ନାହିଁ, ତାହାହେଲେ ସମ୍ଭବତଃ ଆପଣ ଉଠିବେ ନାହିଁ। ବୁଝିଲେ? ଆପଣ ପାଇଛନ୍ତି...ଏହା ତ ସେତିକି ସରଳ ଅଟେ।

26 ଆପଣଙ୍କୁ ତ ବିଶ୍ୱାସ କରିବାକୁ ଅଛି। ଆପଣଙ୍କୁ ବିଶ୍ୱାସ ରଖିବା ଆବଶ୍ୟକ। ଆପଣଙ୍କୁ ଭରସା ରଖିବା ଆବଶ୍ୟକ। ଏବଂ ଆପଣ ଯେକୌଣସି ବିଷୟ ଉପରେ କିପରି ଭରସା ରଖିପାରିବେ ଯାହାକି ଆପଣ—ଯାହାକି ଆପଣ ଏହା ସୁଦ୍ଧା ଜାଣନ୍ତି ନାହିଁ ଯେ ଆପଣ

କେଉଁଠାକୁ ଯାଉଛନ୍ତି? କିପରି ଭାବରେ ମୁଁ ଏକ ରାସ୍ତାରେ ଯାତ୍ରା କରିପାରିବି ଯାହାକି ମୁଁ ପୂର୍ବରୁ କେବେ ଯାଇ ନାହିଁ, ପୁଣି ଏକ ଅତ୍ୟଧିକ ଦୃତ ବେଗରେ, ଆଉ ଚାରିଆଡ଼େ ବକ୍ର ରହିଥାଏ, ଏହା ନ ଜାଣି ଯେ ପରବର୍ତ୍ତୀ ବକ୍ର କଅଣ ଧାରଣ କରେ? ଆପଣଙ୍କୁ ତ ଏହା ଦେଖିବାକୁ ଅଛି ଯେ ଆପଣ କେଉଁଠାକୁ ଯାଉଛନ୍ତି, ନତୁବା ଆପଣ ଜାଣନ୍ତି ନାହିଁ ଯେ କିପରି ଚାଲିବାକୁ ଅଛି। ଆଉ ସେହି ପ୍ରକାରେ ସମସ୍ତେ ହେବା ଉଚିତ୍। ଏବଂ ତାହାପରେ ଯେତେବେଳେ ଆପଣ ହୋଇପାରନ୍ତି, ଆପଣ ଏହାକୁ ଦେଖନ୍ତି, ଏହା ଆପଣଙ୍କଠାରେ ପ୍ରକାଶିତ ହୋଇଥାଏ, ଆଉ ଆପଣ ଜାଣନ୍ତି ଯେ ଆପଣ କେଉଁଠାକୁ ଯାଉଛନ୍ତି, ତେବେ କୌଣସି ବିଷୟ ଆପଣଙ୍କୁ ଅଟକାଇବାକୁ ଯାଉ ନାହିଁ।

27 ଏବଂ ତାହାହିଁ ଅଟେ, ଯାହା ମୁଁ ଭାବୁଛି ଯେ, ପାଉଲ, ସେ ଏଠାରେ ଆଗ୍ରିପ୍ପାକୁ ତାହା ବୁଝାଇବାକୁ ଚେଷ୍ଟା କରୁଥିଲେ। ଯାହାକି, ସେ—ସେ ସେମାନଙ୍କୁ କହିଥିଲେ ଯେ, "ଥରେ ମୁଁ ତୁମମାନଙ୍କ ମଧ୍ୟରୁ ଜଣେ ଥିଲି।"

28 ଏବଂ ମୁଁ ଭାବୁଛି, ବୋଧହୁଏ, ଯଦି—ଯଦି ଏହି ବାପ୍ଟିଷ୍ଟ ଭାଇ, ପୁଣି ଆଜି ସକାଳେ ବାପ୍ଟିଷ୍ଟ ମଣ୍ଡଳୀକୁ ଯାଇପାରନ୍ତି, ସେ ଓ ତାଙ୍କର ପତ୍ନୀ, ତାହା ବୋଧହୁଏ ସେମାନଙ୍କର ସାକ୍ଷ୍ୟ ହେବ "ମୁଁ—ମୁଁ ଥରେ ତୁମମାନଙ୍କ ମଧ୍ୟରୁ ଜଣେ ଥିଲି।"

29 କିମ୍ବା, ଚର୍ଚ୍ଚ ଅଫ୍ କ୍ରାଇଷ୍ଟ, ଅବା ଏଠାରେ ଥିବା ସେହି—ସେହି କ୍ୟାମ୍ପବେଲାଇଟ୍ ଭାଇ, ତାଙ୍କର ଲୋକମାନଙ୍କ ନିକଟକୁ—କୁ ଯାଆନ୍ତି। ମୁଁ ବିଶ୍ୱାସ କରେ ଯେ ଏହାକୁ ଏକ ଉତ୍ତମ ନାମରେ ଡକାଯାଏ; ଖ୍ରୀଷ୍ଟଙ୍କ ଶିଷ୍ୟମାନେ, ସେମାନେ ଏହାକୁ ଡାକନ୍ତି, କିନ୍ତୁ ଏହା ପ୍ରକୃତରେ ଆଲେକଜାଣ୍ଡାର୍ କ୍ୟାମ୍ପବେଲ୍ ସିଦ୍ଧାନ୍ତ ସପକ୍ଷରେ ଅଟେ। ଏବଂ ତାହାପରେ ଚର୍ଚ୍ଚ ଅଫ୍ କ୍ରାଇଷ୍ଟ ସଂଗୀତକୁ ନେଇ, ତୁମଠାରୁ ପୃଥକ ହୋଇଗଲା। ତାହା ଠିକ୍, ନୁହେଁ କି? ଏବଂ ଯଦି ସେ ସେମାନଙ୍କ ନିକଟକୁ ଫେରି ଯାଇପାରନ୍ତି, ସେ କହିବେ, "ମୁଁ ତୁମମାନଙ୍କ ମଧ୍ୟରୁ ଥରେ ଥିଲି।"

30 ଏବଂ ପାଉଲ ଏଠାରେ ରାଜା ଆଗ୍ରିପ୍ପା, ଏବଂ ଫେଷ୍ଟଙ୍କ ନିକଟକୁ, ଫେରିଯାଇ କହିଲେ, "ମୁଁ ତୁମମାନଙ୍କ ମଧ୍ୟରୁ ଥରେ ଥିଲି। ମୁଁ ଫାରୂଶୀମାନଙ୍କର ଫାରୂଶୀ ଥିଲି।" ସେ ମହାନ ଶିକ୍ଷକ, ଗମଲିୟେଲଙ୍କ ଅଧୀନରେ ଶିକ୍ଷାଲାଭ କରିଥିଲେ, ଏବଂ ସେ ସେମାନଙ୍କର ସମସ୍ତ ବିଧି ଏବଂ ଅଧିନିୟମଗୁଡିକ ଜାଣିଥିଲେ, ଏବଂ ସେମାନେ ଯେ କେବଳ କଅଣ ବିଶ୍ୱାସ କରୁଥିଲେ ଏବଂ ସେମାନେ କଅଣ ବିଶ୍ୱାସ କରୁ ନ ଥିଲେ। ଆଉ କହିଲେ, "ଏପରିକି ମୁଁ ପରମେଶ୍ୱରଙ୍କ ମଣ୍ଡଳୀକୁ ପ୍ରାଣଦଣ୍ଡ ପର୍ଯ୍ୟନ୍ତ ତାଡ଼ନା କରିଥିଲି।" ବୁଝିଲେ? ସେ କହିଲେ, "ଠିକ ଯେଉଁ ବିଷୟରେ ମୁଁ ପ୍ରଶ୍ନ କରାଯାଉଅଛି, ମୁଁ ତାର ଜଣେ ନିର୍ଯାତକ ଥିଲି।"

31 ଏବଂ ମୁଁ ସବୁବେଳେ ଏହା ଚିନ୍ତା କରିଛି ଯେ ସ୍ତିଫାନ୍‌ଙ୍କ ମୃତ୍ୟୁ ନିଶ୍ଚିତ ଭାବରେ ପାଉଲଙ୍କ ମସ୍ତିଷ୍କ ଭିତରେ ପ୍ରଭାବ ପକାଇଥିବ, କାରଣ ଯେତେବେଳେ ସେ ସ୍ତିଫାନ୍‌ଙ୍କ ମୁଖମଣ୍ଡଳରେ ସେହି ଗୌରବମୟ ପ୍ରତାପକୁ ଦେଖିଥିଲେ। ଯେତେବେଳେ ସେ ଉପରକୁ ଚାହିଁଲେ,

ଏବଂ ପଥର ଢେଲାଗୁଡିକ ତାଙ୍କୁ ପ୍ରହାର କରି ହତ୍ୟା କରୁଥିଲା, ଆଉ ସେ କହିଥିଲେ, "ମୁଁ ଯୀଶୁଙ୍କୁ ପରମେଶ୍ୱରଙ୍କ ଡାହାଣ ପଟେ ଛିଡ଼ା ହୋଇଥିବାର ଦେଖୁଛି ।" ଏବଂ ଆପଣ ଜାଣନ୍ତି, ଆପଣ ଜଣେ ବାର୍ତ୍ତାବହକୁ ହତ୍ୟା କରିପାରନ୍ତି, କିନ୍ତୁ ଆପଣ ତାଙ୍କର ବାର୍ତ୍ତାକୁ କଦାପି ହତ୍ୟା କରିପାରିବେ ନାହିଁ । ଏବଂ ସେହି ବାର୍ତ୍ତା, ଯଦିଓ ସ୍ତିଫାନ୍ ଯୀଶୁଙ୍କ ସହିତ ଛିଡ଼ା ହେବାକୁ ଚାଲିଗଲେ, ତଥାପି, ତାଙ୍କର ବାର୍ତ୍ତା ଅତ୍ୟଧିକ ସମୟ ପାଇଁ ରହିଥିଲା, କାରଣ ପାଉଲ ଏହା ବିଷୟରେ କଥା କହିବା ଜାରି ରଖିଥିଲେ, ଏବଂ, କଅଣ, ସେ ସେମାନଙ୍କ ମଧ୍ୟରୁ "ସର୍ବନିମ୍ନ" ଥିଲେ, ଏବଂ ସେମାନଙ୍କ ମଧ୍ୟରେ ଜଣେ କୁହାଇବାକୁ ଯୋଗ୍ୟ ମଣ୍ଣ ନ ଥିଲେ, କାରଣ ସେ ସାକ୍ଷୀ ହୋଇଥିଲେ ଏବଂ—ଏବଂ ଏହି ଧାର୍ମିକ ବ୍ୟକ୍ତିଙ୍କୁ ହତ୍ୟା କରିବାରେ ତାଙ୍କର ଅଭିମତ ଦେଇଥିଲେ ।

32 ଆଉ ତେଣୁକରି, ପାଉଲ, ପୂର୍ବବର୍ତ୍ତୀ ସମସ୍ତ ପୁରୁଷମାନଙ୍କ ପରି ଯାହା ପୁରୁଷମାନେ କରିବା ଉଚିତ, ପାଉଲ ନିଜର—ନିଜର ଅଭିଜ୍ଞତାକୁ ନେଲେ, ପଛରୁ, ଆରମ୍ଭରେ, ଯାହା ସେ ଥିଲେ; ଏବଂ ତାହାପରେ ଏହାକୁ ରଖିଲେ ଓ ଶାସ୍ତ୍ର ଉପରେ ଆଧାରିତ କଲେ, ଏହା ଦେଖାଇବା ପାଇଁ ଯେ ସେ ଯାହା କରୁଥିଲେ ତାହା ଶାସ୍ତ୍ରସଙ୍ଗତ ଥିଲା । ଯଦିଓ ଏହା ସେମାନଙ୍କ ବିଶ୍ୱାସର ବିପରୀତ ଥିଲା, ତଥାପି ସେ ସେମାନଙ୍କୁ ଦର୍ଶାଇଥିଲେ ଯେ ତାହା ଶାସ୍ତ୍ରସଙ୍ଗତ ଥିଲା ।

33 ତେଣୁ, ମୁଁ ଭାବୁଛି ଯେ ଆମେ...ଯେକୌଣସି ବିଷୟ, ଯେପରି ମୁଁ ପ୍ରାୟତଃ କହିଅଛି, ଭାଇମାନେ, ଆପଣ ଯେଉଁମାନେକି ସଭାରେ ରହି ଆସିଛନ୍ତି, ଯେ, ଯଦି ମୁଁ କେବେ ଏପରି କଥା କହୁଥିବାର ଧରା ପଡ଼େ ଯାହାକି ଶାସ୍ତ୍ରସଙ୍ଗତ ନୁହେଁ, ତେବେ ମୁଁ ଭାବୁଛି ଏହା ସତ ଅଟେ ଯେ...କିମ୍ବା ଅନ୍ୟ କୌଣସି ଭାଇ, ଆମେ ପରସ୍ପର ନିକଟକୁ ଆସି ଏହା କହିବା ଉଚିତ୍, "ତାହା ବାଇବଲରେ ମିଳେ ନାହିଁ," ଆପଣ ଦେଖନ୍ତୁ । ଯଦି ଏହା ବାଇବଲରେ ଅଛି, ଆପଣଙ୍କର ଏକ ଭିନ୍ନ ବ୍ୟାଖ୍ୟା ଥାଇପାରେ; କିନ୍ତୁ, ଏହା, ଯଦି ଏହା ଶାସ୍ତ୍ରରେ ଅଛି, ତାହାହେଲେ ଠିକ୍ ଅଟେ ।

34 ତେବେ, ପାଉଲ ନିଜର ବ୍ୟାଖ୍ୟା ଦେଉଥିଲେ ଯାହାକି ଭବିଷ୍ୟଦ୍‌ବକ୍ତା କହିଥିଲେ, ଏବଂ ଯାହା ମୋଶା କହିଥିଲେ, ତାହା ସଫଳ ହେବାକୁ ଯାଉଥିଲା । ଏବଂ ଗୋଟିଏ ଦର୍ଶନରେ, ସେ ମାର୍ଗରେ ଯୀଶୁଙ୍କୁ ଭେଟିଥିଲେ । ଆଉ ଏହି ଯୀଶୁ ତାଙ୍କୁ ଡାକିଥିଲେ ।

35 ଯାହାକି, ଏହା ସେହି ଯିହୁଦୀମାନଙ୍କ ପାଇଁ କଷ୍ଟସାଧ୍ୟ ବିଷୟ ହେବା କଥା ନୁହେଁ, ଯେପରିକି ସେ କହିଥିଲେ, "ଅତ୍ୟନ୍ତ ମହାମହିମ ଫେଷ୍ଟ," ଏବଂ—ଏବଂ ଇତ୍ୟାଦି, ଯେ ତାହା..."କଅଣ ଏହା ଆପଣଙ୍କ ପାଇଁ ଏକ ଅଦ୍ଭୁତ ବିଷୟ ହେବ କି, ଯେ ପରମେଶ୍ୱର ମୃତମାନଙ୍କୁ ପୁନରୁତ୍‌ଥିତ କରନ୍ତି?" ବୁଝିଲେ? "କାରଣ ଯଦି ଆପଣ ସେହି—ସେହି ଶାସ୍ତ୍ରଗୁଡିକ ଦ୍ୱାରା ଜାଣିଥିବେ, ଯେ ପରମେଶ୍ୱର ସେଠାରେ ପଶ୍ଚାତ ସମୟରେ କଅଣ ଥିଲେ, ନିଶ୍ଚିତରେ ଆପଣ ଜାଣିବେ ଯେ ସେ ମୃତମାନଙ୍କୁ ପୁନରୁତ୍‌ଥିତ କରିବାରେ ସକ୍ଷମ ଅଟନ୍ତି ।"

36 ଏବଂ ତାହାପରେ ସେ କହିଲେ, ସେ ସେମାନଙ୍କୁ ତାହା ବିଷୟରେ ଯାହାକି ଦମ୍ମେଶକକୁ ଯିବା ବାଟରେ ଘଟିଥିଲା, ତାଙ୍କର ଅନୁଭୂତିର ବିବରଣୀ ଦେଲେ, ଯେପରିକି, ସେମାନେ ଏହା ଜାଣି ଯାଆନ୍ତୁ ଯେ ଏହି ଯୀଶୁ ଯାହାଙ୍କୁ—ଯାହାଙ୍କୁ ତାଙ୍କର ପ୍ରଚାର କରିବା ବିଷୟ ନେଇ ସେମାନେ ଏତେ ଗଣ୍ଡଗୋଳ କରୁଛନ୍ତି, ଠିକ୍ ସେହି ସମାନ ପରମେଶ୍ୱର ହିଁ ଅଟନ୍ତି ଯାହାକୁ ସେମାନେ ସବୁ ସମୟରେ ସେବା କରି ଆସିଥିଲେ । କାରଣ, ସେ ସେମାନଙ୍କ ସହିତ ପ୍ରାନ୍ତରରେ ଥିଲେ, ଯିଏକି ସେହି ଆଲୋକ ଭାବରେ, ସେମାନଙ୍କୁ କଢେଇ ନେଇଥିଲେ; ସେହି ଅଗ୍ନି, ଅଗ୍ନିସ୍ତମ୍ଭ ରୂପେ ଯାହା ସେମାନଙ୍କୁ ମାର୍ଗଦର୍ଶନ କରିଥିଲା । ଏବଂ ସେ ପାଉଲଙ୍କୁ ସେହି ସମାନ ବିଷୟରେ ଦେଖା ଦେଲେ, ପୁନର୍ବାର ସେହି ଆଲୋକରେ, ଯାହାକି ତାଙ୍କୁ ଅନ୍ଧ କରିଦେଇଥିଲା । ଏବଂ ସେ ପଚାରିଲେ, "ହେ ପ୍ରଭୁ, ତୁମେ କିଏ?"

37 ଆଉ ସେ ଉତ୍ତର ଦେଇ କହିଲେ, "ମୁଁ ଯୀଶୁ, ଯାହାକୁ ତୁମେ ତାଡ଼ନା କରୁଅଛ । ଏବଂ ତୁମର ପାଞ୍ଚଣ କଣ୍ଟା-ମୁନରେ ଗୋଇଠା ମାରିବା କଷ୍ଟକର ।"

38 ଆଉ ସେ ସେମାନଙ୍କୁ ତାହା କଅଣ ଥିଲା ବୁଝାଇବାକୁ ଚେଷ୍ଟା କରିଥିଲେ, ଏବଂ—ଏବଂ ସେ ସେମାନଙ୍କୁ ଶିଖାଇବାକୁ ଚେଷ୍ଟା କରିଥିଲେ ଯେ, ତାହା କଅଣ ଥିଲା ଯାହା ସେ ଲୋକମାନଙ୍କ ନିକଟରେ ଉପସ୍ଥାପନ କରୁଥିଲେ, ତାହା ଥିଲା, ଯେ, "ଯୀଶୁ ଖ୍ରୀଷ୍ଟ ହିଁ ମଶୀହ ଥିଲେ," ପୁଣି ଯେ, "ସେ ମରି ଯାଇଥିଲେ, ଓ ପରମେଶ୍ୱର ତାହାଙ୍କୁ ପୁନରୁତ୍‌ଥିତ କରିଥିଲେ ।" ଏବଂ ତାହା ଶାସ୍ତ୍ର ଅନୁସାରେ ଥିଲା । ଆଉ ଯେ, "ସେ ବର୍ତ୍ତମାନ ମହାମହିମ, ପରମପିତା ପରମେଶ୍ୱରଙ୍କ ନିକଟକୁ ଆରୋହଣ କରିଥିଲେ," ଏବଂ ଯେ—ଯେ ସେ ତାଙ୍କର ପୁନରୁତ୍‌ଥାନର ସାକ୍ଷୀ ଥିଲେ । ପୁଣି, ଯେ, ଏହି ଚମତ୍କାର, ଓ ଚିହ୍ନମାନ, ଏବଂ ଆଶ୍ଚର୍ଯ୍ୟକର୍ମ, ଯାହାକି ଲୋକମାନଙ୍କ ସମ୍ମୁଖରେ ଅଦ୍ଭୁତ ଥିଲା, ତାହା ଜଣେ ପ୍ରକୃତ, ଶାସ୍ତ୍ରସଙ୍ଗତ ବିଶ୍ୱାସୀଙ୍କ ପାଇଁ କିଛି ନୂଆ ନୁହେଁ, କାରଣ ବାଇବଲ ତାହା ବିଷୟରେ କହି ସାରିଥିଲା ।

39 ପଶ୍ଚାତ ସମୟରେ ଭବିଷ୍ୟଦ୍‌ବକ୍ତାମାନଙ୍କୁ ଦେଖନ୍ତୁ, ଯେ ଏହା କିପରି ଭବିଷ୍ୟଦ୍‌ବାଣୀ କରା ଯାଇଥିଲା, ଯେ, ମଶୀହଙ୍କ ଆଗମନରେ କଅଣ ହେବ, ଏବଂ ସେ କଅଣ କରିବେ, "ଛୋଟା ଲୋକ ହରିଣଶାବକ ପରି ଡିଆଁ ମାରିବ," ଯିଶାଇୟ 35 ରେ ଏବଂ ବିଭିନ୍ନ ଶାସ୍ତ୍ରାଂଶରେ ଯାହା ସେ ଉଲ୍ଲେଖ କରି ପାରିଥାନ୍ତେ । ଏଠାରେ ଆମ ପାଖରେ ତାହା ଲିଖିତ ଭାବରେ ରଖା ହୋଇନାହିଁ, କିନ୍ତୁ ବୋଧହୁଏ ରାଜାମାନଙ୍କ ସମ୍ମୁଖରେ ତାଙ୍କର କ୍ଷୁଦ୍ର ଭାଷଣରେ ପଛକୁ ଯାଇ ଏହାକୁ ଉଲ୍ଲେଖ କରିବା; କାରଣ, ସମ୍ଭବତଃ ସେମାନେ ତାଙ୍କ ସହିତ ସେତିକି ଧୈର୍ଯ୍ୟବାନ ହେବେ ନାହିଁ ଯେତିକି ଆପଣ ମୋ ସହିତ ଅଟନ୍ତି । ତେଣୁକରି, ଏବଂ ତାହାପରେ ସେ—ସେ ତାହାକୁ ବୁଝାଇଥିଲେ ଏବଂ ସେମାନଙ୍କୁ ଏହା ଜଣାଇବାକୁ ଚେଷ୍ଟା କରିଥିଲେ ଯେ ଠିକ୍ ସେହି ସମାନ ପରମେଶ୍ୱର ଯାହାଙ୍କୁ ସେମାନେ ସେବା କରିଥିଲେ...

40 ଏବଂ ତାହାପରେ, ପୁଣିଥରେ, ସେ କହିଲେ, "ଯେଉଁ ଉପାୟରେ ଏହାକୁ *ବିଧର୍ମ* ବୋଲି କୁହାଯାଏ," ଅର୍ଥାତ, "ପାଷାଣ୍ଡ," ଦେଖନ୍ତୁ । "ଯେଉଁ ଉପାୟରେ ଏହାକୁ ବିଧର୍ମ ବୋଲି

କୁହାଯାଏ, ସେହି ଉପାୟରେ ମୁଁ ପରମେଶ୍ୱରଙ୍କୁ ଉପାସନା କରେ ଯାହାଙ୍କୁ ତୁମେ ଉପାସନା କରିଥାଅ ।” ଦେଖନ୍ତୁ, “ଯେଉଁ ଉପାୟରେ ଏହାକୁ ବିଧର୍ମ ବୋଲି କୁହାଯାଏ ।”

41 ମୁଁ ସୁନିଶ୍ଚିତ ଯେ, ଆଜି, ଯଦି ଆମେ ସେହି ପୂର୍ବ ମଣ୍ଡଳୀଗୁଡ଼ିକ ସହିତ ଛିଡା ହେବା ଯାହାଙ୍କ ସହିତ ଆମେ ସମ୍ପୃକ୍ତ ଥିଲୁ, ଯଥା ପ୍ରେସ୍‌ବିଟେରିଆନ୍, କ୍ୟାଥୋଲିକ୍, ବାପ୍‌ଟିଷ୍ଟ, ଏବଂ ଭିନ୍ନ ଭିନ୍ନ ଜଣ, ଆମେ ସେହି ସମାନ ସାକ୍ଷ୍ୟ ସେହି ଲୋକମାନଙ୍କୁ କହିପାରିବା ଯେଉଁମାନେ କୁହନ୍ତି ଯେ ସେମାନେ ଚାହାଁନ୍ତି, ଯେପରିକି, ଭାଇକୁ ଏକ ମାନସିକ ସମସ୍ୟା ଥିବା ୱାର୍ଡରେ ରଖିଦେବା, କିମ୍ବା ସେହିପରି କିଛିରେ ରଖିବା । “ଯେଉଁ ଉପାୟରେ ଏହାକୁ ବିଧର୍ମ ବୋଲି କୁହାଯାଏ, ସେହି ଉପାୟରେ ମୁଁ ଆମର ପିତୃପୁରୁଷଙ୍କ ପରମେଶ୍ୱରଙ୍କୁ ଉପାସନା କରେ ।”

42 ଆଉ ତାହା ଆଗ୍ରିପ୍ପାଙ୍କ ଆଗରେ କି ଏକ ମହାନ୍ ସାକ୍ଷ୍ୟ ଥିଲା, ଏପରିକି ତାଙ୍କର କଥାବାର୍ତ୍ତା ମଝିରେ, ଆଗ୍ରିପ୍ପା ଚିତ୍କାର କରି ଉଠିଲେ, ଏବଂ କହିଲେ, “ପାଉଲ, ଶାଉଲ, ତୁମ୍ଭେ ଆମ୍ଭକୁ ଜଣେ ଖ୍ରୀଷ୍ଟିଆନ କରି ପାର ବୋଲି ମନେ କରୁଅଛ ।” ଦେଖନ୍ତୁ, କିପରି, ସେ ଶାସ୍ତ୍ରଗୁଡ଼ିକୁ ଏତେ ସ୍ୱଷ୍ଟ ଭାବରେ ଉପସ୍ଥାପନ କଲେ, ଯଦ୍ୟପି ତାହା ତାଙ୍କର ନିଜ ସମାଜଗୃହର ବିରୁଦ୍ଧରେ ଥିଲା । କିନ୍ତୁ ଶାସ୍ତ୍ର ଏତେ ସିଦ୍ଧରୂପେ ସ୍ୱଷ୍ଟ ଥିଲା ଯେ, ଏପରିକି ସେ କହିଲେ, “ତୁମ୍ଭେ ଆମ୍ଭକୁ ତୁମ ପରି କରି ପାର ବୋଲି ପ୍ରାୟଃ ମନେ କରୁଅଛ ।”

43 ପାଉଲ କହିଲେ, “ମୁଁ ଇଚ୍ଛା କରେ ଯେ ତୁମେ, ସଂପୂର୍ଣ୍ଣ ଭାବରେ ହୋଇଯାଅ, କେବଳ ମୁଁ ଚାହେଁ ନାହିଁ ଯେ ତୁମେ ଏହି ବନ୍ଧନରେ ରୁହ ଯେଉଁଥିରେ ମୁଁ ଅଛି,” ଆପଣ ଦେଖନ୍ତୁ, କିନ୍ତୁ ତାଙ୍କ ପରି ଜଣେ ବିଶ୍ୱାସୀ ହେବା । ଅନ୍ୟ ଶବ୍ଦରେ କହିବାକୁ ଗଲେ, ଯଦି ମୁଁ…“ମୁଁ ପରମେଶ୍ୱରଙ୍କଠାରେ ଇଚ୍ଛା କରେ ଯେ ତୁମେ ପ୍ରକାଶନକୁ ସେହିପରି ଦେଖ ଯେପରିକି—ଯେପରିକି ମୁଁ ଏହାକୁ ଦେଖେ ।” ଭିନ୍ନ ଅର୍ଥରେ, “ମୁଁ—ମୁଁ ଇଚ୍ଛା କରେ ଯେ କାଳେ ତୁମେ ତାହା କରିପାରନ୍ତ ।” ବୁଝିଲେ? “ମୁଁ କେବଳ ଇଚ୍ଛା କରେ ଯେ ତୁମେ କରନ୍ତ ।”

44 ଯେତେବେଳେ, ଫେଷ୍ଟ, ମୁଁ ବିଶ୍ୱାସ କରେ, ତାଙ୍କୁ କହିଲେ ଯେ ସେ “ବହୁ ବିଦ୍ୟା ଅଧ୍ୟୟନ” କରିଛନ୍ତି, ତାଙ୍କର “ମୁଣ୍ଡ ପାଗଳ ହୋଇଯାଇଛି ।” ମାତ୍ର ସେ ତାଙ୍କୁ ଜଣାଇଲେ ଯେ ସେ—ଯେ ସେ ନ ଥିଲେ; ଯେ ସେ—ସେ ଜାଣିଥିଲେ ସେ କେଉଁଠାରେ ଅଛନ୍ତି ।

45 ଆଉ ଭାଇମାନେ, ଆଜି ସକାଳେ, ମୁଁ ଏହା କହିବି । ମୁଁ ସଂପୂର୍ଣ୍ଣ ଭାବେ ଇଚ୍ଛା କରେ ଯେ ମୁଁ କରିପାରନ୍ତି…ପାଉଲଙ୍କ ଜୀବନକୁ ସୂଚାଉ ନାହିଁ, ବରଂ ଏକ ଛୋଟ ମୌଳିକ କଥା କହିବା ପାଇଁ । କାରଣ, ଏଠାରେ ଆହୁରି ଅନେକେ ଅଛନ୍ତି ଯେଉଁମାନେକି ବୋଧହୁଏ ଆଜି ସକାଳେ କହିବେ, କିନ୍ତୁ ମୁଁ ଏହା କହିବା ପାଇଁ ଏହି ସୁଯୋଗ ଚାହୁଁଥିଲି । ତେବେ ମୁଁ ଚାହେଁ ଯେ ପ୍ରତ୍ୟେକ ଭିନ୍ନ ମଣ୍ଡଳୀ, ଯେତେବେଳେ ମୁଁ ଶୁଣେ ଯେ ଆପଣମାନେ ନିଜ ନିଜର ସ୍ଥାନକୁ ଯାଆନ୍ତି, ବେଥେଲ୍ ଟେମ୍ପଲ, ସ୍ୱାଧୀନ, ଆସେମ୍ବଲି ଅଫ୍ ଗଡ୍, ଏବଂ ଭିନ୍ନ ଜଣ…ମୁଁ ଇଚ୍ଛା କରେ ଯେ ଆପଣ ସମ୍ପୂର୍ଣ୍ଣ ରୂପେ ତାହା ଦେଖିପାରନ୍ତି ଯାହା ମୁଁ ଦେଖୁଅଛି; ତାହା ଆପଣ

ଦେଖିପାରନ୍ତି । ମୁଁ ଇଚ୍ଛା କରେ ଯେ ଆପଣ ସେହି ଦର୍ଶନ ଦେଖିପାରନ୍ତି ଯାହା ମୁଁ ଦେଖୁଛି, ତାହାହେଲେ ଆପଣଙ୍କର ସେବାକାର୍ଯ୍ୟ ବିଷୟରେ, ଏକ ସ୍ୱଷ୍ଟ ବୁଝାମଣା ରହିବ ।

46 ଯେତେବେଳେ ମୁଁ ବାପ୍ଟିଷ୍ଟ ମଣ୍ଡଳୀ ଛାଡିଥିଲି, ଏପଟରେ ପେଣ୍ଟିକଷ୍ଟକୁ ଆସିବା ନିମନ୍ତେ; ଏବଂ ଡାଃ. ରୟ ଇ. ଡେଓିସ୍, ଯିଏକି ମିଶନାରୀ ବାପ୍ଟିଷ୍ଟ ମଣ୍ଡଳୀରେ ମୋତେ ନିଯୁକ୍ତ କରିଥିଲେ, ମୋତେ କହିଥିଲେ ଯେ ମୋର ଏକ ଦୁଃସ୍ୱପ୍ନ ହୋଇଥିଲା, ଯେତେବେଳେ ପ୍ରଭୁଙ୍କର ଦର୍ଶନ ଆସିଥିଲା ଏବଂ—ଏବଂ ମୋ ସହିତରେ କଥା ହୋଇଥିଲା । ଆଉ—ଆଉ ଆପଣମାନେ ଜାଣନ୍ତି ଯେ ସେତେବେଳେ ଆରୋଗ୍ୟତା କଅଣ ଥିଲା, ଏହା ସବୁଠୁ ନିକୃଷ୍ଟ ଅବସ୍ଥାରେ ରହିଥିଲା ।

47 ଏବଂ—ଏବଂ ମୁଁ ପେଣ୍ଟିକଷ୍ଟାଲ୍‌ମାନଙ୍କ ବିଷୟରେ କିଛି ଜାଣି ନ ଥିଲି । ମୁଁ ଶୁଣିଥିଲି ଯେ ସେମାନେ ପବିତ୍ର-ପାଖଣ୍ଡମାନଙ୍କର ଏକ ଦଳ ଥିଲେ ଯେଉଁମାନେକି ଭୂଇଁ ଉପରେ ପଡ଼ି ରହିଥାନ୍ତି ଓ ପାଗଳ କୁକୁର ପରି ପାଟିରୁ ଫେଣ ବାହାରିଥାଏ, ଏବଂ ସେମାନଙ୍କୁ ପବନ କରିବାକୁ ପଡ଼େ ଓ ପୁନର୍ବାର ଚେତାକୁ ଫେରାଇ ଆଣିବାକୁ ପଡ଼େ, ଏବଂ ସେହିପରି ସବୁ କରିବାକୁ ପଡ଼େ । ତାହାହିଁ ସବୁକିଛି ଯାହାକି ମୁଁ ପେଣ୍ଟିକଷ୍ଟାଲ୍ ଲୋକମାନଙ୍କ ବିଷୟରେ ଜାଣିଥିଲି ।

ସେ କହିଲେ, "ତୁମେ କଅଣ ଭାବୁଛ ତୁମ କଥା କିଏ ଶୁଣିବ?"

48 ମୁଁ କହିଲି, "ଯଦି ପରମେଶ୍ୱର ମୋତେ ପଠାଉଛନ୍ତି, ତେବେ ସେଠାରେ କୌଣସି ସ୍ଥାନରେ ଏବଂ କେହି ଜଣେ ଥିବେ ଯାହାଙ୍କ ପାଖକୁ ସେ ମୋତେ ପଠାଉଛନ୍ତି ।" ତାହା ଠିକ୍ । ବୁଝିଲେ? "କାରଣ," ମୁଁ କହିଲି, "ଡାଃ. ଡେଓିସ୍," ମୁଁ କହିଲି, "ସେ ଠିକ୍ ସେତିକି ବାସ୍ତବ ଥିଲେ; ଯେତିକି ମୁଁ ଛିଡ଼ା ହୋଇ ତାଙ୍କୁ ଅନାଇଥିଲି," ମୁଁ କହିଲି । ସେମାନେ ମୋତେ କହିଲେ ଯେ ସେହି ଦର୍ଶନଗୁଡ଼ିକ…

49 ଭାଇମାନେ, ମୁଁ ସେହି ବିଷୟରେ ଜଣେ ବଡ଼ ବିଶ୍ୱାସୀ ଅଟେ, ଯେ—ଯେ ଦାନ ବରଦାନ ଏବଂ ଆହ୍ୱାନ ବିନା ମନଫେରଣରେ ଆସିଥାଏ । ମୁଁ—ମୁଁ ତାହା ବିଶ୍ୱାସ କରେ । ଆପଣଙ୍କ ଜନ୍ମ ହୋଇଅଛି, ଆପଣ ଏପରି କିଛି ହୋଇପାରନ୍ତି ନାହିଁ ଯାହାକି ଆପଣ ନୁହଁନ୍ତି । ଏବଂ ଯେତେବେଳେ ଆପଣ ନିଜକୁ ଏପରି କିଛି କରିବାକୁ ଚେଷ୍ଟା କରନ୍ତି ଯାହାକି ଆପଣ ନୁହଁନ୍ତି, ତେବେ ଆପଣ କେବଳ ଜଣେ କପଟୀର ଭୂମିକା ଗ୍ରହଣ କରୁଛନ୍ତି । ଏବଂ ପରମେଶ୍ୱର ମୋତେ ଜଣେ କପଟୀ ହେବା ପୂର୍ବରୁ ମାରି ଦିଅନ୍ତୁ, ଦେଖନ୍ତୁ । ମୁଁ ଯାହା ଅଟେ ମୋତେ କେବଳ ତାହାହିଁ ହୋଇ ରହିବାକୁ ଦିଅନ୍ତୁ, ଆଉ ତାହାପରେ ଏହାକୁ ସରଳ ଏବଂ ସ୍ୱଷ୍ଟ କରିବାକୁ ଦିଅନ୍ତୁ । ଏବଂ—ଏବଂ, ତେବେ, ମୋତେ ସେହିପରି ହେବାକୁ ଦିଅନ୍ତୁ—ଦିଅନ୍ତୁ, ଆଉ ତାହାପରେ ସମସ୍ତେ ଜାଣନ୍ତୁ । ତେବେ ଆପଣ ଅବିକଳ ଭାବେ ଠିକ୍ ଜାଣନ୍ତି ।

50 ଏବଂ ତେଣୁକରି ବର୍ତ୍ତମାନ, ଯେପରି ଆପଣ ଜାଣିଛନ୍ତି, ମୁଁ ଯେପରି କହିଅଛି, ମୁଁ ଅଧିକ ବିଦ୍ୟାଳୟ ଯାଇ ନାହିଁ । ତେଣୁ ମୋ ଠାରେ…ଧର୍ମଶାସ୍ତ୍ର ଜ୍ଞାନରେ, ମୁଁ ସେଠାରେ ସବୁଠାରୁ

ଦରିଦ୍ର ଅଟେ । ଏବଂ ମୁଁ ଭାବୁଛି ଯେ ଆପଣ ତାହା ଜାଣନ୍ତି, ଦେଖନ୍ତୁ । ଏବଂ ଜଣେ ପ୍ରଚାରକ ଭାବରେ, ମୁଁ ନିଜକୁ ବଡ଼ କଷ୍ଟରେ ଜଣେ ଅଟେ ବୋଲି କହିପାରେ, କାରଣ ବିଦ୍ୟାଳୟ ନ ଯାଇପାରି ଥିବାରୁ ଏବଂ ଶବ୍ଦ ଜାଣିବାର ଅଭାବରୁ, ଓ ଇତ୍ୟାଦିରୁ । କିନ୍ତୁ ଯାହା ଅଳ୍ପ କିଛି ମୁଁ ପାଇଅଛି, ତାହା…ମୋର ଜାଣିବାର ଜ୍ଞାନ ପରିମାଣେ, ପ୍ରଭୁ ଯୀଶୁ, ତାହାଙ୍କ ଅନୁଗ୍ରହ ଦ୍ୱାରା, ମୁଁ ଏହାକୁ ଅଂଶୀଦାର କରିବା ପାଇଁ, ସର୍ବତ୍ର ଆଡେ ଥିବା ମୋର ସମସ୍ତ ଭାଇମାନଙ୍କ ସହିତ ଏହାକୁ ଅଂଶୀ କରିବାକୁ ଚେଷ୍ଟା କରିଥାଏ ।

51 ଏବଂ, କିନ୍ତୁ, ଯେତେବେଳେ ମୁଁ ବାପ୍‌ଟିଷ୍ଟ ମଣ୍ଡଳୀ ଛାଡିଥିଲି…ଯାହାକି କେବଳ ମାତ୍ର ମଣ୍ଡଳୀ ଥିଲା ଯେଉଁଠାକୁ ମୁଁ କେବେ ଯାଇଥିଲି, କିମ୍ବା ନିଯୁକ୍ତ ହୋଇଥିଲି । ଆଉ ମୁଁ ୧୨୩୩ ମସିହାରେ, ଇଣ୍ଡିୟାନା, ଜେଫର୍ସନ୍‌ଭିଲେର, ମିଶନାରୀ ବାପ୍‌ଟିଷ୍ଟ ମଣ୍ଡଳୀରେ ନିଯୁକ୍ତ ହୋଇଥିଲି । ଏହା ଏକ—ଏକ…ଏହା ଦକ୍ଷିଣ ବାପ୍‌ଟିଷ୍ଟ ସମ୍ମିଳନୀର ଏକ ସଦସ୍ୟ ଅଟେ । ତାହାପରେ ଆମେ, ଏହି ସମୟରେ, ମୁଁ…ଯେତେବେଳେ ମୁଁ ପୃଥକ୍ ହେଲି ଓ କେବଳ…

52 ତେବେ, ବାପ୍‌ଟିଷ୍ଟ ମଣ୍ଡଳୀ ଏକ ସାର୍ବଭୌମ ମଣ୍ଡଳୀ ଅଟେ । ଆମେ—ଆମେ ସମସ୍ତେ ତାହା ଜାଣୁ, ଯେ ଏହା ଏକ—ଏହା ଏକ…ଆପଣ ଯେଉଁ ବିଷୟରେ ଚାହୁଁଛନ୍ତି ଆପଣ ସେ ବିଷୟରେ ପ୍ରଚାର କରିପାରନ୍ତି, ଯଦି ଆପଣଙ୍କର ମଣ୍ଡଳୀ ଏହାକୁ ଗ୍ରହଣ କରିବ । ସେମାନେ କେବଳ…ଆପଣଙ୍କର ଯାହା ଇଚ୍ଛା ଆପଣ ତାହା ପ୍ରଚାର କରିବାକୁ ଚାହାଁନ୍ତି ।

53 ଆଉ ମୁଁ ତାହା ପସନ୍ଦ କରେ, ଦେଖନ୍ତୁ, କାରଣ ମୁଁ ବିଶ୍ୱାସ କରେ ଯେ ଏହା ପ୍ରେରିତିକ ଅଟେ । କାରଣ, ସେହି ମସ୍ତକ, ମଣ୍ଡଳୀର ସର୍ବୋଚ୍ଚ କ୍ରମ, ହେଉଛନ୍ତି ମେଷପାଳକ, ଆମେ ତାହା ବୁଝିପାରୁ, ସେହି ପାଳକ ଅଟନ୍ତି । ଏବଂ—ଏବଂ ଯଦି ସେହି—ସେହି…ଯଦି କୌଣସି ବିଶପ୍ କିମ୍ବା ଅନ୍ୟ କେହି ସେହି ପାଳକଙ୍କ ବ୍ୟତୀତ ଅନ୍ୟ କୌଣସିଠାରୁ ସେହି ପ୍ରକାଶନକୁ ବାହାର କରିବାକୁ ଯାଉଛନ୍ତି, ତାହାହେଲେ ପରମେଶ୍ୱର କିପରି ତାହାଙ୍କର ମଣ୍ଡଳୀରେ କେବେ କାର୍ଯ୍ୟ କରିବାକୁ ଯାଉଛନ୍ତି? ଆପଣ ଦେଖନ୍ତୁ, ଆପଣ ତ ଏହାକୁ ପାଇପାରନ୍ତି ନାହିଁ । ତେଣୁ, ଏବଂ ମୋର ଅଛି…

54 ଯେତେବେଳେ ମୁଁ ସେଠାରୁ ବାହାରି ଆସିଲି, ମୁଁ ପ୍ରଥମ ଗୋଷ୍ଠୀ ସହିତ ସାକ୍ଷାତ କଲି, ଯାହାକି ମିସୌରୀର, ସେଣ୍ଟ ଲୁଇସଠାରେ, ସାନ ବେଟି ଡହର୍ଟିଙ୍କ, ଆରୋଗ୍ୟତା ଥିଲା । ଏବଂ ଏହା ଏକ ପେଣ୍ଟିକଷ୍ଟାଲ୍ ୟୁନାଇଟେଡ୍, କିମ୍ବା ଏକ ପେଣ୍ଟିକଷ୍ଟାଲ୍ ଯୀଶସ୍ ନାମ ମଣ୍ଡଳୀ ଥିଲା, ଆଉ ଏହି ପାଳକ ସେଥି ସହିତ ସମ୍ପୃକ୍ତ ଥିଲେ, ଆଉ ତାଙ୍କର ସାନ ଝିଅଟି ସୁସ୍ଥ ହୋଇଥିଲା । ସତ କହିବାକୁ ଗଲେ, ମୁଁ ଭାବୁଥିଲି ଯେ ତାହା ହିଁ ଥିଲା ଯାହାକି ତାଙ୍କୁ ପେଣ୍ଟିକଷ୍ଟାଲ୍ କରିଥିଲା, କାରଣ ସେମାନେ ନିଜକୁ ଡାକୁଥିଲେ, "ଯୀଶସ୍ ଓନ୍‌ଲି ।" ଏବଂ ମୁଁ ଭାବୁଥିଲି ଯେ ତାହା ହିଁ ଥିଲା ଯାହାକି ସେମାନଙ୍କୁ ପେଣ୍ଟିକଷ୍ଟାଲ୍ କରିଥିଲା, କାରଣ ତାହା ଥିଲା ଯାହାକି ସେମାନେ ନିଜକୁ ଡାକିଥିଲେ, ଏବଂ ତାହାହିଁ ପାର୍ଥକ୍ୟ ଥିଲା । ଅତଏବ, ତେବେ, ତାହାପରେ ସେଠାରୁ ମୁଁ ଗଲି…

55 ଏବଂ ଜଣେ ଭଲ ଲୋକ; ସେଣ୍ଟ ଲୁଇସଠାରେ ଏକ ବଡ଼ ସଭା ହୋଇଥିଲା, ଯାହାର ଫଟୋଚିତ୍ର ସେଠାରେ ଲାଗି ରହିଛି । ଏବଂ ଆମ ପାଖରେ କିଏଲ୍ ସଭାଗାର ଥିଲା; ଆଉ ପ୍ରଥମ ରାତ୍ରି, କିମ୍ବା ଦ୍ୱିତୀୟ, ଏଥିରେ ଚଉଦ ହଜାର ଲୋକ ଭର୍ତ୍ତି ଥିଲେ, ଏବଂ ଏପରିକି ଆମେ କରିପାରିଲୁ ନାହିଁ...ସେମାନଙ୍କୁ ଦୂରକୁ ଏଡାଇବା ପାଇଁ, କବାଟ ପାଖରେ ପୋଲିସ ମୁତୟନ କରିବାକୁ ପଡିଥିଲା ।

56 ଏବଂ ତାହାପରେ ସେଠାରୁ, ଜୋନେସ୍‌ବୋରୋଠାରେ, ସେହି ଆଶୀଷିତ ପୁରୁଣା ବାଇବଲ ଘଟିକା ଟେବର୍ନେକଲ୍‌ର, ରିଚାର୍ଡ ଟି. ରିଡ୍ ପାଖକୁ ଗଲି, ଯିଏ ମଧ୍ୟ ସେହି ସମାନ ସଂଗଠନର ଥିଲେ । ଏବଂ ସେଠାରୁ, ଆର୍କାନସାସ୍, ଲିଟିଲ୍ ରକ୍ ର 505 ଭିକ୍ଟର ଷ୍ଟ୍ରିଟ୍ ଠାରେ, ସେହି ସମାନ ସଂଗଠନର, ଡାଃ. ଜି. ଏଚ୍. ବ୍ରାଉନ୍‌ଙ୍କ ପାଖକୁ ଗଲି । ଏବଂ, ସେଠାରୁ, ପଶ୍ଚିମ ତଟକୁ ଗଲି ।

57 ଏବଂ ଯେତେବେଳେ ମୁଁ ପଶ୍ଚିମ ତଟରେ ପହଞ୍ଚିଲି, ସେତେବେଳେ ମୁଁ ପ୍ରକୃତରେ ପ୍ରଜ୍ୱଳିତ ହେଲି । ତେବେ ମୁଁ ଜାଣିବାକୁ ପାଇଲି ଯେ ପେଣ୍ଟିକଷ୍ଟାଲ୍ ଲୋକମାନଙ୍କ ମଧ୍ୟରେ, ସେମାନଙ୍କ ସଂସ୍ଥାରେ ସେତିକି ବିଭାଜନମାନ ଅଛି, ଯେତିକି ଆମ ବାପ୍‌ଟିଷ୍ଟମାନଙ୍କ ମଧ୍ୟରେ ରହିଛି । ଦେଖନ୍ତୁ, ସେମାନଙ୍କର—ସେମାନଙ୍କର ଏତେ ଅଧିକ ପାର୍ଥକ୍ୟ ଥିଲା, ସେଠାରେ ରହିଥିଲା, ସେମାନଙ୍କର ଭିନ୍ନ ଥିଲା । ସେଠାରେ ଆସେମ୍ବଲିଜ ଅଫ୍ ଗଡ଼, ଏବଂ ଚର୍ଚ୍ଚ ଅଫ୍ ଗଡ଼ ଥିଲା, ଆଉ ଅନ୍ୟ କିଛି, ଓ ଅନ୍ୟ କିଛି, ପୁଣି ଅନ୍ୟ କିଛି, ଏବଂ—ଏବଂ ସେହି ପାର୍ଥକ୍ୟ ଥିଲା । ଆଉ ସେମାନେ ନିଜକୁ ଅଲଗା କରି ନେଇଥିଲେ, ଏବଂ ଅଳ୍ପ ସୀମା ରେଖାମାନ ଟାଣି ନେଇଥିଲେ । ଏବଂ ଅନ୍ୟ ସମସ୍ତ ଭାଇମାନେ ମୋ ପାଖକୁ ଆସି, ମୋତେ କହିବାକୁ ଲାଗିଲେ, "କାହିଁକି, ଆପଣ ତ ଏହି ଗୋଷ୍ଠୀ ସହିତ ଏଠାରେ, ଯୀଶସ୍ ଓନ୍‌ଲି ଅଟନ୍ତି ।"

ମୁଁ କହିଲି, "ନା, ମୁଁ ନୁହେଁ—ମୁଁ ନିଜକୁ ସେପରି ବୋଲାଏ ନାହିଁ ।" ବୁଝିଲେ?

ସେ କହିଲେ, "କାହିଁକି, ଆପଣ ସେମାନଙ୍କ ସହିତ ଜଡିତ ଅଛନ୍ତି ।"

58 ମୁଁ କହିଲି, "ତେବେ, ତାହା—ତାହା ମୋତେ ସେହିପରି କରେ ନାହିଁ ।" ବୁଝିଲେ? ଏବଂ ମୁଁ କହିଲି, "ମୁଁ—ମୁଁ—ମୁଁ କେବଳ...ସେମାନେ ଭାଇମାନେ ଥିଲେ ।"

59 ଏବଂ ସେ କହିଲେ, "କାହିଁକି, ସେମାନେ ତ ଏକ ଦଳ ଅଟନ୍ତି...କାହିଁକି, ସେମାନଙ୍କ ପାଖରେ ତ ଆଉ କିଛି ନାହିଁ ବରଂ କେବଳ ଦଳେ ଶାଗୁଣା ପକ୍ଷୀର ବୋବାଇବା ଏବଂ ବିଷୟମାନ, ଚାରିପାଖରେ, ସେହିପରି ବିଷୟମାନ ଅଛି । ଯେଉଁଠାରେ..."

60 ମୁଁ କହିଲି, "ତେବେ, ମୁଁ ଆପଣମାନଙ୍କୁ କ୍ଷମା ମାଗେ । ମୁଁ ସେଠାରେ ପ୍ରକୃତ ଧାର୍ମିକ ପୁରୁଷମାନଙ୍କୁ ଭେଟିଲି । ଏବଂ ସେମାନେ ପରମେଶ୍ୱରଙ୍କର ଲୋକ ଅଟନ୍ତି ।" ଏବଂ ମୁଁ କହିଲି, "ମୁଁ—ମୁଁ ନିଶ୍ଚିତ ଭାବରେ ସେମାନଙ୍କୁ ମନ୍ଦ ବୋଲି ଡାକିଥିବା ହେତୁ ଦୁଃଖିତ ଅଟେ; କାରଣ, ସେମାନେ ନୁହଁନ୍ତି ।"

61 ତେବେ, ତାହାପରେ ମୁଁ ଏହାକୁ ଉଭୟ ଉପାୟରେ ପ୍ରକାଶ ନ କରି, ଯେତେ ଦିନ ପାରିଲି ସେତେ ଦିନ ଧରି ରହିବାକୁ ଚେଷ୍ଟା କଲି । ତେବେ, ମୁଁ ଅଧ୍ୟୟନ କରିବାକୁ ଲାଗିଲି ଯେ ସେମାନଙ୍କର ଧାରଣାଗୁଡିକ କଅଣ ଥିଲା, ଏବଂ ସେମାନଙ୍କର ପୃଥକତା କଅଣ ଥିଲା, ଆଉ କେଉଁ ବିଷୟ ସେମାନଙ୍କୁ ପୃଥକ କରିଥିଲା । ଏବଂ ମୁଁ ପାଇଲି ଯେ ସେହି ମହାନ ଗୋଷ୍ଠୀ ମଧ୍ୟରୁ ଦୁଇଟି, ସେମାନଙ୍କ ମଧ୍ୟରୁ ଜଣେ, ଯୀଶସ୍ ଓନ୍‌ଲି ବୋଲି କୁହାଯାଉଥିଲା, ଏବଂ ଅନ୍ୟଟି ଆସେମ୍ବଲିଜ ଅଫ୍ ଗଡ ବୋଲି କୁହାଯାଉଥିଲା । ଆଉ ସେମାନେ ଡକା ହୋଇଥିଲେ, କିମ୍ବା ପୃଥକ ହୋଇଥିଲେ, ଜଳ ବାପ୍ତିସ୍ମର ପ୍ରସଙ୍ଗକୁ ନେଇ; ଜଣେ ବ୍ୟବହାର କରୁଥିଲେ "ପିତା, ପୁତ୍ର, ପବିତ୍ରଆତ୍ମା," ଏବଂ ଅନ୍ୟଟି ବ୍ୟବହାର କରୁଥିଲେ "ଯୀଶୁ" ନାମ ।

62 ତେବେ, ମୁଁ ଦେଖିଲି, ଏବଂ ଉଭୟ ପାର୍ଶ୍ୱରେ ସେଠାରେ ମହାନ ବ୍ୟକ୍ତିମାନେ, ପରମେଶ୍ୱରଙ୍କ ସେବକମାନେ ଥିଲେ । ଆଉ ମୁଁ ଭାବିଲି, "ହେ ପରମେଶ୍ୱର, ଯଦି ମୁଁ ସେସମସ୍ତଙ୍କୁ ଗୋଟିଏ ବିଷୟରେ ଆବିର୍ଭାବ ହେଉଥିବାର ଦେଖିପାରେ…କେବଳ ଆଗକୁ ଯିବେ ଏବଂ ଗ୍ରହଣ କରିବେ…ମାତ୍ର କେବଳ ସେମାନଙ୍କର ରେଖାଗୁଡିକୁ ନ ଟାଣିବେ, ଏବଂ ନ କହିବେ, 'ଆମେ ପରସ୍ପର ଜଣେ ଅନ୍ୟ ସହିତ ସହଭାଗୀତା କରିବୁ ନାହିଁ ।'" କିନ୍ତୁ ମୁଁ ଏହି ସବୁରେ, ପାଇଲି, ସେହି ମନ୍ଦ ଆତ୍ମା ସେମାନଙ୍କ ମଧ୍ୟରେ ପ୍ରବେଶ କରି ଯାଇଥିଲା ଏବଂ ଘୃଣା ଓ ମନ୍ଦତା ସୃଷ୍ଟି କରିଥିଲା, ଏପରି ପ୍ରସଙ୍ଗଗୁଡ଼ିକୁ ନେଇ ଯାହାକି ସେମାନଙ୍କ ମଧ୍ୟରେ ଆସିଥିଲା । ମୁଁ ଭାବିଲି, "ଶୟତାନ ତ ଅବିକଳ ଠିକ୍ ତାହାହିଁ ଚାହେଁ । ତାହା ତ ଠିକ୍ ଯାହାକି ସେ ଯାହା ଚାହେଁ ।" ଯେପର୍ଯ୍ୟନ୍ତ ଆପଣଙ୍କର ବନ୍ଧୁକଗୁଡିକ ପରସ୍ପର ଉପରେ ଲକ୍ଷ୍ୟ କରା ହୋଇଛି, ସେପର୍ଯ୍ୟନ୍ତ ତାକୁ ଅଳ୍ପ ଟିକେ ବି ଲଢିବାର ଦରକାର ନାହିଁ । ଆଉ ମୁଁ…

63 ଏବଂ ତାହାପରେ ତେବେ, ଶେଷରେ, ଏହା ଏକ ଚରମ ପରାକାଷ୍ଠାକୁ ଆସେ । ଏବଂ ସେହି ଚରମ ପରାକାଷ୍ଠା ପ୍ରାୟଃ 1946 ମସିହାରେ, ୱାଶିଂଟନ୍‌ର, ସିଆଟେଲ୍‌ରେ ହୋଇଥିଲା । ଏବଂ ଗୋଟିଏ ଦିନ ସକାଳେ ମୋତେ ହୋଟେଲର ବୈଠକକୁ ଅଣା ଯାଇଥିଲା, ଏହିପରି କିଛି, କେତେକ ସେବକଙ୍କର ସହିତ ଏକ—ଏକ ଜଳପାନ ନିମନ୍ତେ । ଏବଂ ମୋତେ ଦୁଇଜଣ ମୁଖ୍ୟ ବ୍ୟକ୍ତିଙ୍କ ସହ କଥା ହେବାକୁ ଥିଲା ।

64 ଏବଂ ସେମାନଙ୍କ ମଧ୍ୟରୁ ଜଣେ ଡାଃ. ନେସ୍ ଥିଲେ । ମୁଁ ଭାବୁଛି ଆପଣ ଆସେମ୍ବଲିଜ ଅଫ୍ ଗଡ ଭାଇମାନେ ତାଙ୍କୁ ମନେ ରଖିଥିବେ । ସେ ଉତ୍ତରପଶ୍ଚିମ ଅଞ୍ଚଳରେ ଥିଲେ; ଜଣେ ମହାନ ବ୍ୟକ୍ତି, ପ୍ରଖର ବୁଦ୍ଧି ସମ୍ପନ୍ନ, ପଣ୍ଡିତ । ଏବଂ ସେ ଆସେମ୍ବଲିଜ ଅଫ୍ ଗଡର ପ୍ରତିନିଧିତ୍ୱ କରିଥିଲେ ।

65 ଏବଂ ତାହାପରେ, ୟୁନାଇଟେଡ୍ ପେଣ୍ଟିକଷ୍ଟାଲ୍ ମଣ୍ଡଳୀର, ଡାଃ. ସ୍କିଜମ୍ । ମୁଁ ଅନୁମାନ କରୁଛି ଯେ ଆପଣ ୟୁନାଇଟେଡ୍ ପେଣ୍ଟିକଷ୍ଟାଲ୍ ଭାଇମାନେ ତାଙ୍କୁ ମନେ ରଖିଥିବେ । ସେ ମଧ୍ୟ ସେଠାରେ ଉପରେ ଉତ୍ତରପଶ୍ଚିମ ଅଞ୍ଚଳର ଥିଲେ, ଯେ ସେ ସେମାନଙ୍କ ଉପରେ ଏବଂ ସେଠାରେ ଥିବା ଜିଲ୍ଲାମାନଙ୍କ ଉପରେ ପ୍ରଭାରୀ ଥିଲେ ।

66 ତେବେ, ଏହି ଦୁଇ ଜଣ ବ୍ୟକ୍ତି ଭେଟିଲେ। ଏବଂ ମୋତେ ସେମାନଙ୍କ ସମ୍ମୁଖରେ ଅଣାଯିବାର ଥିଲା, କାରଣ ସେହି—ସେହି ଧାରଗୁଡ଼ିକ ତୀକ୍ଷ୍ଣ ହେବାକୁ ଲାଗିଥିଲା, ଆଉ ଏହା ମୋତେ ସବୁ ଦିଗରୁ ଆଘାତ କରୁଥିଲା । ଏବଂ ମୁଁ ଭାବିଲି, "ମୁଁ କଅଣ କରିବି? ମୁଁ କଅଣ କରିପାରେ?"

67 ବର୍ତ୍ତମାନ, ତେବେ, ସେମାନେ କହିଲେ, "ତେବେ, ଆପଣଙ୍କୁ ନିଶ୍ଚିତ ଭାବରେ ଗୋଟିଏ ବା ଅନ୍ୟ ପକ୍ଷ ନେବାକୁ ପଡ଼ିବ । ଯଦି ଆପଣ ଯୀଶୁଙ୍କ ନାମ ସହିତ ଯିବାକୁ ଯାଉଛନ୍ତି, ତେବେ ଆପଣଙ୍କୁ ଯୀଶୁ ନାମ ହେବାକୁ ପଡିବ । ଏବଂ ଯଦି ଆପଣ ଆସେମ୍ବଲିଜ ଅଫ୍ ଗଡ ସହିତ ଯାଆନ୍ତି, ଆପଣଙ୍କୁ ଯୀଶୁ ନାମଠାରୁ ଦୂରେଇ ଯିବାକୁ ପଡିବ, ଏବଂ ଆସେମ୍ବଲିଜ ଅଫ୍ ଗଡ, ଇତ୍ୟାଦି ହେବାକୁ ପଡିବ ।" ଏହା ଏପରି ଏକ ସ୍ଥାନକୁ ଆସିଗଲା ଯେଉଁଠାରେ ମୋତେ ଏକ ପ୍ରକାରର ପ୍ରଦର୍ଶନ କରିବାକୁ ପଡିଥିଲା ।

68 ମୁଁ ସେଦିନ ତଳକୁ ଯିବା ପୂର୍ବେ ସକାଳେ ବହୁତ ପ୍ରାର୍ଥନା କରିଥିଲି । ମୁଁ କହିଲି, "ହେ ପରମେଶ୍ୱର, ମୋତେ ସାହାଯ୍ୟ କର । କାରଣ, ସେଠାରେ ଦୁଇଜଣ ମହାନ ବ୍ୟକ୍ତି ଅଛନ୍ତି; ସେଠାରେ ହଜାର ହଜାର ସେବକଗଣ ଅଛନ୍ତି । ଏବଂ ତୁମେ ମୋତେ ଏକ ସେବାକାର୍ଯ୍ୟ ସହିତ ଏଠାକୁ ପଠାଇଛ । ଏବଂ ସେମାନେ ଉଭୟ ତୁମର ସେବକ ଅଟନ୍ତି । ଏବଂ କଅଣ ମୋତେ ସେହି ଅଳ୍ପ ପ୍ରଭାବକୁ ଯାହା ମୋର ଗୋଟିଏ ସଂଗଠନ ଉପରେ ରହିଛି ପକାଇବା ଉଚିତ୍ ଅଟେ କି ଯେତେବେଳେକି ଏହା ଅନ୍ୟ ସଂଗଠନ ସହିତ ଲଢ଼ି ରହୁଥାଏ?" ବୁଝିଲେ? "ମୁଁ—ମୁଁ ତାହା କରିବାରେ ଠିକ୍ ଅନୁଭବ କରିପାରୁ ନ ଥିଲି । ମୁଁ ଭାବୁ ନ ଥିଲି ଯେ ତାହା କରିବା ମୋ ପାଇଁ ଖ୍ରୀଷ୍ଟଙ୍କ ଇଚ୍ଛା ହେବ ।" ଆଉ ମୁଁ କହିଲି, "ପରମେଶ୍ୱର, ମୋତେ ସାହାଯ୍ୟ କର ଏବଂ ମୋତେ କିଛି କରିବାକୁ ଦିଅ, କିମ୍ବା ମୋତେ କିଛି କହିବାକୁ ଦିଅ ।"

69 ଆଉ ତେବେ ମୋ ପାଖରେ କେହି ହେଲେ ନ ଥିଲେ । ମୋତେ କେବଳ ସେଠାରେ ଛିଡ଼ା ହେବାକୁ ଥିଲା, କେବଳ ପ୍ରଭୁ ଯୀଶୁ ଓ ମୁଁ, ସେଦିନ ସକାଳେ ।

70 ତେବେ, ସେହି ବଡ ତର୍କ ଉପସ୍ଥିତ ହେଲା । "ଆପଣ କଅଣ କରିବାକୁ ଯାଉଛନ୍ତି? ଆପଣ କଅଣ—କଅଣ—କଅଣ ନିଷ୍ପତ୍ତି ନେବାକୁ ଯାଉଛନ୍ତି?"

71 ମୁଁ କହିଲି, "ମୋର ନିଷ୍ପତ୍ତି ତ ପୂର୍ବରୁ କରା ହୋଇସାରିଛି । ଯେ, ମୋର ନିଷ୍ପତ୍ତି, ହେଉଛି ଆପଣ ଦୁହିଁଙ୍କ ମଧ୍ୟରେ ଛିଡ଼ା ହେବା, ଏବଂ କୌଣସି ସଂଗଠନରେ ଯୋଗ ନ ଦେବା; ଏବଂ ଆପଣ ଉଭୟଙ୍କ ବାହୁରେ ବାହୁ ଦେଇ, କହିବା, 'ଆମ୍ଭେମାନେ ଭାଇ ଅଟୁ ।'" ବୁଝିଲେ? ଦେଖନ୍ତୁ, ଆମେମାନେ ଭାଇ ଅଟୁ । ବୁଝିଲେ? ଆଉ ମୁଁ କହିଲି, "ମୁଁ ଯେତିକି ପାରିଲି ସେତିକି ସମସ୍ତ ପୁସ୍ତକମାନ ପଢ଼ିବାକୁ ଚେଷ୍ଟା କରିଛି, ଯେ ଏହା କିପରି ସୃଷ୍ଟି ହେଲା, ଯାହାକୁ କୁହାଯାଇଥିଲା ଏହି 'ନୂତନ ପ୍ରସଙ୍ଗ,' ଏବଂ ସେମାନେ କିପରି ନିଜକୁ ପୃଥକ କରିଥିଲେ, ଆଉ *ଏହା* କିପରି ହେଲା ଯେ ଜଣେ *ଏହି* ପରି ଓ *ସେହି* ପରି ଆରମ୍ଭ କଲା ।" ଏବଂ ମୁଁ କହିଲି, "ଆପଣମାନଙ୍କର ଯୁକ୍ତିତର୍କ ଭିତରେ," ମୁଁ କହିଲି, "ତାହାହିଁ ସେହି ସମାନ ବିଷୟ ଥିଲା

ଯାହାକି ପେଣ୍ଟିକଷ୍ଟାଲ୍ ଆନ୍ଦୋଳନକୁ ଭାଙ୍ଗି ଦେଇଥିଲା, ପେଣ୍ଟିକଷ୍ଟ ପରେ...ସେହି ଦିନରେ । ସେମାନେ ପରସ୍ପର ମଧ୍ୟରେ ଯୁକ୍ତିତର୍କ କରିବା ଆରମ୍ଭ କରିଥିଲେ ।" ଏବଂ ମୁଁ କହିଲି, "ସେହି ବିଷୟ ପୁଣିଥରେ ଅଲଗା କରେ ।"

72 ମୁଁ କହିଲି, "ହେ ଭାଇମାନେ ଆପଣ, କଅଣ ଏପରି ଏକ ସମ୍ଭାବନା ଅଛି ଯେ ଆପଣମାନଙ୍କ ମଧ୍ୟରେ ଏକ ଆପୋଷ ନିଷ୍ପତ୍ତି ହୋଇପାରେ? କଅଣ ଏପରି କିଛି ଅଛି ଯାହାକି—ଯାହାକି ସ୍ଥିର ହୋଇପାରେ?"

73 ତେବେ, ସେମାନେ ଏହା ଉପରେ ନିଜର ମୁଖ ଫିଟାଇବେ ନାହିଁ, କାରଣ ଏହା ବହୁତ ତୀକ୍ଷ୍ଣ ଥିଲା । ଆପଣ ଜାଣନ୍ତି, ଯେ ପ୍ରାୟଃ ପନ୍ଦର, କୋଡିଏ ବର୍ଷ ପୂର୍ବେ, ଏହା କିପରି ଥିଲା, କାରଣ ଗୋଟିଏ ଗୋଷ୍ଠୀ ଅନ୍ୟ ଦଳରୁ ପୃଥକ ହୋଇଥିଲା, ଏବଂ ସେଠାରେ ବହୁତ ବିବାଦ ଥିଲା ।

74 ତେଣୁ ମୁଁ କହିଲି, "ତେବେ, ଭାଇମାନେ, ଏଠାରେ ତାହା ଅଛି ଯାହା ମୁଁ କରିବାକୁ ଯାଉଅଛି । ମୁଁ ଯାଉଅଛି...ପରମେଶ୍ୱର ମୋତେ କୌଣସି ପ୍ରକାରେ ବି, ବାପ୍ତିସ୍ମ ଦେବା ପାଇଁ ପଠାଇ ନ ଥିଲେ । ସେ ମୋତେ ତାହାଙ୍କର ଅସୁସ୍ଥ ସନ୍ତାନମାନଙ୍କ ପାଇଁ ପ୍ରାର୍ଥନା କରିବାକୁ ପଠାଇଥିଲେ ।" ମୁଁ କହିଲି, "ତେଣୁ, ମୁଁ ଅସୁସ୍ଥ ସନ୍ତାନମାନଙ୍କ ପାଇଁ ପ୍ରାର୍ଥନା କରିବାକୁ—କୁ ଯାଉଅଛି, ଏବଂ ଆପଣ ସେବକଗଣ ନିଜ ନିଜର ବାପ୍ତିସ୍ମ କରନ୍ତୁ," ମୁଁ କହିଲି ।

75 ମୁଁ କହିଲି, "ବର୍ତ୍ତମାନ ମୁଁ ଆପଣଙ୍କୁ କିଛି ପଚାରିବାକୁ ଚାହେଁ, ଯେପରିକି ଆପଣମାନେ ବୁଝିଯିବେ ।" ମୁଁ କହିଲି, "ଭାଇ ନେସ୍, ସେହି...ଏହି ଯୀଶୁ ନାମ ଲୋକମାନେ, କଅଣ ଆପଣ ବିଶ୍ୱାସ କରନ୍ତି ଯେ ସେମାନେ ପବିତ୍ରଆତ୍ମା ଗ୍ରହଣ କରିଛନ୍ତି ଯେତେବେଳେ ସେମାନେ ପରଭାଷାରେ କଥାବାର୍ତ୍ତା କରିଥାନ୍ତି ଓ ସେହି ସମାନ ବିଷୟ କରନ୍ତି ଯାହା ଆସେମ୍ବଲିଜ ଅଫ୍ ଗଡ୍‌ରେ ଆପଣ କରୁଥିଲେ?"

କହିଲେ, "ନିଶ୍ଚିତ ଭାବରେ ।"

76 ମୁଁ କହିଲି, "ଭାଇ ସ୍କିଜମ୍, କଅଣ ଆପଣ ବିଶ୍ୱାସ କରନ୍ତି ଯେ ଆସେମ୍ବଲିଜ ଅଫ୍ ଗଡ୍ ପବିତ୍ରଆତ୍ମା ଗ୍ରହଣ କରିଛନ୍ତି ଯେତେବେଳେ ସେମାନେ ପରଭାଷାରେ କଥାବାର୍ତ୍ତା କରିଥାନ୍ତି ଏବଂ ସେହି ସମାନ କାର୍ଯ୍ୟ କରନ୍ତି ଯାହା ଆପଣମାନେ ବାପ୍ତିସ୍ମ ସମୟରେ କରିଥିଲେ?"

ସେ କହିଲେ, "ନିଶ୍ଚିତରେ, ମୁଁ କରେ ।"

77 ମୁଁ କହିଲି, "ତେବେ, ବାଇବଲ କୁହେ, 'ପରମେଶ୍ୱର ସେମାନଙ୍କୁ ପବିତ୍ରଆତ୍ମା ଦିଅନ୍ତି ଯେଉଁମାନେ ତାହାଙ୍କର ଆଜ୍ଞାବହ ହୁଅନ୍ତି ।' ବର୍ତ୍ତମାନ, କିଏ ତାହାଙ୍କର ଆଜ୍ଞାବହ ହେଲା? କିଏ ତାହାଙ୍କର ଆଜ୍ଞାବହ ହେଲା? ଆପଣମାନଙ୍କ ମଧ୍ୟରୁ କିଏ ତାହାଙ୍କର ଆଜ୍ଞାବହ ହେଲା? ଏବଂ ପରମେଶ୍ୱର ଆପଣ ଉଭୟଙ୍କୁ ପବିତ୍ରଆତ୍ମା ଦେଇଛନ୍ତି ।" ବୁଝିଲେ?

78 ମୁଁ କହିଲି, "କଅଣ ଆପଣ କହିବେ, ଭାଇ ସ୍କିଜମ୍, ଯେ ଭାଇ ନେସ୍ ପବିତ୍ରଆତ୍ମା ପାଇ ନାହାଁନ୍ତି?"

କହିଲେ, "ନା।"

79 ମୁଁ କହିଲି, "କଅଣ ଆପଣ କହିବେ କି ଭାଇ ସ୍କିଜମ୍ ପବିତ୍ରଆତ୍ମା ପାଇ ନାହାଁନ୍ତି?"

80 "ନା।" ବୁଝିଲେ? ଏହା ଯେ, ଉଭୟେ ଏହା ବିଶ୍ୱାସ କରୁଥିଲେ ଯେ ଦୁହେଁ ପବିତ୍ରଆତ୍ମା ପାଇଛନ୍ତି।

81 କିନ୍ତୁ, ଆପଣ ଦେଖନ୍ତୁ, ଭାଇମାନେ, ଏହାର କିଛି ଅର୍ଥ ନାହିଁ। ଏହାର କିଛି ଅର୍ଥ ନାହିଁ। ଏବଂ ମୁଁ ଶୁଣିଲି, ସେଠାରୁ ଅଳ୍ପ ଟିକିଏ ପରେ...

ମୁଁ ଗୋଟିଏ ମିନିଟରେ ମୋ ବିଷୟ ନିକଟକୁ ଫେରିବି।

82 ମୁଁ ଫିନ୍‌ଲ୍ୟାଣ୍ଡ ଛାଡିବା ପରେ, ଏଠାକାର ଫିନ୍‌ଲ୍ୟାଣ୍ଡର ଭାଇମାନେ; ଯେଉଁଠାରେ, ଯାହା ମୁଁ ଭାବେ, ପରମେଶ୍ୱର ଆମକୁ ଆମର ସର୍ବଶ୍ରେଷ୍ଠ ସଭାଗୁଡ଼ିକ ମଧ୍ୟରୁ ଗୋଟିଏ ଦେଇଥିଲେ। ସେଠାରେ ଯେଉଁଠାରେ ସେହି ସାନ, ମୃତ ବାଳକ ବଞ୍ଚିଥିଲା, ଏବଂ ଅନେକ ବିଷୟମାନ ହୋଇଥିଲା। ମୁଁ ସ୍ୱିଡେନ, ଷ୍ଟକହୋମ୍‌ରେ, ସେଠାରେ ଥିବା ଫିଲାଦେଲ୍‌ଫିଆ ମଣ୍ଡଳୀର ଲେୱି ପେଥ୍ରସଙ୍କ ସହ ସାକ୍ଷାତ କରିଥିଲି ଯିଏକି ପରମେଶ୍ୱରଙ୍କ, ଏବଂ ଫିଲାଦେଲ୍‌ଫିଆ ମଣ୍ଡଳୀର ଜଣେ ମହାନ ବ୍ୟକ୍ତି ଅଟନ୍ତି। ଭାଇ ଗର୍ଡନ୍ ଲିଣ୍ଡସେ, ଯିଏକି ବର୍ତ୍ତମାନ ଥିଲେ...ମୁଁ ଭାବେ। ମୁଁ ଭାବୁନାହିଁ ଯେ ସେ ବର୍ତ୍ତମାନ ଏଥି ସହିତ ସମ୍ପୃକ୍ତ ଅଟନ୍ତି, ମାତ୍ର ସେ ଆସେମ୍ବଲିଜ ଅଫ୍ ଗଡ଼ ସହିତ ସମ୍ପୃକ୍ତ ଥିଲେ।

83 ଏବଂ ଆନ୍ତର୍ଜାତୀୟ ସ୍ତରରେ, ଆସେମ୍ବଲିଜ ଅଫ୍ ଗଡ଼ ମୋର ମହାନ ପ୍ରାୟୋଜକମାନଙ୍କ ମଧ୍ୟରୁ ଅନ୍ୟତମ ଅଟେ। ଏବଂ ଫୋରସ୍କ୍ୱାୟର, ଯାହାକି ଆସେମ୍ବଲିଜ୍ ଅଫ୍ ଗଡ଼ଠାରୁ ଭିନ୍ନ-ହୋଇ ପୃଥକ ହୋଇଥିଲା, ମୋର ମହାନ ପ୍ରାୟୋଜକମାନଙ୍କ ମଧ୍ୟରୁ ଅନ୍ୟତମ ଅଟେ। ଆନ୍ତର୍ଜାତୀୟ ସ୍ତରରେ, ଏକତ୍ତ୍ୱବାଦୀମାନେ, ମୋର ମହାନ ପ୍ରଯୋଜକମାନଙ୍କ ମଧ୍ୟରୁ ଅନ୍ୟତମ ଅଟନ୍ତି। ବୁଝିଲେ? ଏବଂ ମୁଁ କେବଳ ତୀକ୍ଷ୍ଣ ଅଗସବୁ ଛାଡି ଦେଇ, କେବଳ ସେହି ପକ୍ଷ ନେଲି, ଏବଂ ତାହାପରେ ଗୋଟିଏ ପକ୍ଷ ନେଲି, ଯେ ମୁଁ ସେହି କଳହର ଉଭୟ ପାର୍ଶ୍ୱରେ କାହାରିର ପକ୍ଷଧର ହେବି ନାହିଁ। ଯେପର୍ଯ୍ୟନ୍ତକି ଆମେ ତାହା ଦେଖି ନ ପାରୁ ଯେ ଆମେ ଭାଇ ଅଟୁ, ଏବଂ ଏକାଠି ଆସିପାରୁ, ଆଉ ତାହାପରେ ଆମେ—ଆମେ ସମସ୍ତେ ସେହି ସମାନ ପ୍ରତ୍ୟକ୍ଷ ବିନ୍ଦୁକୁ ଦେଖିବା, ଯେଉଁଠାକୁକି ଆମେ ତାହା କରିବାର ସେହି ଉଦ୍ଦେଶ୍ୟ ଓ ଧ୍ୟେୟକୁ, ଆସୁଅଛୁ।

84 ଆଉ ଆପଣଙ୍କୁ—ଆପଣଙ୍କୁ, ପ୍ରଥମେ ନିଜର ଉଦ୍ଦେଶ୍ୟ ଏବଂ ଧ୍ୟେୟକୁ ପରୀକ୍ଷା କରିବା ଜରୁରୀ ଅଟେ। ପ୍ରଥମେ, ପରମେଶ୍ୱରଙ୍କ ଇଚ୍ଛାକୁ ଖୋଜନ୍ତୁ; ଏବଂ ତାହାପରେ ଆପଣଙ୍କର ଉଦ୍ଦେଶ୍ୟକୁ ଖୋଜନ୍ତୁ; ଆଉ ତାହାପରେ ନିଜର ଧ୍ୟେୟକୁ ପରୀକ୍ଷା କରନ୍ତୁ ଓ ଦେଖନ୍ତୁ ଯେ ଆପଣଙ୍କର ଉଦ୍ଦେଶ୍ୟ ଠିକ ଅଟେ କି ନାହିଁ। ତାହାପରେ, ଯେପରି ଯୀଶୁ

ମାର୍କ 11:24 ରେ କହିଥିଲେ, "ଯଦି ତୁମେ ଏହି ପର୍ବତକୁ କୁହ, 'ଘୁଞ୍ଚି ଯା,' ଏବଂ ନିଜ ହୃଦୟରେ ସନ୍ଦେହ ନ କର।" କିନ୍ତୁ ଯେପର୍ଯ୍ୟନ୍ତ ଆପଣ ନିଜ ହୃଦୟରେ ସନ୍ଦେହ କରନ୍ତି, ଏହା ପରମେଶ୍ୱରଙ୍କ ଇଚ୍ଛା ଥାଉ କି ନ ଥାଉ, କିମ୍ବା ଆପଣଙ୍କର ଉଦ୍ଦେଶ୍ୟ ବା ଧ୍ୟେୟ ଭୁଲ ହେଉ କି ନ ହେଉ, ଏହା କିପରି ଗତି କରିବାକୁ ଯାଉଅଛି? କିନ୍ତୁ ଯେତେବେଳେ ଆପଣ ଜାଣନ୍ତି ଯେ ଆପଣଙ୍କର ଧ୍ୟେୟ ଠିକ୍ ଅଛି, ଏବଂ ତାହା ପରମେଶ୍ୱରଙ୍କ ଇଚ୍ଛା ଅଟେ, ଆଉ ଆପଣଙ୍କର ଉଦ୍ଦେଶ୍ୟ ଠିକ୍ ଅଛି, ତେବେ ଏହାକୁ ଆଗକୁ ବଢିବାକୁ ପଡିବ। ତାହାହିଁ ସବୁ କିଛି, ନତୁବା ପରମେଶ୍ୱର କିଛି ଭୁଲ୍ କହିଥିଲେ।

85 ତାହାହିଁ ଠିକ ସେହି କାରଣ ଅଟେ, ଯେତେବେଳେ ମୁଁ ମଣ୍ଡଳୀଗୁଡ଼ିକରେ, ପ୍ରଚାର ମଞ୍ଚକୁ ଯାଏ, କେହିହେଲେ ମୋତେ ପ୍ରଚାର ମଞ୍ଚ ଉପରେ ସେହି ବିଷୟଗୁଡ଼ିକ, ସେହି ପ୍ରସଙ୍ଗଗୁଡ଼ିକ ବିଷୟରେ କହୁଥିବାର ଶୁଣି ନାହାଁନ୍ତି। ମୁଁ ସେମାନଙ୍କୁ କେବଳ ଛାଡି ଦିଏ। ଦେଖନ୍ତୁ, ତାହା ଆପଣ ପୁରୁଷମାନଙ୍କ, ଉପରେ ନିର୍ଭର କରେ। ବୁଝିଲେ? ଆପଣ ଦେଖନ୍ତୁ, ମୁଁ ଏଠାରେ ଆପଣଙ୍କୁ ଏକ ଇଶ୍ୱରୀୟ ବରଦାନ ଦ୍ୱାରା, ଖ୍ରୀଷ୍ଟଙ୍କ ନିକଟରେ ପ୍ରାଣଗୁଡିକ ଜିତିବାରେ ସାହାଯ୍ୟ କରିବା ପାଇଁ ଅଟେ। ବୁଝିଲେ? ଏଥିରେ କୌଣସି ଫରକ୍ ପଡ଼େ ନାହିଁ...ଆପଣ ନିଜର ବାପ୍ତିସ୍ମ କରନ୍ତୁ। ମାତ୍ର ତାହାପରେ ଯେତେବେଳେ ଏହା ଆସେ...

86 ଅବଶ୍ୟ, ମୋତେ ସବୁକିଛି ନାମରେ ଡକା ଯାଇଅଛି। ମୋତେ ଡକାଯାଇଛି, ମୁଁ ଜାଣେ ନାହିଁ କେତେ, କୌଣସି ଜଣେ—ଜଣେ "ପରମେଶ୍ୱରଙ୍କ ଅବତରିତ ପୁତ୍ର" ଠାରୁ ନେଇ ଏକ—ଏକ "ଶୟତାନ।" ତାହା ଠିକ୍ ଅଟେ, ସବୁକିଛି। କିନ୍ତୁ, ଏହା ସମସ୍ତ ପଛରେ, ମୁଁ ଆପଣଙ୍କର ଭାଇ ଅଟେ, ପରମେଶ୍ୱରଙ୍କ ରାଜ୍ୟର ସହ ନାଗରିକ ଅଟେ; ରାଜ୍ୟ ପାଇଁ, ଆପଣ ସମସ୍ତଙ୍କ ସହିତରେ କାମ କରୁଥାଏ। ଏବଂ ତାହା ସତ୍ୟ ଅଟେ।

87 ତେବେ ମୁଁ କରିବି, ଯଦି ଏହା ଠିକ୍ ଅଟେ, ଏବଂ ଆପଣ ଭାବୁଛନ୍ତି ଯେ ଆମର ଯଥେଷ୍ଟ ସମୟ ଅଛି, ମୁଁ ଆପଣମାନଙ୍କୁ କହିବାକୁ ଚାହିଁବି ଯେ ଆମେ ତାହା କିପରି ଆଲୋଚନା କଲୁ। ଭାଇମାନେ, କଅଣ ଏହା ଠିକ୍ ହେବ କି, ଗୋଟିଏ ମିନିଟ୍ ପାଇଁ, ଭାଇ, ଭାଇ ନେସ୍ ଏବଂ ସେମାନେ? ଠିକ୍ ଅଛି। ଏବଂ ଏହା ଅଳ୍ପ କିଛି ଗୋଟିଏ ହୋଇପାରେ ଯାହାକି ଆପଣଙ୍କୁ ସାହାଯ୍ୟ କରିବ। ଏହା ଗୋଟିଏ ପ୍ରକାର, ଆପଣଙ୍କୁ ବୁଝିବାରେ ସାହାଯ୍ୟ କରିବ।

88 ମୁଁ ଏଠାରେ, ଲେଖିଛି, କେତୋଟି ବିଷୟ ଯାହାକି ମୋର ମନେ ଅଛି ସେମାନେ ସେଠାରୁ ନେଇଥିଲେ। ଆଉ ତେଣୁକରି ସେମାନେ ମୋତେ ପଚାରିଲେ, ମୁଁ ଏହି "ତ୍ରିତ୍ୱ" ବିଷୟରେ କଅଣ ବିଶ୍ୱାସ କରେ, କଅଣ ମୁଁ ବିଶ୍ୱାସ କରେ ଯେ ସେଠାରେ ପରମେଶ୍ୱରଙ୍କ ଏକ "ତ୍ରିତ୍ୱତା" ଅଛି?

89 ତେବେ, ଭାଇମାନେ, ଯେତେବେଳେ ଆମେ ଏହା ନିକଟକୁ ଯିବା, ମୁଁ ଆଶା କରେ ଯେ, ଯେତେବେଳେ ଏହା ଶେଷ ହୋଇଯାଏ, ଯେ ଆମେ ସେହି ସମାନ ରୂପରେ ଭାଇ ହେବା ଯାହା ଆମେ ରହି ଆସିଛୁ। ବୁଝିଲେ? କିନ୍ତୁ ମୁଁ ଅନୁଭବ କରୁଛି ଯେ ମୁଁ ଆପଣଙ୍କଠାରେ ଋଣୀ

ଅଟେ, କାରଣ ଆପଣଙ୍କର ଲୋକମାନେ ମୋ ସଭାକୁ ଆସନ୍ତି, ଏବଂ ମୁଁ ନିଶ୍ଚିତ ଭାବରେ ସେମାନଙ୍କ ମଧ୍ୟରୁ ଜଣକାକୁ ବି ପ୍ରତାରିତ କରି, ପଠାଇବାକୁ ଚାହେଁ ନାହିଁ ।

90 ଏବଂ ମୁଁ ସର୍ବଦା ଲୋକମାନଙ୍କୁ କହିଅଛି ଯେଉଁମାନେ କି ମୋତେ ପ୍ରଶ୍ନ ଲେଖନ୍ତି, ପ୍ରଚାର ମଞ୍ଚ ଉପରେ ମୁଁ ଯାହା ପ୍ରଚାର କରେ ତାହାର ବାହାରେ...ଏବଂ ଏଠାରେ ମୋର ସଚିବ ଅଛନ୍ତି, ଓ ଇତ୍ୟାଦି ଅଛନ୍ତି । ଯଦି ସେମାନେ ମୋତେ ଏକ ପ୍ରଶ୍ନ ପଚାରନ୍ତି, "*ଏହା* ବିଷୟରେ କଅଣ, କିମ୍ବା *ତାହା* ବିଷୟରେ କଅଣ ଅଟେ?"

91 ମୁଁ କୁହେ, "ନିଜର ପାଳକଙ୍କୁ ପଚାରନ୍ତୁ, ଦେଖନ୍ତୁ । କାରଣ, ଯଦି ସେ ଆପଣଙ୍କୁ ଏପର୍ଯ୍ୟନ୍ତ କଢେଇ ଆଣିଛନ୍ତି, ଯେ ଆପଣ ପବିତ୍ରଆତ୍ମା ଗ୍ରହଣ କରି ଅଛନ୍ତି, ତେବେ ସେ ଆପଣଙ୍କୁ ଆଗକୁ ନେଇଯିବେ, ଆପଣ ଦେଖନ୍ତୁ । ଆପଣ ଦେଖନ୍ତୁ, ଆପଣ ନିଜର ପାଳକଙ୍କୁ ପଚାରନ୍ତୁ ।" କାରଣ, ସେହିପରି ଛୋଟ ଛୋଟ ବିଷୟଗୁଡିକ ଦ୍ୱନ୍ଦ୍ୱ ସୃଷ୍ଟି କରେ, ଏବଂ ସେଇଥିପାଇଁ ମୁଁ ଏଥିରୁ ଦୂରେଇ ଯାଇଥାଏ, ଆପଣ ଦେଖନ୍ତୁ ।

92 ବର୍ତ୍ତମାନ, ଆଉ ମୋତେ କୁହାଯାଇଅଛି ଯେ ମୁଁ ଜଣେ—ଜଣେ ସଂଗଠନ ବିରୁଦ୍ଧରେ ଲଢିବା ଲୋକ ଅଟେ । ତେବେ, ମୁଁ ନୁହେଁ । ମୁଁ ଭାବୁଛି ଯେ ସଂଗଠନଗୁଡ଼ିକ ଅଦ୍ଭୁତ ଅଟେ, କିନ୍ତୁ ଯେତେବେଳେ ଆପଣଙ୍କ ସଂଗଠନର ଆପଣଙ୍କର ବ୍ୟବସ୍ଥା ଦୁର୍ନୀତିଗ୍ରସ୍ତ ହୋଇଯାଏ, ତାହାହିଁ ଅଟେ ଯାହା ବିରୁଦ୍ଧରେ ମୁଁ ଅଟେ । ବୁଝିଲେ? ଏଥିରେ ଯାଏ ଆସେ ନାହିଁ ଯେ ଏହା ଏକତ୍ତ୍ୱ ଅଟେ, କି—କି ଏହା ତ୍ରିତ୍ତ୍ୱ ଅଟେ, କିମ୍ବା ଏହା ଯାହା ବି ଅଟେ, ସେହି ବ୍ୟବସ୍ଥା; ଯେ ଯେତେବେଳେ ଆପଣ ଏପରି ଏକ ସ୍ଥାନରେ ପହଞ୍ଚନ୍ତି, ଆପଣ ତେବେ...ଏବଂ କୁହନ୍ତି, "ଆମେ ଆସେମ୍ବଲିଜ ଅଫ୍ ଗଡ ଅଟୁ ।"

"ତେବେ, ରାସ୍ତାର ଆର ପଟରେ ତାହା କିଏ ଅଛି?"

93 "ଓଃ, ତାହା ତ ଆମର ଭାଇମାନେ ଅଟନ୍ତି । ସେମାନଙ୍କୁ—ସେମାନଙ୍କୁ ୟୁନାଇଟେଡ୍ ପେଣ୍ଟିକଷ୍ଟାଲ୍ କୁହାଯାଏ ।"

"ତେବେ, ସେଠାରେ ସେମାନେ କିଏ ଅଟନ୍ତି?"

94 "ଓଃ, ତାହା ତ ଫୋରସ୍କ୍ୱାୟର ଭାଇମାନେ ଅଟନ୍ତି । ଓଃ, ଆମେ ଅଦ୍ଭୁତ ଭାଇମାନେ ଅଟୁ । ଆମର ଜଣେ ଅନ୍ୟ ସହିତରେ, ଏକ ମହାନ ସହଭାଗୀତା ଅଛି ।"

"ଓଃ, କଅଣ ଆପଣ ସମସ୍ତେ ସେହି ସମାନ କଥା ବିଶ୍ୱାସ କରନ୍ତି?"

"ଓଃ, ହଁ, ଆମେ ବିଶ୍ୱାସ କରୁ ।"

"ତେବେ, ତାହାହେଲେ, ଆପଣଙ୍କୁ ଏହିପରି ଭାବରେ କିଏ କରେ?"

95 "ତେବେ, *ଏହି* ଭାଇମାନେ *ଏହିପରି* ଭାବରେ ବାପ୍ତିଜିତ କରନ୍ତି । ଏବଂ *ଏମାନେ ଏହି* ଉପାୟରେ ବାପ୍ତିଜିତ କରନ୍ତି, ଆମଠାରୁ ମୁଖ ଦୂର କରି । ଏବଂ *ଏମାନେ* ବାପ୍ତିଜିତ କରନ୍ତି..."

96 ଯେପରିକି ସେଠାରେ ଦକ୍ଷିଣ ଆଫ୍ରିକାରେ ହୁଏ, ଭାଇ, ଆମେ ତାହା ଉପରେ ଆଲୋଚନା କରିଅଛୁ । ସେମାନେ ମୋତେ ପଚାରିଥିଲେ । ଗୋଟିଏ ଗୋଷ୍ଠୀ ତିନିଥର ବାପ୍ତିଜିତ କରନ୍ତି, ଆଗକୁ ମୁହଁ କରି । ଆଉ ଅନ୍ୟ ଜଣେ ତିନିଥର ବାପ୍ତିଜିତ କରନ୍ତି, ପଛକୁ ମୁହଁ କରି । ଆଉ ସେମାନେ କହିଲେ…ମୁଁ କହିଲି, "ଆପଣ ତାହା କେଉଁଠାରୁ ପାଇଲେ?"

97 ଜଣେ କହିଲା, "ଯେତେବେଳେ ସେ ମୃତ୍ୟୁବରଣ କଲେ, ବାଇବଲ କୁହେ ଯେ ସେ ଆଗକୁ ଝୁଙ୍କି ପଡ଼ିଥିଲେ," ଏବଂ କହିଲେ, "ତେଣୁ ଆମେ ସେମାନଙ୍କୁ ଆଗକୁ ଝୁଙ୍କାଇ କରିବା ଉଚିତ୍ ।"

98 ତେବେ ମୁଁ କହିଲି, "ଠିକ ଅଛି," ଅନ୍ୟ ଗୋଷ୍ଠୀକୁ, "କଅଣ ଥିଲା…ଆପଣଙ୍କ ବିଷୟରେ କଅଣ?"

କହିଲି, "କଅଣ ଆପଣ କେବେ ଜଣେ ବ୍ୟକ୍ତିଙ୍କୁ ମୁହଁକୁ ତଳ କରି ସମାଧି ଦିଅନ୍ତି କି?"

99 ତେବେ, ଆଉ କଅଣ ଆପଣ ଜାଣିଛନ୍ତି? ସେମାନେ ନିଜ ନିଜକୁ ଅଲଗା କରି ଦୁଇଟି ଗୋଷ୍ଠୀ, ଦୁଇଟି ସଂଗଠନ ଗଠନ କରି ନେଲେ । ଓଃ, ଭାଇମାନେ, ଦୟା ହେଉ! ତାହାହିଁ ତ ଅଟେ ଯାହାକି ଶୟତାନ ଚାହେଁ । ତାହା ହିଁ ଅଟେ ଯାହାକି ସେ ଚାହିଁଥାଏ । ହଁ । ନିଜ ନିଜର କରି ନିଅ…

100 ବର୍ତ୍ତମାନ, ଦେଖନ୍ତୁ, ଏହା ଆପୋଷ୍ଟୋଲିକ୍ ବିଶ୍ୱାସ ମିଶନ୍ ନୁହେଁ, କିମ୍ବା—କିମ୍ବା ଏହା ଅନ୍ୟତ୍ର, ତାହା ଅନ୍ୟ ପକ୍ଷରେ ପେଣ୍ଟିକଷ୍ଟାଲ୍ ଆସେମ୍ବଲିଜ ନୁହେଁ । ଏହା ତାହା ନୁହେଁ । ଉଭୟ ଗୋଷ୍ଠୀରେ ଉତ୍ତମ ପୁରୁଷମାନେ ଅଛନ୍ତି, ଯେପରିକି ଏଠାରେ ଅଛନ୍ତି । ମାତ୍ର, ଆପଣ ଦେଖନ୍ତୁ, ଏହା ତ ସେହି ବିଷୟର ବ୍ୟବସ୍ଥା ଅଟେ ।

101 ଏହା ଠିକ୍ ସେହି କ୍ୟାଥୋଲିକ୍ ପରି ଅଟେ, ଯେପରି ମୁଁ ପ୍ରାୟତଃ କହିଥାଏ । ଯଦି ସେ ଜଣେ କ୍ୟାଥୋଲିକ୍ ଅଟେ, ଏବଂ ପରିତ୍ରାଣ ନିମନ୍ତେ ଖ୍ରୀଷ୍ଟଙ୍କ ଉପରେ ନିର୍ଭର କରୁଥାନ୍ତି, ତେବେ ସେ ଉଦ୍ଧାରପ୍ରାପ୍ତ ଅଟନ୍ତି । ନିଶ୍ଚିତ ଭାବରେ, ତାହା ଠିକ୍ । ଯଦି ସେ ମଣ୍ଡଳୀ ଉପରେ ନିର୍ଭର କରୁଥାନ୍ତି, ତେବେ ସେ ବିନଷ୍ଟ ଅଟନ୍ତି । ଏବଂ ଆପଣ ପେଣ୍ଟିକଷ୍ଟାଲ ଭାଇମାନଙ୍କ ମଧ୍ୟରୁ କେହି ବି ଜାଣନ୍ତି, ଯଦି ଆମେ ନିଜର ଉଦ୍ଧାର କରିବା ନିମନ୍ତେ ପେଣ୍ଟିକଷ୍ଟାଲ ମଣ୍ଡଳୀକୁ ନିର୍ଭର କରିଥାଉ, ତାହାହେଲେ "ଆମେ, ପୁରୁଷମାନଙ୍କ ମଧ୍ୟରେ, ଅତ୍ୟନ୍ତ ଦୁର୍ଭାଗା ଅଟୁ," ତାହା ଠିକ୍, କାରଣ ଆମେ ବିନଷ୍ଟ ଅଟୁ । ତାହା ଠିକ୍ ।

102 କିନ୍ତୁ ଯଦି ଆମେ ଯୀଶୁ ଖ୍ରୀଷ୍ଟଙ୍କ ଆଡକୁ ଅନାଉଅଛୁ, ତାହାହେଲେ ଆମେ ଉଦ୍ଧାରପ୍ରାପ୍ତ ଅଟୁ, "ତୁମ୍ଭର ବିଶ୍ୱାସ ଦ୍ୱାରା" (ତାହା, କଅଣ?) ଏକ ସମାପ୍ତ କାର୍ଯ୍ୟ ଅଟେ । ଏବଂ କାମ କରୁଥିବା ଏହି ସାନ ସାନ ବିଷୟଗୁଡିକ, ଏବଂ ବଡ଼ ବଡ଼ ନାମଗୁଡିକ, ଏହା ଅଧିକ ଫରକ୍ ପକାଏ ନାହିଁ ।

103 ତେବେ, ମୁଁ ଭାଇ ସ୍କିଜମ୍‌କୁ କହିଲି, କୁ…ଏବଂ ଭାଇ ନେସ୍‌କୁ, "ଆପଣଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ," ମୁଁ କହିଲି, "ତେବେ, ଭାଇମାନେ ମୁଁ ଆପଣଙ୍କର ଉଭୟ ପକ୍ଷ ନେଉ ନାହିଁ ।

ଏବଂ ମୁଁ ଜାଣେ, ଯେପର୍ଯ୍ୟନ୍ତ ଆପଣମାନେ ଝଗଡା କରୁଥିବେ, ଆପଣ ଦୁହେଁ ଭୁଲ୍ ଅଟନ୍ତି । ବୁଝିଲେ? କାରଣ, ମୁଁ ତ ବରଂ ମୋର ବିଶ୍ୱାସ ମତରେ ଭୁଲ୍ ହେବି ଏବଂ ମୋ ହୃଦୟରେ ଠିକ୍ ହେବି, ଏହା ଅପେକ୍ଷା ଯେ ମୁଁ ମୋ ବିଶ୍ୱାସ ମତରେ ଠିକ୍ ହୁଏ ଓ ମୋ ହୃଦୟରେ ଭୁଲ୍ ହୁଏ ।" ବୁଝିଲେ? ମୁଁ କହିଲି, "ସର୍ବଶେଷରେ, ଏହା ଆପଣଙ୍କର ହୃଦୟର ଅବସ୍ଥା ଅଟେ ।"

104 ଏବଂ ଏହା ଜାଣିବା ପାଇଁ, ମୁଁ ତାହା ଆଚରଣ କଲି: ଯେ, ଯଦି ଜଣେ ବ୍ୟକ୍ତି, ସେ ଯାହା କରୁଥାଉ ନା କାହିଁକି, ଏବଂ ସେ କେତେ ଭିନ୍ନ ହୁଏ, ଏବଂ ସେ ମୋ ବିଷୟରେ ଯାହା କୁହନ୍ତୁ ନା କାହିଁକି; ଯଦି ମୋ ହୃଦୟରେ, କେବଳ ଏକ କର୍ତ୍ତବ୍ୟ ଦୃଷ୍ଟିରୁ ନୁହେଁ, କିନ୍ତୁ ମୋ ହୃଦୟରୁ ମୁଁ ସେହି ବ୍ୟକ୍ତିଙ୍କୁ ସେପରି ପ୍ରେମ କରିପାରୁ ନାହିଁ ଯେପରିକି ମୁଁ ଅନ୍ୟ କାହାରିକୁ ପ୍ରେମ କରିଥାଏ, ତେବେ ମୁଁ ଜାଣେ ଯେ ଏଠାରେ କିଛି ଗୋଟାଏ ଭୁଲ୍ ଅଛି, ଦେଖନ୍ତୁ । ତାହା ଠିକ୍, କାରଣ, ଏହା—ଏହା…ଏଥିରେ କିଛି ଯାଏ ଆସେ ନାହିଁ ଯେ ସେ…

105 ଅଳ୍ପ ଦିନ ପୂର୍ବରୁ, ଜଣେ ସାନ ଭାଇ, ଚର୍ଚ୍ଚ ଅଫ୍ କ୍ରାଇଷ୍ଟର ଜଣେ ସାନ ଭାଇ ଆସିଥିଲେ । ଏବଂ, ଓଃ, ସେ ସେଠାରେ ଛିଡ଼ା ହେଲେ, ଓ ସେ କହିଲେ, "ଏହି ବ୍ୟକ୍ତି ଜଣେ ଶୟତାନ ଅଟେ ।" ବୁଝିଲେ? ସେ କହିଲେ, "ସେ ପବିତ୍ରଆତ୍ମାଙ୍କ ବିଷୟରେ କହନ୍ତି ।" ସେ କହିଲେ, "ସେହିପରି କିଛି ବିଷୟ ନାହିଁ । ସେମାନେ, ତେବେ, କେବଳ ବାରଜଣ ପ୍ରେରିତ ହିଁ ପବିତ୍ରଆତ୍ମା ପ୍ରାପ୍ତ କରିଥିଲେ । ଏବଂ—ଏବଂ ବାରଜଣ ପ୍ରେରିତଙ୍କୁ ହିଁ ଈଶ୍ୱରୀୟ ଆରୋଗ୍ୟତା ପ୍ରଦାନ କରାଯାଇଥିଲା ।" ଏବଂ ପ୍ରାୟଃ ଅଧ ଘଣ୍ଟା, କହି ଚାଲିଲେ ।

106 ଆଉ ମୁଁ କହିଲି, "ଟିକେ ରୁହନ୍ତୁ, ଭାଇ । ମୁଁ ଭାବୁଛି ଆପଣଙ୍କୁ ମୋତେ ତାହାର ସପକ୍ଷରେ କହିବା ନିମନ୍ତେ ଏକ ସୁଯୋଗ ଦେବା ଉଚିତ୍, ଦେଖନ୍ତୁ ।" ମୁଁ କହିଲି, "ଆପଣ କହିଲେ ଯେ ବାଇବଲ ଯେଉଁଠାରେ କୁହେ ଆପଣ ସେଠାରେ କୁହନ୍ତି, ଏବଂ ସେଠାରେ ନୀରବ ରୁହନ୍ତି ଯେଉଁଠାରେ ତାହା ନୀରବ ରୁହେ ।"

ଏବଂ ସେ କହିଲେ, "ଆମେ ତାହା କରୁ ।"

107 ମୁଁ କହିଲି, "ତେବେ, ଆପଣ କହିଲେ ଯେ କେବଳ ବାରଜଣ ପ୍ରେରିତ ହିଁ ପବିତ୍ରଆତ୍ମା ଗ୍ରହଣ କରିଛନ୍ତି । ବାଇବଲ କୁହେ, 'ସେଠାରେ ଉପର କୋଠରୀରେ ଶହେ କୋଡ଼ିଏ ଜଣ ଥିଲେ ଯେତେବେଳେ ପବିତ୍ରଆତ୍ମା ଓହ୍ଲାଇ ଆସିଥିଲେ, ସ୍ତ୍ରୀଲୋକ ଏବଂ ସମସ୍ତେ ।' ଏବଂ କଅଣ ଆପଣ ମୋତେ ଏହା କହିବାକୁ କଷ୍ଟ କରିବେ କି, ଯେ କଅଣ ଆପଣ ଭାବୁଛନ୍ତି ଯେ ପାଉଲ ପବିତ୍ରଆତ୍ମା ପାଇ ନ ଥିଲେ? ଏବଂ ସେ ଏହାକୁ ତାହାର ବହୁ ସମୟ ପରେ ପାଇଲେ, ଦେଖନ୍ତୁ । ଏବଂ ଆପଣ କହିଲେ, 'ଆରୋଗ୍ୟତାର ବରଦାନ କେବଳ ବାରଜଣ ପ୍ରେରିତଙ୍କୁ ହିଁ ଦିଆଯାଇଥିଲା ।' ଏବଂ କିଛି ଦିନ ପରେ, ସ୍ତିଫାନ୍ ତଳକୁ ଗଲେ, ଏବଂ ସେ ବାରଜଣଙ୍କ ମଧ୍ୟରୁ ଜଣେ ନ ଥିଲେ । ଏପରିକି ସେ ଜଣେ ପ୍ରଚାରକ ସୁଦ୍ଧା ନ ଥିଲେ । ସେ ତ ଜଣେ ଦୀକନ୍ ଥିଲେ, ଏବଂ ଶମିରୋଣକୁ ଯାଇ ଭୂତମାନଙ୍କୁ ବାହାର କରୁଥିଲେ ।" ଏବଂ ମୁଁ କହିଲି,

"ହେ ଭାଇ!" ଠିକ୍ ଏଠାରେ ତାହା ବହୁତ ନୀରବ ଥିଲା, ହଁ, ଯେଉଁଠାରେ ଆପଣଙ୍କୁ ତାହାକୁ ରଖିବାକୁ ଥିଲା।

108 ଏବଂ ଏହା ସମାପ୍ତ ହେବା ପରେ, "ମାତ୍ର," ମୁଁ କହିଲି, "ମୁଁ ଆପଣଙ୍କୁ ମୋତେ ଏକ ଶୟତାନ ବୋଲି କହିଥିବା ପାଇଁ କ୍ଷମା କରେ, କାରଣ ମୁଁ ଜାଣେ ଯେ ଆପଣଙ୍କର ତାହା ଅଭିପ୍ରାୟ ନୁହେଁ।"

109 ଏବଂ ତାହାପରେ ଯେତେବେଳେ ତାଙ୍କର ଶେଷ ହୋଇଗଲା, ସେ ଉପରକୁ ଆସିଲେ। ସେ କହିଲେ, "ଗୋଟିଏ କଥା ମୁଁ କହିପାରେ। ଆପଣଙ୍କଠାରେ ଖ୍ରୀଷ୍ଟଙ୍କର ଆତ୍ମା ଅଛି।"

110 ମୁଁ କହିଲି, "ତେବେ, ଭାଇ, ମୁଁ କେଉଁଟା ଅଟେ, ଜଣେ ଶୟତାନ ନା ଖ୍ରୀଷ୍ଟଙ୍କର?" ବୁଝିଲେ? ବୁଝିଲେ?

111 ମାତ୍ର ମୁଁ ଆପଣଙ୍କୁ କହୁଛି, ଦେଖନ୍ତୁ, କାରଣ ଜଣେ ବ୍ୟକ୍ତି, ସେ ଏହା କହିପାରେ ଯେ ମୁଁ ତାଙ୍କୁ ପ୍ରେମ କରେ; କିଛି ଯାଏ ଆସେ ନାହିଁ ଯେ, ସେ ଏଥିରେ ସହମତ ନ ଥିଲେ, ଏବଂ ଭୟଙ୍କର ଭାବରେ ଅସହମତ ଥିଲେ ଏବଂ ଯାଥାଇଚ୍ଛା କହୁଥିଲେ। ସେ...

112 ମୁଁ ଜଣେ ଶିକାରୀ, ଏବଂ ମୋର ଜୀବନସାରା, ବନ୍ୟ ପଶୁମାନଙ୍କ ସହିତରେ ରହିଛି। ଏବଂ ଲୋକମାନେ କହିଛନ୍ତି, "କିପରି..." ସେହି ସମୟରେ ଯେତେବେଳେ ମୋତେ ସେହି ଭାଲୁକୁ ଗୋଟିଏ ଛୁରୀ ସାହାଯ୍ୟରେ ମାରିବାକୁ ପଡିଥିଲା, ଦେଖନ୍ତୁ। କହିଲେ, "କଅଣ ଆପଣ ତାକୁ ଭୟ କରୁ ନ ଥିଲେ?"

113 ମୁଁ କହିଲି, "ନା। ଯଦି ମୁଁ ତାକୁ ଭୟ କରିଥାନ୍ତି, ତେବେ ସେ ମୋତେ ମାରି ଦେଇଥାନ୍ତା, ଦେଖନ୍ତୁ।"

114 ମାତ୍ର, ଦେଖନ୍ତୁ, ଆପଣ ସେମାନଙ୍କୁ—ଆପଣ ସେମାନଙ୍କୁ ଠକି ପାରନ୍ତି ନାହିଁ। ସେମାନେ ଜାଣନ୍ତି ଯେ ଆପଣ ସେମାନଙ୍କୁ ଭୟ କରୁଛନ୍ତି, କି ନାହିଁ। ଆପଣ ଗୋଟିଏ ଘୋଡାକୁ ଭୟ କରନ୍ତୁ, ଏବଂ ଦେଖନ୍ତୁ ଯେ ଘୋଡା କଅଣ କରିବ, ସେ ଆପଣଙ୍କୁ ଦଳି ପକାଇବ। ବୁଝିଲେ? ତେଣୁ ଯଦି ଆପଣ ଭୟ କରନ୍ତି...ଆପଣ ଏହାକୁ ଠକି ପାରନ୍ତି ନାହିଁ। ଆପଣଙ୍କୁ ତ ପ୍ରକୃତରେ ଏହାକୁ ରଖିବାକୁ ଅଛି।

ଶୟତାନ ସହିତ ଠିକ୍ ସେହି ପ୍ରକାର ହିଁ ଅଟେ।

115 ଏହା ଲୋକମାନଙ୍କ ମଧ୍ୟରେ ଠିକ୍ ସେହି ପ୍ରକାର ହିଁ ଅଟେ। ଆପଣଙ୍କୁ ତ ଲୋକମାନଙ୍କୁ ପ୍ରେମ କରିବାକୁ ଅଛି। ଆପଣ ଏହାକୁ ଠକି ପାରନ୍ତି ନାହିଁ। ଆପଣଙ୍କୁ ତ ଏହାକୁ ରଖିବାକୁ ଅଛି, ନତୁବା ଆପଣଙ୍କର ରଙ୍ଗ କୌଣସିଠାରେ ପ୍ରକାଶ ପାଇଯିବ, ଦେଖନ୍ତୁ। ତାହା ଠିକ୍। ଆପଣଙ୍କୁ ତ ପ୍ରକୃତରେ ଲୋକମାନଙ୍କୁ ପ୍ରେମ କରିବାକୁ ଅଛି, ଏବଂ ସେମାନେ ଜାଣିବେ ଯେ ଆପଣ ସେମାନଙ୍କୁ ପ୍ରେମ କରୁଛନ୍ତି। ଦେଖନ୍ତୁ, ଏହା ବିଷୟରେ ସେଠାରେ କିଛି ଗୋଟାଏ ଅଛି।

116 ଆଉ ସେହି ବ୍ୟକ୍ତି ତେବେ, କିଛି ଦିନ ପୂର୍ବରୁ, ମୋ ପତ୍ନୀଙ୍କୁ ଡାକି, କହିଲେ, "ଭାଇ ବ୍ରାନହାମ୍ ସେଠାରେ ଅଛନ୍ତି କି?"

ଉତ୍ତର ଦେଲେ, "ନା।"

117 କହିଲେ, "ତେବେ, ଗୋଟିଏ କଥା ମୋତେ କହିବାକୁ ପଡିବ। ମୁଁ ତାଙ୍କ ସହିତ, ଧର୍ମଶାସ୍ତ୍ର ଜ୍ଞାନରେ ଅସହମତ ଥିଲି, ମାତ୍ର ମୁଁ କହୁଛି ଯେ ସେ ଖ୍ରୀଷ୍ଟଙ୍କର ଜଣେ ସେବକ ଅଟନ୍ତି।"

118 ତେବେ, ତାହାହେଲେ, ଏବଂ ତାହାପରେ ମୁଁ ଯିବା ପୂର୍ବରୁ, ସେ ମୋତେ ଏକ ଚିଠି ପଠାଇଲେ, ଏବଂ ସେ କହିଲେ, "ଆପଣ ଫେରି ଆସିବା ମାତ୍ରେ, ମୁଁ ଆସୁଅଛି। ମୁଁ ପବିତ୍ରଆତ୍ମାଙ୍କ ସେହି ବାପ୍ତିସ୍ମ ଚାହେଁ ଯାହା ବିଷୟରେ ଆପଣ କହୁଛନ୍ତି।"

119 ଏଣୁ, ଆପଣ ଦେଖନ୍ତୁ, ଠିକ୍ ଯେଉଁଠାରେ ଯଦି ଆପଣଙ୍କର ରହିବ...ଯଦି ମୋର ତାହା କହିବାର, ସେହି ଅନୁଭବ ରହିବ, "କାହିଁକି, ତୁମ ପାଖରେ ତ କିଛି ନାହିଁ। ତୁମର ପୁରୁଣା ନାମଧାରୀ ସଂସ୍ଥା ଭଲ ନୁହେଁ, ଏବଂ—ଏବଂ ତୁମେ ସମସ୍ତ ଚର୍ଚ୍ଚ ଅଫ୍ କ୍ରାଇଷ୍ଟର ଲୋକମାନେ ଭଲ ନୁହଁ। ତୁମେ ଭଲ ନୁହଁ। ତୁମେମାନେ—ତୁମେମାନେ ତ ଶୟତାନ ଅଟ।" ମୁଁ ସେହି ବ୍ୟକ୍ତିଙ୍କୁ କେବେବି ଜିତି ନ ଥାଆନ୍ତି। ଏବଂ ଯଦି ମୁଁ ତାଙ୍କୁ କହିଥାନ୍ତି ଯେ ମୁଁ ତାଙ୍କୁ ଭଲ ପାଏ, ଓ ନିଜ ହୃଦୟରେ ତାହାର ଅଭିପ୍ରାୟ ନ ରଖେ, ସେ ଉତ୍ତମ ଭାବରେ ଜାଣି ଯାଇଥାନ୍ତେ। ତାହା ସହିତ ଏହାହିଁ ସବୁକିଛି ଅଟେ। ଆପଣଙ୍କୁ ତ ନିଜ ହୃଦୟରେ ବାସ୍ତବରେ ସେହି ଅଭିପ୍ରାୟ ରଖିବାକୁ ହେବ।

120 ଏବଂ ତାହା ସେହି ରାତିରେ ହୋଇଥାଏ ଯେତେବେଳେ ମୁଁ ସେହି ପ୍ରଚାର ମଞ୍ଚ ଉପରେ, ସେହି ହୃଦୟର ଗୁପ୍ତ ବିଷୟର ପରିଭେଦକ ଅଭିଷେକ ତଳେ ଯାଇଥାଏ, ଦେଖନ୍ତୁ। ମୁଁ ଏହା ବିଷୟରେ ଚିନ୍ତା କରେ ନାହିଁ। ମୁଁ ରାତ୍ରି ଭୋଜନ ସମୟରୁ ହିଁ, କିଛି ଖାଏ ନାହିଁ; ଏବଂ ଉପବାସ କରିଥାଏ ଓ ପ୍ରାର୍ଥନା କରିଥାଏ, ଆଉ ସେହି କକ୍ଷରେ ରହିଥାଏ। କାରଣ, ସେ ଏହା କରିବେ ବୋଲି ମୋତେ ପ୍ରତିଜ୍ଞା କରିଥିଲେ। ଏବଂ ସେଥିପାଇଁ ମୁଁ ସନ୍ଦେହର କୌଣସି ଛାୟା ବିନା ଯାଇଥଏ, କାରଣ ସେ ତାହା କରିବେ ବୋଲି ପ୍ରତିଜ୍ଞା କରିଥିଲେ। ତେଣୁକରି, ଦେଖନ୍ତୁ, ମୋର...ମୁଁ ଜାଣେ ଯେ ପରମେଶ୍ୱରଙ୍କ ରାଜ୍ୟର ଉନ୍ନତି ପାଇଁ, ମୋର ଧ୍ୟେୟ (କଅଣ?), ମୋର ଉଦ୍ଦେଶ୍ୟ (କଅଣ?) ଅଟେ।

121 ଯଦି କୌଣସି ବ୍ୟକ୍ତି *ଏହି* ପଥରେ ଯାଏ, *ସେହି* ପଥରେ ଯାଏ, ସେ ଯେଉଁ ମଣ୍ଡଳୀକୁ ବି ଯାଏ; ଯେପର୍ଯ୍ୟନ୍ତ ସେ ଖ୍ରୀଷ୍ଟଙ୍କ ନିକଟକୁ ଆସେ, ତାହା ମୋତେ କୌଣସି ଫରକ୍ ପକାଏ ନାହିଁ। ଏବଂ ତାହା ମୋ ହୃଦୟରେ ଅଟେ। ବୁଝିଲେ? ଏବଂ ଯାଏ ଆସେ ନାହିଁ, ଯଦି ଆମେ ଯାଇ ଚର୍ଚ୍ଚ ଅଫ୍ କ୍ରାଇଷ୍ଟରେ ଯୋଗଦେଉ, ତାହା ସବୁ ଠିକ୍ ଅଟେ। ଠିକ୍ ଅଛି। ଯଦି ସେ...ସେ କେଉଁ ମଣ୍ଡଳୀରେ ଯୋଗ ଦିଅନ୍ତି, ଏହା ମୋତେ କିଛି ଫରକ୍ ପଡ଼େ ନାହିଁ। କିନ୍ତୁ ଯେପର୍ଯ୍ୟନ୍ତ ମୁଁ ତାଙ୍କର ପ୍ରାଣକୁ ଖ୍ରୀଷ୍ଟଙ୍କ ସହିତ ଜିତେ, ତାହାହିଁ ହେଉଛି ମୁଖ୍ୟ ବିଷୟ।

122 ତେଣୁ ମୁଁ କହିଲି, “ଭାଇ ନେସ୍, ଅଲଗା ହେବା ପାଇଁ ନୁହେଁ…” ତେବେ ମୁଁ ଯାଉଅଛି… ଭାଇ, କଅଣ *ଏହାକୁ* ବ୍ୟବହାର କରିବା ଠିକ୍ ଅଟେ? [ଭାଇ କୁହନ୍ତି, “ନିଶ୍ଚିତରେ।”—ସମ୍ପା।] ମୁଁ କହିଲି, “ମୁଁ କହିବାକୁ ଏବଂ ବ୍ୟାଖ୍ୟା କରିବାକୁ ଚାହେଁ।” ଏବଂ, ଏଥିରେ, ମୁଁ ଏଠାରେ ଆପଣ ଭାଇମାନଙ୍କୁ କହିପାରେ। ତେବେ, ଏହାକୁ ଆପଣମାନଙ୍କର ମଣ୍ଡଳୀ ମଧ୍ୟରେ ଉଲ୍ଲେଖ କରନ୍ତୁ ନାହିଁ। ଯଦି ଆପଣ ଚାହାଁନ୍ତି, ଏବଂ ମୋ ଉପରେ ଏକ ଅନୁଗ୍ରହ କରିନ୍ତି, ତେବେ ମୋତେ କେବଳ—କେବଳ—କେବଳ ଆପଣଙ୍କର ଭାଇ ହୋଇ ରହିବାକୁ ଦିଅନ୍ତୁ। କଅଣ ଆପଣ ବୁଝୁଛନ୍ତି? ଏବଂ ମୁଁ, ଆଉ ଯଦି—ଯଦି ମୁଁ ଭୁଲ୍ ଅଟେ, ତେବେ ଆପଣ ମୋତେ କ୍ଷମା କରି ଦିଅନ୍ତୁ। ମାତ୍ର ମୁଁ ଆପଣଙ୍କୁ ବୁଝାଇବାକୁ ଚାହେଁ, ଯେହେତୁ ଆଜି ସକାଳେ ଏଠାରେ ଉଭୟ ଗୋଷ୍ଠୀ ବସିଛନ୍ତି, ଉଭୟ ଏକତ୍ତ୍ୱବାଦୀ ଏବଂ ସେହି—ସେହି ଆସେମ୍ବଲିଜ, ଏବଂ ତ୍ରିତ୍ତ୍ୱବାଦୀ ବିଶ୍ୱାସ, ମଧ୍ୟ।

123 ତେବେ ମୁଁ ଏହି ବିବୃତ୍ତି ଦେବାକୁ ଚାହୁଁଛି। ମୁଁ ଏହା କହିବାକୁ ଚାହେଁ ଯେ ମୁଁ ବିଶ୍ୱାସ କରେ ଯେ ଉଭୟ ପକ୍ଷ ଭୁଲ୍ ଅଟନ୍ତି, ଯେପର୍ଯ୍ୟନ୍ତ ସେମାନେ ପରସ୍ପର ସହ ଯୁକ୍ତିତର୍କ କରୁଥାନ୍ତି, କାରଣ ସେମାନଙ୍କର ଧ୍ୟେୟଗୁଡିକ ଭୁଲ ଅଟେ। ଏବଂ ଯେପର୍ଯ୍ୟନ୍ତ ଆପଣଙ୍କର ଧ୍ୟେୟଗୁଡିକ ଭୁଲ୍ ଅଟେ, ଏଥିରେ କିଛି ଯାଏ ଆସେ ନାହିଁ ଯେ ଆପଣଙ୍କର ଉଦ୍ଦେଶ୍ୟ କଅଣ ଅଟେ, କିନ୍ତୁ ସେହି ଉଦ୍ଦେଶ୍ୟ ପ୍ରତି ଆପଣଙ୍କର ଧ୍ୟେୟଗୁଡିକ ଭୁଲ ଅଟେ, ତାହାହେଲେ ଏହା କଦାପି କାମ କରିବ ନାହିଁ। ତାହା ଠିକ୍।

124 ତେବେ, କେତେକ ଲୋକ କହିଛନ୍ତି, “ଭାଇ ବ୍ରାନହାମ୍, ଆପଣ ତ ଯୀଶସ ଓନ୍‌ଲି ଅଟନ୍ତି।” ମୁଁ କହିବାକୁ ଚାହେଁ ଯେ ତାହା ଏକ ତ୍ରୁଟି ଅଟେ। ମୁଁ ଯୀଶସ ଓନ୍‌ଲି ନୁହେଁ।

125 କେହି ଜଣେ କୁହନ୍ତି, “ଭାଇ ବ୍ରାନହାମ୍, କଅଣ ଆପଣ ଜଣେ ତ୍ରିତ୍ତ୍ୱବାଦୀ ଅଟନ୍ତି?” ନା, ମହାଶୟ। ମୁଁ ଜଣେ ତ୍ରିତ୍ତ୍ୱବାଦୀ ନୁହେଁ। ମୁଁ ଜଣେ ଖ୍ରୀଷ୍ଟିଆନ ଅଟେ। ବୁଝିଲେ? ମୁଁ—ମୁଁ—ମୁଁ ନୁହେଁ…ଏପରିକି ତ୍ରିତ୍ତ୍ୱବାଦୀ ଶବ୍ଦ ବାଇବଲରେ ସୁଦ୍ଧା ଉଲ୍ଲେଖ ନାହିଁ, ସେହି ଶବ୍ଦ “ତ୍ରିତ୍ତ୍ୱ।” ଏବଂ ମୁଁ ବିଶ୍ୱାସ କରେ ନାହିଁ ଯେ ତିନୋଟି ବ୍ୟକ୍ତିଗତ ପରମେଶ୍ୱର ଅଛନ୍ତି।

126 ମୁଁ ବିଶ୍ୱାସ କରେ ଯେ ସେଠାରେ ଏକ ପରମେଶ୍ୱର ତିନୋଟି କାର୍ଯ୍ୟାଳୟରେ ଅଛନ୍ତି: ପିତା, ପୁତ୍ର, ପବିତ୍ରଆତ୍ମା। ସେହି କାରଣରୁ ହିଁ ଆମକୁ ପିତା, ପୁତ୍ର, ପବିତ୍ରଆତ୍ମାଙ୍କ ନାମରେ ବାପ୍ତିସ୍ମ ଦେବା ପାଇଁ ଆଜ୍ଞା ଦିଆଯାଇଛି। ମୁଁ ବିଶ୍ୱାସ କରେ ଯେ ଏହା ପରମେଶ୍ୱର ସଙ୍କୁଚିତ ହୋଇ, ତଳକୁ ଓହ୍ଲାଇ ଆସିଥିଲେ।

127 ତେବେ, ପରମେଶ୍ୱର, ଯେତେବେଳେ ସେ ପ୍ରଥମେ ମନୁଷ୍ୟକୁ ଦେଖା ଦେଲେ, ସେ ଏକ ଅଗ୍ନିସ୍ତମ୍ଭ ରୂପରେ ଥିଲେ। ଆପଣ ତାହା ବିଶ୍ୱାସ କରନ୍ତି, କଅଣ ନୁହେଁ କି? ସେହି… ଯେକୌଣସି ବାଇବଲ ପାଠକ ଯିଏ ଜାଣନ୍ତି ଯେ ପ୍ରାନ୍ତରରେ ଥିବା ସେହି ଅଗ୍ନିସ୍ତମ୍ଭ ଥିଲେ ଲୋଗୋସ, ଯେ ତାହା ସେହି ନିୟମର ଦୂତ ଥିଲେ, ଯିଏକି ଖ୍ରୀଷ୍ଟ ଥିଲେ।

128 କାରଣ, ସେ କହିଲେ...ସେ ଥିଲେ...ତାହା ନ ଥିଲା...ମୁଁ ବିଶ୍ୱାସ କରେ ଯେ ଏହା ସେଠାରେ ସାଧୁ ଯୋହନ 6 ଅଟେ, ସେ କହିଥିଲେ, "ଅବ୍ରହାମଙ୍କ ପୂର୍ବରୁ," ବିଷୟରେ "**ମୁଁ ଅଟେ।**" ସେ ଥିଲେ "**ମୁଁ ଅଟେ।**"

129 ଅତଏବ, ତାହା ପରମେଶ୍ୱର, ପବିତ୍ର ଥିଲେ; ଏପରିକି ଯଦି ଜଣେ ବ୍ୟକ୍ତି ପର୍ବତକୁ ଛୁଇଁ ଦେଉଥିଲା, ସେ ନିଶ୍ଚୟ ମରିବାକୁ ଯାଉଥିଲା, ଦେଖନ୍ତୁ। ଠିକ୍ ଅଛି। ବର୍ତ୍ତମାନ, ସେହି ସମାନ ପରମେଶ୍ୱର ନିଜର ସୃଷ୍ଟି କରିଥିବା ସେହି ସୃଷ୍ଟ ପ୍ରାଣୀ ଭିତରେ ଆପଣାକୁ କାର୍ଯ୍ୟକାରୀ କରିବା ପାଇଁ ଚେଷ୍ଟା କରୁଥିଲେ। ତେବେ, ସେ ସେମାନଙ୍କ ନିକଟକୁ ଆସିପାରି ନ ଥିଲେ, କାରଣ ସେମାନେ ପାପୀ ଥିଲେ, ଏବଂ ଛେଳି ଓ ମେଣ୍ଢାର ରକ୍ତ କେବେ ବି ପାପକୁ ଦୂର କରି ନ ଥିଲା। ଆମେ ତାହା ଜାଣୁ। ଏହା କେବଳ ପାପକୁ ଆଚ୍ଛାଦନ କରିଥିଲା।

130 ବର୍ତ୍ତମାନ, କିନ୍ତୁ ସେହି ସମାନ ପରମେଶ୍ୱର ଯିଏକି ସେହି ଅଗ୍ନିସ୍ତମ୍ଭ ଥିଲେ, ସେ ନିଜ ପୁତ୍ରଙ୍କ ମାଧ୍ୟମରେ, ଦେହବନ୍ତ ହେଲେ, ଏବଂ ପ୍ରଭୁ ଯୀଶୁ ଖ୍ରୀଷ୍ଟ ନାମକ ଏକ ଶରୀରରେ ବାସ କଲେ। ବାଇବଲ କୁହେ, "ତାହାଙ୍କଠାରେ ପରମେଶ୍ୱରତ୍ତ୍ୱ ସମ୍ପୂର୍ଣ୍ଣ ଭାବରେ ସଶରୀରରେ ବାସ କରିଥିଲା।" ଏବଂ ଯୀଶୁ କହିଲେ...ତେବେ, ପ୍ରଥମ ତୀମଥି 3:16 ରେ, "ପରମେଶ୍ୱରପରାୟଣତାର ନିଗୁଢତତ୍ତ୍ୱ ଯେ ମହତ, ଏହା ସମସ୍ତେ ସ୍ୱୀକାର କରନ୍ତି।" ଏବଂ ଯଦି ସେମାନେ ଏହାକୁ ମହତ ବୋଲି କହିପାରନ୍ତି, କାହିଁକି, ତେବେ ଆମେ କଅଣ କରିବା, ଦେଖନ୍ତୁ? "ପରମେଶ୍ୱରଙ୍କ ନିଗୁଢତତ୍ତ୍ୱ ଯେ ମହତ, କାରଣ ପରମେଶ୍ୱର ଦେହବନ୍ତ ହୋଇ ପ୍ରକାଶିତ ହୋଇଥିଲେ, ଏବଂ ଦୂତମାନଙ୍କ ଦ୍ୱାରା ଦେଖାଗଲେ, ଗୌରବରେ ଗୃହିତ ହେଲେ," ଏବଂ ପ୍ରଭୃତି। ବର୍ତ୍ତମାନ, ଏବଂ ସେ ସାଧୁ ଯୋହନ 14 ରେ, ଥୋମାଙ୍କୁ କହିଥିଲେ, "ଯେତେବେଳେ ତୁମେ ମୋତେ ଦେଖ, ତୁମେ ପିତାଙ୍କୁ ଦେଖିଥାଅ। ତାହାହେଲେ ତୁମ୍ଭେ କାହିଁକି କହୁଅଛ, 'ଆମକୁ ପିତାଙ୍କୁ ଦର୍ଶନ କରାନ୍ତୁ'?" ବାଇବଲ କୁହେ, ଯେ, "ପରମେଶ୍ୱର ଖ୍ରୀଷ୍ଟଙ୍କଠାରେ ରହି, ଜଗତକୁ ନିଜ ସହିତ ପୁନର୍ମିଳନ କରାଉଥିଲେ।"

131 ତେବେ, ପରମେଶ୍ୱର ତିନୋଟି ବ୍ୟକ୍ତି, ତିନି ପରମେଶ୍ୱର ହୋଇପାରନ୍ତି ନାହିଁ। କିଅବା ଯୀଶୁ ମଧ୍ୟ ଆପଣାର ନିଜ ପିତା ହୋଇପାରନ୍ତି ନାହିଁ। ବୁଝିଲେ? ତେଣୁ, ଆପଣ ଦେଖନ୍ତୁ, ଏହା ଉଭୟକୁ ମୂଳତଃ ଭୁଲ୍ ପ୍ରମାଣ କରିଥାଏ।

132 ବର୍ତ୍ତମାନ, ଏବଂ ବର୍ତ୍ତମାନ ଯଦି ଆପଣ କେବଳ ଧ୍ୟାନ ଦେବେ, ସେଠାରେ କୌଣସି ସ୍ଥାନ ନାହିଁ...ଯଦି ଆମର ତିନୋଟି ପରମେଶ୍ୱର ଥାଆନ୍ତି, ତାହାହେଲେ ଆମେ ପ୍ରତିମାପୂଜକ ଅଟୁ। ତେବେ, ଆମେ ତାହା ଜାଣୁ।

133 ଯେପରିକି ସେହି ଯିହୂଦୀ ଥରେ ମୋତେ କହିଥିଲେ, ଯେତେବେଳେ ମୁଁ ତାଙ୍କ ସହିତ କଥାବାର୍ତ୍ତା କରୁଥିଲି, କହିଲେ, "ସେମାନଙ୍କ ମଧ୍ୟରୁ କେଉଁଟି ତୁମର ପରମେଶ୍ୱର ଅଟେ? କେଉଁଟି ତୁମର ପରମେଶ୍ୱର ଅଟେ, ସେହି ପିତା, ସେହି ପୁତ୍ର, ନା ସେହି ପବିତ୍ରଆତ୍ମା? କେଉଁଟି ତୁମର ଅଟେ?"

ଆଉ ମୁଁ କହିଲି, "କାହିଁକି, ସେଠାରେ ତ ତିନୋଟି ପରମେଶ୍ୱର ନାହାଁନ୍ତି ।"

134 ସେ କହିଲେ, "ଆପଣ ପରମେଶ୍ୱରଙ୍କୁ ତିନି ଖଣ୍ଡରେ କାଟି—କାଟି ତାହାକୁ ଜଣେ ଯିହୁଦୀକୁ ଦେଇପାରନ୍ତି ନାହିଁ ।"

ମୁଁ କହିଲି, "ନା, ଆଜ୍ଞା ।" ମୁଁ କହିଲି…

135 ଯେତେବେଳେ ସେଠାରେ ଫୋର୍ଟ ୱାୟନ୍‌ରେ, ଜନ୍ ରାୟନ୍ ଅନ୍ଧତ୍ୱରୁ ସୁସ୍ଥ କରା ଯାଇଥିଲେ, ଆପଣ ଜାଣନ୍ତି; ଏବଂ ଏହି ରାବ୍ବୀ ଏଠାରେ ଉପରେ ମିଶାୱା-ଠାରେ…କିମ୍ବା ଫର୍ଟ୍…ବେଣ୍ଟନ୍ ହାର୍ବରରେ । ସେ କହିଲେ, "ଆପଣ ପରମେଶ୍ୱରଙ୍କୁ ତିନି ଖଣ୍ଡରେ କାଟି ତାହାକୁ ଜଣେ ଯିହୁଦୀକୁ ତାହା ଦେଇପାରନ୍ତି ନାହିଁ ।"

136 ମୁଁ କହିଲି, "ନିଶ୍ଚିତରେ ନୁହେଁ । ମୁଁ ନୁହେଁ ।" ମୁଁ କହିଲି, "ରାବ୍ବୀ, କଅଣ ଭବିଷ୍ୟଦ୍‌ବକ୍ତାମାନଙ୍କୁ ବିଶ୍ୱାସ କରିବା ଆପଣଙ୍କ ପାଇଁ କଷ୍ଟକର ହେବ କି?"

ସେ କହିଲେ, "ନା ।"

137 ମୁଁ କହିଲି, "ଯିଶାଇୟ ୨:୬ ରେ, ସେ କାହା ବିଷୟରେ କହୁଥିଲେ, 'କାରଣ ଆମ୍ଭମାନଙ୍କ ନିମନ୍ତେ ଏକ ବାଳକ ଜନ୍ମିଅଛନ୍ତି, ଏକ ପୁତ୍ର ଦତ୍ତ ହୋଇଅଛନ୍ତି, ପୁଣି ତାହାଙ୍କର ନାମ ମନ୍ତ୍ରୀ, ପରାକ୍ରାନ୍ତ ପରମେଶ୍ୱର, ଶାନ୍ତିର ରାଜା ହେବ'?"

ସେ କହିଲେ, "ତାହା ମଶୀହ ଅଟନ୍ତି ।"

ମୁଁ କହିଲି, "ତାହାହେଲେ, ରାବ୍ବୀ, ମଶୀହଙ୍କ ପରମେଶ୍ୱରଙ୍କ ସହିତ କଅଣ ସମ୍ପର୍କ ହେବ?"

ସେ କହିଲେ, "ସେ ପରମେଶ୍ୱର ହେବେ ।"

138 "ତାହାହିଁ ଅଟେ ଯାହା ମୁଁ ଭାବିଥିଲି ।" ବୁଝିଲେ? ତେବେ, ଆପଣ ଦେଖନ୍ତୁ, ତାହା ଅବିକଳ ଠିକ୍ ଅଟେ । ତାହାହିଁ ହେଉଛନ୍ତି ସେ । ଆଉ ତେଣୁକରି ମୁଁ କହିଲି, "ତେବେ ମୋତେ କୁହନ୍ତୁ ଯେ ଯୀଶୁ କେଉଁଠାରେ ତାହା ସଫଳ କରିବାରେ ବିଫଳ ହେଲେ ଯାହାକି ଭବିଷ୍ୟଦ୍‌ବକ୍ତା କହିଥିଲେ ।" ଏବଂ ସେ କାନ୍ଦିବାକୁ ଲାଗିଲେ ଓ ଚାରିଆଡେ ଚଲାବୁଲା କରିବାକୁ ଲାଗିଲେ । ମୁଁ କହିଲି, "ତାହା ଦ୍ୱାରା, ଜନ୍ ରାୟନ୍ ତାଙ୍କର ଦୃଷ୍ଟି ପାଇଛନ୍ତି ।" ବୁଝିଲେ?

ଆଉ ସେ କହିଲେ, "ପରମେଶ୍ୱରଙ୍କର ଯେ ଏକ ପୁତ୍ର ଅଛନ୍ତି ତାହା ଦୂର ହେଉ!"

139 ମୁଁ କହିଲି, "ମହାନ ଯିହୋବା ଜଣେ ସ୍ତ୍ରୀଲୋକଙ୍କୁ ଛାୟା କଲେ, ଯେପରିକି ଭବିଷ୍ୟଦ୍‌ବକ୍ତା କହିଥିଲେ ଯେ ସେ କରିବେ, ଏବଂ ଏକ ରକ୍ତ କୋଷିକା ସୃଷ୍ଟି କଲେ । ଏବଂ ସେହି ରକ୍ତ କୋଷିକା ହିଁ ଥିଲା ଯେଉଁଥିରୁ କି ଖ୍ରୀଷ୍ଟଙ୍କ ଶରୀର ଆସିଥିଲା ।

140 "ରାବ୍ବୀ, ପୁରାତନ ନିୟମରେ, ଦେଖନ୍ତୁ," ମୁଁ କହିଲି, "ଯେତେବେଳେ ଜଣେ ଲୋକ ଏକ ବଳିଦାନ କରିବାକୁ ଯାଉଥିଲା, ସେତେବେଳେ ସେ ଗୋଟିଏ ମେଷଶାବକ ନେଉଥିଲା ।

ସେ ଜାଣିଥିଲା ଯେ ସେ ପରମେଶ୍ୱରଙ୍କ ଆଜ୍ଞାଗୁଡ଼ିକ ଭଙ୍ଗ କରିଅଛି, ତେଣୁ ସେ ଗୋଟିଏ ମେଷଶାବକ ନେଉଥିଲା । ସେ ନିଜର ପାପ ସ୍ୱୀକାର କରୁଥିଲା, ଏବଂ ଏହି ମେଷଶାବକକୁ ବଧ କରାଯାଉଥିଲା । ଯେତେବେଳେକି ସେହି...ତାଙ୍କର ହାତ ମେଷଶାବକ ଉପରେ ରହୁଥିଲା; ତାଙ୍କର ସ୍ୱୀକାରୋକ୍ତି ଥିଲା ଯେ ସେ ଜାଣିଥିଲେ ଯେ ତାଙ୍କୁ ନିଜର ପାପ ପାଇଁ ସ୍ୱୟଂ ମରିବା ଉଚିତ୍ ଥିଲା, କିନ୍ତୁ ମେଷଶାବକ ତାଙ୍କର ସ୍ଥାନ ଗ୍ରହଣ କରୁଥିଲା । ଏବଂ ରକ୍ତ କୋଷିକା ଭଙ୍ଗାଗଲା; ଆଉ ସେ ଛୋଟ ମେଷଶାବକକୁ ତାଙ୍କର ହାତରେ ଧରି ରଖିଥିଲେ ଯେପର୍ଯ୍ୟନ୍ତକି ସେ ତାହାର ଛୋଟ ଜୀବନକୁ ସେଥିରୁ ବାହାରି ଯିବାର, ଏବଂ କଠିନ ହୋଇଯିବାର ଅନୁଭବ ନ କଲେ । ତାହାପରେ ଯାଜକ, ଅବଶ୍ୟ, ରକ୍ତକୁ ସେହି ନିଆଁ—ସେହି ନିଆଁ ଉପରେ ଛିଞ୍ଚିଲେ, ବିଚାରର ସେହି ପିତ୍ତଳ ଯଜ୍ଞବେଦୀ ।"

141 ତାହାପରେ ମୁଁ କହିଲି, "ସେହି ଲୋକଟି, ତେବେ, ସେଠାରୁ ବାହାରି ଯାଏ, ଏହା ଜାଣି ଯେ ମେଷଶାବକ ତାଙ୍କର ସ୍ଥାନକୁ ନେଇଅଛି, ମାତ୍ର ସେ ସେହି ଇଚ୍ଛା ସହିତ ବାହାରି ଗଲା ଯେଉଁ ଇଚ୍ଛାରେ ସେ ଭିତରକୁ ଆସିଥିଲା, ଦେଖନ୍ତୁ, କାରଣ ଏହା ପାପକୁ ଦୂର କରିପାରିବ ନାହିଁ । ବୁଝିଲେ? ମାତ୍ର, ତେବେ, ଏହି ମାମଲାରେ, 'ଉପାସକ ଥରେ ଶୁଦ୍ଧ ହୋଇଗଲେ, ପାପର ଆଉ କୌଣସି ବିବେକ ରୁହେ ନାହିଁ ।' ସେଠାରେ, ସେଠାରେ ବାର୍ଷିକ ଭାବରେ ଏକ ବଳିଦାନ ଅର୍ପଣ କରାଯାଉଥିଲା । କିନ୍ତୁ," ମୁଁ କହିଲି, "ବର୍ତ୍ତମାନ ସେଠାରେ ଏହି ସମୟ ଅଛି, 'ଯେ ଉପାସକ ଥରେ ଶୁଦ୍ଧ ହୋଇଗଲେ, ପାପର ଆଉ କୌଣସି ବିବେକ ରୁହେ ନାହିଁ ।' କାରଣ...

142 "ଦେଖନ୍ତୁ, ରାଙ୍କୀ । ହେମୋଗ୍ଲୋବିନରେ, ସେହି ଛୋଟ ଜୀବନ ଯାହାକି ସେହି କୋଷରେ ଆରମ୍ଭ ହୁଏ, ଯାହା ପୁରୁଷ ଲିଙ୍ଗରୁ, ନାରୀ ମଧ୍ୟକୁ ଆସିଥାଏ । ଏବଂ ନାରୀ ଅଣ୍ଡା କୋଷକୁ ଉତ୍ପାଦନ କରେ; ମାତ୍ର, ଗୋଟିଏ କୁକୁଡ଼ା ଅଣ୍ଡା ଦେଇପାରେ, କିନ୍ତୁ ଯଦି ତାହା ଅଣ୍ଡିରୋ ପକ୍ଷୀ ସହିତ ରହି ନାହିଁ, ତେବେ ଏହା କେବେ ବି ଫୁଟିବ ନାହିଁ ।"

143 ଏବଂ ମୁଁ କହିଲି, "ତାହାପରେ ପରମେଶ୍ୱର, ସେହି ସର୍ବଶ୍ରେଷ୍ଠ ଯିଏକି ସବୁ ସମୟ ଏବଂ ସ୍ଥାକୁନ ପୂର୍ଣ୍ଣ କରିଥିଲେ, ଜଣେ ସ୍ତ୍ରୀର ଗର୍ଭରେ ଗୋଟିଏ ଛୋଟ ଜୀବାଣୁ ହେବା ପାଇଁ ନ୍ୟୁନ ହୋଇଗଲେ ।" ଏବଂ ତାହାପରେ ମୁଁ କହିଲି, "ଯେତେବେଳେ ଆମେ ଆଜି ଉଦ୍ଧାର କରାଯାଉ...ଯୀଶୁ ଯିହୂଦୀ କିମ୍ବା ଅଣଯିହୂଦୀ କିଛି ହେଲେ ନ ଥିଲେ, କାରଣ ଅଣ୍ଡା କେବଳ ଶରୀର ଉତ୍ପନ୍ନ କରିଥିଲା । ଜୀବନଟା ରକ୍ତରେ ରହିଥିଲା । ତେଣୁ ଆମେ—ଆମେ ମାନେ... ବାଇବଲ କୁହେ, 'ଆମେମାନେ ପରମେଶ୍ୱରଙ୍କ ରକ୍ତ ଦ୍ୱାରା ପରିତ୍ରାଣ ପାଇଅଛୁ ।' ଦେଖନ୍ତୁ, ସେ ଯିହୂଦୀ କିମ୍ବା ଅଣଯିହୂଦୀ ନ ଥିଲେ; ସେ ତ ପରମେଶ୍ୱର ଥିଲେ । ଅତଏବ, ଯେତେବେଳେ ଆମେମାନେ ଯଜ୍ଞବେଦି ନିକଟକୁ ଆସି, ବିଶ୍ୱାସ ଦ୍ୱାରା, ତାହାଙ୍କ ମସ୍ତକରେ ନିଜର ହାତକୁ ରଖୁ, ଏବଂ କାଲବରୀରେ ଥିବା ସେହି ଦୁଃଖକଷ୍ଟ ଓ ଯନ୍ତ୍ରଣାକୁ ଅନୁଭବ କରୁ, ଆଉ ଆମର ପାପଗୁଡ଼ିକୁ ସ୍ୱୀକାର କରୁ, ଯେ ଆମେ ଭୁଲ୍ ଅଟୁ, ଏବଂ ସେ ଆମର ସ୍ଥାନରେ ମରିଛନ୍ତି!

144 "ତାହାପରେ, ଆପଣ ଦେଖନ୍ତୁ," ମୁଁ କହିଲି, "ସେହି ମେଷଶାବକଙ୍କ ରକ୍ତ ଏହା ଉପରକୁ ଫେରି ଆସିପାରିବ ନାହିଁ, ସେହି ରକ୍ତ ଯାହାକି...ସେହି କୋଷିକାଟି ଭଙ୍ଗା ଯାଇଥିଲା, ଏବଂ ସେହି ମେଷଶାବକଙ୍କ ଏହି ରକ୍ତ କୋଷିକାର ଭଙ୍ଗା ଯିବାରେ, ଯେଉଁ ଜୀବନଟି ମୁକ୍ତ ହୋଇଥିଲା, ତାହା ଉପାସକଙ୍କ ନିକଟକୁ ଫେରି ଆସିପାରିବ ନାହିଁ, କାରଣ ଏହା ଏକ ପଶୁର ଜୀବନ ଥିଲା, ଏବଂ ଏହା ମାନବ ଜୀବନ ସହିତ ମେଳ ଖାଏ ନାହିଁ।

145 "କିନ୍ତୁ ଏଥରକ, ଯେତେବେଳେ ସେହି ରକ୍ତ କୋଷିକାଟି ଭଙ୍ଗାଗଲା, ଏହା କେବଳ ସାଧାରଣ ଭାବେ ଜଣେ ପୁରୁଷ ନ ଥିଲେ। ତାହା ତ ପରମେଶ୍ୱରଙ୍କ ଜୀବନ ଥିଲା, ଯାହାକି ମୁକ୍ତ ହୋଇଥିଲା। ଏବଂ ଯେତେବେଳେ ସେହି ଉପାସକ, ପରମେଶ୍ୱରଙ୍କ ପୁତ୍ରଙ୍କ ଉପରେ, ବିଶ୍ୱାସ ଦ୍ୱାରା, ନିଜର ହାତକୁ ରଖି, ନିଜର ପାପ ସ୍ୱୀକାର କରେ, ତେବେ ଅନ୍ୟ କୌଣସି ବ୍ୟକ୍ତିଙ୍କର ଜୀବନ ନୁହେଁ, ମାତ୍ର ପରମେଶ୍ୱରଙ୍କ ଜୀବନ ଏହି ମନୁଷ୍ୟ ନିକଟକୁ ଫେରି ଆସେ, ଯାହାକି ଅନନ୍ତ ଜୀବନ ଅଟେ। ସେହି ଶବ୍ଦ *ଜୋଇ*, ଯାହାର ଅନୁବାଦ ହେଉଛି, 'ପରମେଶ୍ୱରଙ୍କର ନିଜସ୍ୱ ଜୀବନ।' ଆଉ ସେ କହିଥିଲେ ଯେ ସେ ଆମକୁ ଜୋଇ ଦେବେ, ଅନନ୍ତ ଜୀବନ ଦେବେ, ଆଉ ବର୍ତ୍ତମାନ ଆମେ ପରମେଶ୍ୱରଙ୍କ ପୁତ୍ର ଏବଂ ପୁତ୍ରୀଗଣ ଅଟୁ। ଆପଣ ସେଠାରେ ଅଛନ୍ତି।"

146 ମୁଁ କହିଲି, "ତେବେ ଏହା କଅଣ ଅଟେ? ଏହା ତ ପରମେଶ୍ୱର, ସଙ୍କୁଚିତ ହୋଇଥିଲେ। ସେ ପ୍ରଥମେ, ଆସିଲେ; 'କୌଣସି ମନୁଷ୍ୟ ତାହାଙ୍କୁ ଛୁଇଁ ପାରି ନ ଥିଲେ,' କାରଣ ମନୁଷ୍ୟ ପାପ କରିଥିଲା। ତାହାପରେ ସେ ଏକ ଶରୀରରେ ଓହ୍ଲାଇ ଆସିଲେ, 'ପାପର ସ୍ୱାଦକୁ ଚାଖିବା ପାଇଁ...ପାପକୁ ନେବା ପାଇଁ।' ଦେଖନ୍ତୁ, ସେ, କେବଳ ଗୋଟିଏ ମାତ୍ର ବିଷୟ ଯାହା ନ୍ୟାୟବାନ ହେବା ପାଇଁ, ପରମେଶ୍ୱର କରିପାରିଥାନ୍ତେ, ତାହା ହେଲା ସେହି ପ୍ରକାରେ ହିଁ କରିବା।"

147 ଉଦାହରଣ ସ୍ୱରୂପେ, କଅଣ ହୁଅନ୍ତା ଯଦି ଆଜି ସକାଳେ ମୋ ପାଖରେ ଏହି ଦର୍ଶକବୃନ୍ଦଙ୍କ ଉପରେ ଅଧିକାର ରହିଥାନ୍ତା, ଯେପରିକି ପରମେଶ୍ୱରଙ୍କର ମାନବ ଜାତି ଉପରେ ରହିଥିଲା, ଆଉ ମୁଁ କୁହନ୍ତି, "ପ୍ରଥମ ବ୍ୟକ୍ତି ଯିଏ ସେହି ଖୁଣ୍ଟକୁ ଦେଖେ, ମରିଯିବ," ଏବଂ ଟମି ହିକ୍ସ ଏହାକୁ ଦେଖନ୍ତି? ବର୍ତ୍ତମାନ, ଉଦାହରଣ ସ୍ୱରୂପେ, ମୁଁ କାର୍ଲ-..."ଭାଇ କାର୍ଲସନ୍, ଆପଣ ତାଙ୍କ ପାଇଁ ମରନ୍ତୁ।" ତାହା ନ୍ୟାୟ ହେବ ନାହିଁ। ମୁଁ କହିବି, "ଲିଓ, ତୁମେ ମୋର ସଚିବ ଅଟ; ତୁମେ ତାଙ୍କ ପାଇଁ ମର।" ତାହା ଠିକ୍ ହେବ ନାହିଁ। "ମୋ ପୁଅ, ବିଲି ପଲ୍, ତୁମେ ତାଙ୍କ ପାଇଁ ମର।" ତାହା ଠିକ ନୁହେଁ। କେବଳ ଗୋଟିଏ ମାତ୍ର ଉପାୟ ଯେଉଁଥିରେକି ମୁଁ ନ୍ୟାୟବାନ ହୋଇପାରେ, ତାହା ହେଲା ମୁଁ ନିଜେ ତାଙ୍କର ସ୍ଥାନକୁ ନିଏ।

148 ଏବଂ ତାହା ହିଁ ହିଁ ଥିଲା ଯାହାକି ପରମେଶ୍ୱର କରିଥିଲେ। ସେ, ପରମେଶ୍ୱର, ଏକ ଆତ୍ମା ଅଟନ୍ତି। ଏବଂ ସେ ସୃଷ୍ଟି କଲେ...ସେ, ସେ ତାଙ୍କର ରୂପକୁ ବଦଳାଇଲେ। ଏହା ଲୋକମାନଙ୍କୁ, ସେହି ସାନ ଯିହୋବାଙ୍କ ବିଷୟରେ ଭାବିବା ନିମନ୍ତେ, ବାଧ୍ୟ କରିଦେବା ଉଚିତ୍। ସେ ଜଣେ

ପୂର୍ଣ୍ଣ ବୟସ୍କ ବ୍ୟକ୍ତି ଭାବରେ, ଆସି ପାରିଥାନ୍ତେ, କିନ୍ତୁ ସେ ଏକ ଗୁହାଳ କୁଣ୍ଡରେ, ଖତ ଗଦା ଉପରେ ଆସିଲେ । ସାନ ଯିହୋବା, ଶିଶୁ ପରି କାନ୍ଦୁଥିଲେ । ସାନ ଯିହୋବା, ବାଳକ ପରି ଖେଳୁଥିଲେ । ସାନ ଯିହୋବା, ଜଣେ କର୍ମୀ ପରି, ବଢେଇ କାମ କରୁଥିଲେ । କିଶୋର ଅବସ୍ଥାରେ, ସାନ ଯିହୋବା । ଯିହୋବା, ଆକାଶ ଓ ପୃଥିବୀ ମଧ୍ୟରେ ଝୁଲି ରହିଥିଲେ, ଆଉ ତାଙ୍କ ମୁହଁ ଉପରେ ମଦ୍ୟପ ଛେପ, ଖଙ୍କାର ଓ ଥୁକ ପକା ଯାଇଥିଲା । ଯିହୋବା ଆପଣାର ସନ୍ତାନମାନଙ୍କ ପାଇଁ ମରୁଥିଲେ । ଯିହୋବା, ମୁକ୍ତିସାଧନ କରିବାକୁ, ମୃତ୍ୟୁବରଣ କରୁଥିଲେ; ଅନ୍ୟ ଜଣେ ବ୍ୟକ୍ତି ନୁହେଁ, ମାତ୍ର ପରମେଶ୍ୱର ନିଜେ! ଦେଖନ୍ତୁ, ପରମେଶ୍ୱର, ତାହା ତାଙ୍କର କାର୍ଯ୍ୟାଳୟ ଥିଲା । କାହିଁକି? ସେ ମନୁଷ୍ୟମାନଙ୍କ ହୃଦୟକୁ ଫେରିବାକୁ ଚେଷ୍ଟା କରୁଛନ୍ତି ।

149 ତେବେ, ଆମେ ତାହାଙ୍କୁ *ସେଠାରେ*, ସ୍ପର୍ଶ କରିପାରି ନ ଥିଲୁ । *ଏଠାରେ*, ଆମେ ତାହାଙ୍କୁ ନିଜ ହାତରେ ଅନୁଭବ କଲୁ । ତେବେ ସେହି ଶରୀରର ବଳିଦାନ ଦ୍ୱାରା, ସେ କଅଣ ସାଧନ କଲେ? ସେ ଆମ *ଭିତରେ* ଯିହୋବା ହୋଇଗଲେ । ଆମେମାନେ ତାହାଙ୍କର ଅଂଶ ଅଟୁ । ପେଣ୍ଟିକଷ୍ଟର ଦିନରେ, ଅଗ୍ନିସ୍ତମ୍ଭ ନିଜକୁ ବିଭକ୍ତ କଲା, ଆଉ ଅଗ୍ନିର ଜିହ୍ୱାଗୁଡ଼ିକ ପ୍ରତ୍ୟେକଙ୍କ ଉପରେ ଅବସ୍ଥାନ କଲା, ଯାହାକି ଏହା ଦର୍ଶାଉଥିଲା ଯେ ପରମେଶ୍ୱର ଆପଣାକୁ ନିଜର ମଣ୍ଡଳୀ ମଧ୍ୟରେ ବିଭକ୍ତ କରୁଛନ୍ତି ।

150 ତେବେ, ଭାଇମାନେ, ଯଦି ଆମେ କେବଳ ଏକାଠି ହୋଇପାରିବା, ଓ ତାହାକୁ ଏକତ୍ର ଆଣିପାରିବା! ତାହାପରେ ଯେତେବେଳେ ଆମେ ଏକାଠି ହେଉ, ସେତେବେଳେ ଆମେ ଯିହୋବାଙ୍କୁ ସମ୍ପୂର୍ଣ୍ଣତାରେ ପାଇଥାଉ । କିନ୍ତୁ ଆମେମାନେ କିପରି ଭାବରେ, ଯେତେବେଳେ *ଏହି* ବ୍ୟକ୍ତି ପରଭାଷାରେ କଥାବାର୍ତ୍ତା କରୁଛନ୍ତି ଓ ବାପ୍ତିସ୍ମ ପାଇଛନ୍ତି, *ଏହି* ଜଣକ; ଏବଂ ତାହାପରେ ଅଗ୍ନିର *ଏହି* ଖଣ୍ଡକୁ ଏଠାରେ ରଖୁଛନ୍ତି, ଏବଂ *ଏହି* ଜଣକ? ଆସନ୍ତୁ ଏହାକୁ ଏକାଠି ରଖିବା ।

151 ଯେତେବେଳେ ପରମେଶ୍ୱର, ପେଣ୍ଟିକଷ୍ଟ ଦିନରେ, ତଳକୁ ଓହ୍ଲାଇ ଆସିଲେ, ଆଉ ବାଇବଲ କୁହେ, "ଅଗ୍ନିର ଜିହ୍ୱାଗୁଡ଼ିକ ସେମାନଙ୍କ ପ୍ରତ୍ୟେକ ଉପରେ ଅବସ୍ଥାନ କଲା ।" ଏବଂ ସେମାନେ…"ଅଗ୍ନି ପରି, ଜିହ୍ୱାଗୁଡ଼ିକ," ଜିହ୍ୱାଖଣ୍ଡ । ଏହା ସେହି ଅଗ୍ନିସ୍ତମ୍ଭ ଥିଲା ଯିଏକି ଲୋକମାନଙ୍କ ମଧ୍ୟରେ, ଆପଣାକୁ ପୃଥକ କରି ବିଭକ୍ତ କରୁଥିଲା, ଯେପରିକି ଆମେମାନେ ଭାଇ ହେବା । "ସେଦିନ ତୁମେ ଜାଣିବ ଯେ ମୁଁ ପିତାଙ୍କଠାରେ ଅଛି, ପିତା ମୋ ଠାରେ ଅଛନ୍ତି; ମୁଁ ମୋ ଠାରେ, ଏବଂ ତୁମେ ମୋ ଠାରେ ଅଛ ।" ଏବଂ, ଆମେ, ଆମେ ଏକ ଅଟୁ । ଆମେ ଏକ ଅଟୁ, ବିଭାଜିତ ନୋହୁଁ ।

152 ତେବେ, ଯିହୋବା ପରମେଶ୍ୱର, *ଏଠାରେ* ଉପରେ, ମାନବ ଜାତିକୁ ସ୍ପର୍ଶ କରିପାରି ନ ଥିଲେ, କାରଣ ତାହାଙ୍କର ନିଜର ପବିତ୍ରତାର ନିୟମ ଯୋଗୁଁ; ଯିହୋବା ପରମେଶ୍ୱର ଆମମାନଙ୍କ ପାଇଁ ପାପ ହେଲେ, ଓ ମୂଲ୍ୟ ପରିଶୋଧ କଲେ; ଯେପରିକି ସେହି ସମାନ ଯିହୋବା ପରମେଶ୍ୱର ଆସି ଆମ *ଭିତରେ* ବାସ କରିପାରିବେ । ପରମେଶ୍ୱର ଆମ *ଉପରେ*;

ପରମେଶ୍ୱର ଆମ *ସହିତରେ*; ପରମେଶ୍ୱର ଆମ *ଭିତରେ* । ତିନୋଟି ପରମେଶ୍ୱର ନୁହଁନ୍ତି; ଏକ ପରମେଶ୍ୱର! ପଣ୍ଡିତମାନେ ଏହାକୁ ଜାଣିବାକୁ ଚେଷ୍ଟା କରି, ପାଗଳ ହୋଇଯାଆନ୍ତି । ଏହା—ଏହା ଏକ ପ୍ରକାଶନ ଅଟେ । ଏହାକୁ ତ ଆପଣଙ୍କଠାରେ ପ୍ରକାଶ ହେବାକୁ ଅଛି ।

153 ତେବେ, ବର୍ତ୍ତମାନ, ଯେତେବେଳେ ଏହା ବାପ୍ତିସ୍ମ ବିଷୟରେ କଥା ଆସେ, ତେବେ, ଅନେକ ଲୋକମାନେ...ତେବେ, ଭାଇମାନେ, ଆପଣଙ୍କୁ ତାହା କରିବାକୁ ପଡିବ । କିଅବା, ଏହା ସେହିପରି ଅଟେ ଯେପରିକି ମୁଁ ଭାଇ ସ୍କିଜମ୍ ଏବଂ ଭାଇ ନେସ୍‌ଙ୍କୁ କହିଥିଲି, ଯେ ଯଦି ଆପଣ...ସେହି—ସେହି ଯୁକ୍ତି ଆସିଥିଲା । ଏବଂ ଯେକୌଣସି, ଏଠାରେ ଥିବା ଆପଣ ପଣ୍ଡିତମାନଙ୍କ ମଧ୍ୟରୁ ଅନେକେ ମୋ ଅପେକ୍ଷା ଯଥେଷ୍ଟ ଜ୍ଞାନୀ ଅଟନ୍ତି; କିନ୍ତୁ ମୁଁ ଏହି ବିଷୟ ଉପରେ ବହୁତ ଅଧ୍ୟୟନ କରିଛି । ଏବଂ ମୁଁ *ପ୍ରି-ନାଇସିନ୍ ଫାଦର୍ସ*, ସେହି *ନାଇସିନ୍ ପରିଷଦ*, ଏବଂ ସମସ୍ତ ଇତିହାସକାରମାନଙ୍କୁ, ଇତ୍ୟାଦି ସବୁ ପାଠ କରିଛି ।

154 ସେହି ପ୍ରସଙ୍ଗ ନାଇସିନ୍ ପରିଷଦରେ ଉଠି ଆସିଥିଲା । ଉଭୟ ପକ୍ଷ ବୀଜ ପ୍ରବସ୍ଥାକୁ ଗଲେ; ଯେତେବେଳେ ସେହି କ୍ୟାଥୋଲିକ୍ ମଣ୍ଡଳୀ ଅତ୍ୟଧିକ ତ୍ରିତ୍ତ୍ୱବାଦୀ ପକ୍ଷ ଗ୍ରହଣ କଲା, ଏବଂ ଅନ୍ୟଟି ଏକତ୍ତ୍ୱବାଦୀକୁ ଚାଲି ଗଲା, ଏବଂ ଉଭୟ ପକ୍ଷ ବାହାରି ଗଲେ । ଅବିକଳ ଠିକ୍, କାରଣ ଏଥି ଭିତରେ ମନୁଷ୍ୟମାନଙ୍କର କିଛି କରିବାର ଥିଲା ।

155 ଆପଣଙ୍କୁ ତ ପରମେଶ୍ୱରଙ୍କୁ ତାହା କରିବାକୁ ଦେବାକୁ ପଡିବ, ଏହାକୁ ଜାଣିବାକୁ ଚେଷ୍ଟା କରିବା ପାଇଁ ଆମର କୌଣସି ପ୍ରୟୋଜନ ନାହିଁ । ଆସନ୍ତୁ ଆମେମାନେ ଭାଇ ହୋଇ ରହିବା । ଆସନ୍ତୁ କେବଳ ଆଗକୁ ଯିବା ଏବଂ ପରମେଶ୍ୱରଙ୍କୁ ତାହା କରିବାକୁ ଦେବା ଯାହା ସେ କରିବାକୁ ଯାଉଛନ୍ତି । ଯଦି ସେ ଅସୀମ ଏବଂ ସମସ୍ତ ବିଷୟ ଜାଣନ୍ତି, ଆଉ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପୂର୍ବାନୁମାନ କରନ୍ତି, ତାହାହେଲେ ଆମେମାନେ କିପରି ତାହା ବିଷୟରେ କିଛି କରିପାରିବା? କେବଳ ଆଗକୁ ବଢି ଚାଲନ୍ତୁ । ତାହାହିଁ ମାର୍ଗ ଅଟେ । ଆମର ମହାନ ଯିହୋଶୂୟଙ୍କ ସହିତରେ, ପାଦରେ ପାଦ ମିଶାଇ ଚାଲନ୍ତୁ, ଯେପରିକି ମୁଁ ଗତ ରାତିରେ କହିଥିଲି ।

156 ତେବେ ଦେଖନ୍ତୁ, ଯଦି ସେଠାରେ ତିନୋଟି ପରମେଶ୍ୱର ଅଛନ୍ତି...ମୁଁ ଆପଣଙ୍କୁ କେବଳ ଏହା ଦେଖାଇବାକୁ ଚାହେଁ ଯେ ଏହା କେତେ ହାସ୍ୟାସ୍ପଦ ଅଟେ । ଯଦି ସେଠାରେ ତିନୋଟି ପରମେଶ୍ୱର ଅଛନ୍ତି, ତାହାହେଲେ ଯୀଶୁ ତାହାଙ୍କର ନିଜର ପି-...ଜଣେ ହୋଇଥିବାରୁ, ଯୀଶୁ ତାହାଙ୍କର ନିଜର ପିତା ହୋଇପାରି ନ ଥିଲେ । ଏବଂ, ଯଦି ସେଠାରେ ତିନୋଟି ଅଛନ୍ତି, ତାହାହେଲେ ସେ କୁମାରୀ ଜନ୍ମ ହୋଇ ନ ଥିଲେ । ତେବେ କେତେ ଜଣ...? ମୁଁ କହିବାକୁ ଯାଉଛି ଯେ *ଏହା* ହେଉଛନ୍ତି ପିତା ପରମେଶ୍ୱର; ଏବଂ *ଏହା* ହେଉଛନ୍ତି ପୁତ୍ର ପରମେଶ୍ୱର; ଓ *ଏହା* ହେଉଛନ୍ତି ପବିତ୍ରଆତ୍ମା ପରମେଶ୍ୱର ।

157 ତେବେ, ଏଠାରେ ଥିବା ଆପଣ ଭିନ୍ନ ଭାଇମାନଙ୍କୁ, ଆପଣ ଏହାକୁ କେବଳ ଗୋଟିଏ ମିନିଟ୍ ପାଇଁ ଦେଖନ୍ତୁ ଓ ଆପଣ ଦେଖନ୍ତୁ ଯେ ମୁଁ କଅଣ ଇଙ୍ଗିତ କରିବାକୁ ଚେଷ୍ଟା କରୁଅଛି । ମୁଁ

ପ୍ରାର୍ଥନା କରୁଛି ଯେ ପରମେଶ୍ୱର ଆପଣଙ୍କୁ ତାହା ଦେଖିବାକୁ ଦେବେ । ବର୍ତ୍ତମାନ, ଦେଖନ୍ତୁ, ଆପଣ ଦୁହେଁ ସେହି ସମାନ କଥାକୁ ବିଶ୍ୱାସ କରନ୍ତି, ମାତ୍ର ଶୟତାନ ଠିକ୍ ଆପଣମାନଙ୍କ ମଧ୍ୟରେ ଆସିଯାଇଛି ଓ ଆପଣମାନଙ୍କୁ ତାହା ବିଷୟରେ ଭାଙ୍ଗି ଦେଇଛି । ଏହା ଅବିକଳ ଠିକ୍ ସେହି ସମାନ ବିଷୟ ଅଟେ, ଆଉ ମୁଁ ଏହାକୁ ଆପଣଙ୍କଠାରେ, ପରମେଶ୍ୱରଙ୍କ ସାହାଯ୍ୟରେ, ଏବଂ ପରମେଶ୍ୱରଙ୍କ ବାଇବଲ ଦ୍ୱାରା ପ୍ରମାଣ କରିବି । ଯଦି ଏହା ବାଇବଲ ନୁହେଁ, ତେବେ ଏହାକୁ ଗ୍ରହଣ କରନ୍ତୁ ନାହିଁ । ତାହା ଠିକ୍ ।

158 କିନ୍ତୁ ବର୍ତ୍ତମାନ ଦେଖନ୍ତୁ । *ଏହା* ହେଉଛି (କଅଣ?) ପିତା ପରମେଶ୍ୱର; *ଏହା* ପୁତ୍ର ପରମେଶ୍ୱର; *ଏହା* ହେଉଛନ୍ତି ପବିତ୍ରଆତ୍ମା ପରମେଶ୍ୱର । ତାହାହେଲେ, ବର୍ତ୍ତମାନ, ଆସନ୍ତୁ ତେବେ ଗୋଟିଏ ମିନିଟ୍ ପାଇଁ ଅଟକିଯିବା, ଓ ସେହି ତିନିଜଣଙ୍କୁ ସେଠାରେ ରଖିଦେବା; ପିତା, ପୁତ୍ର, ଓ ପବିତ୍ରଆତ୍ମା ପରମେଶ୍ୱର ।

159 ଓଃ, ମୋ—ମୋ ପାଖରେ ଏହା କରିବାକୁ ସମୟ ହେବ ନାହିଁ । ମୁଁ...[ଭାଇମାନେ କୁହନ୍ତି, "ଆଗକୁ ବଢ଼! ଆଗକୁ ବଢ଼!"—ସମ୍ପା ।] ମାତ୍ର, ଦେଖନ୍ତୁ, ତେବେ, ମୁଁ ଯେତେ ଶୀଘ୍ର ପାରିବି ସେତେ ଶୀଘ୍ର କରିବି । ମୋର ଭାଇମାନେ, ମୋତେ କ୍ଷମା କରନ୍ତୁ, କିନ୍ତୁ ମୁଁ—ମୁଁ—ମୁଁ ଆପଣମାନଙ୍କ ସହିତ କଦାପି କଥାବାର୍ତ୍ତା କରିବାକୁ ପାଇ ନାହିଁ, ଏବଂ ମୁଁ—ମୁଁ ଏହା କରିବା ପାଇଁ ଚାହେଁ ।

160 ଏବଂ ତାହାପରେ, ଦେଖନ୍ତୁ; ପରମେଶ୍ୱର ପିତା, ପୁତ୍ର, ପବିତ୍ରଆତ୍ମା । ତେବେ, ଯୀଶୁ ଖ୍ରୀଷ୍ଟଙ୍କ ପିତା କିଏ ଥିଲେ? ପରମେଶ୍ୱର ଯୀଶୁ ଖ୍ରୀଷ୍ଟଙ୍କର ପିତା ଥିଲେ । ଆମେ ସମସ୍ତେ ତାହା ବିଶ୍ୱାସ କରୁ । କଅଣ ଏହା ଠିକ୍ ଅଟେ? [ମଣ୍ଡଳୀ କୁହନ୍ତି, "ଆମେନ୍ ।"—ସମ୍ପା ।] ଠିକ୍ ଅଛି ।

161 ତେବେ, ଯେତେବେଳେ ଆମେ ମାଥିଉ 28:19 ନେଉ, ଯେତେବେଳେ ଯୀଶୁ କହିଥିଲେ, "ଅତଏବ ଯାଇ, ସମସ୍ତ ଜାତିକୁ ଶିକ୍ଷା ଦିଅ, ଓ ସେମାନଙ୍କୁ ପିତା, ପୁତ୍ର, ପବିତ୍ରଆତ୍ମାଙ୍କ ନାମରେ ବାପ୍ତିଜିତ କର," ଦଶ ଦିନ ପରେ, ପିତର କହିଲେ, "ପଶ୍ଚାତାପ କର, ଏବଂ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୁଅ ।" ସେଠାରେ କୌଣସି ସ୍ଥାନରେ ଏକ ସିଧାସଳଖ ବିରୋଧାଭାସ ଅଛି । ତେବେ, ଆସନ୍ତୁ କରିବା ନାହିଁ...ସେଠାରେ ଏକ...

162 ସମସ୍ତେ ସାକ୍ଷ୍ୟ ଦେଇଛନ୍ତି, ଏବଂ ବିଷୟଗୁଡିକ । ଏଠାରେ ତାହା ଅଟେ । ଏଠାରେ ମୋର ବିଶ୍ୱାସ ଅଟେ, ଆଉ ଭାଇମାନେ, ମୁଁ କେବଳ ଆପଣଙ୍କ ସମ୍ମୁଖରେ ରଖୁଛି । ମୁଁ ଏହାକୁ ପ୍ରଚାର ମଞ୍ଚରେ କହେ ନାହିଁ; ଏହା ଆପଣଙ୍କ ଉପରେ ନିର୍ଭର କରେ । ମାତ୍ର ମୁଁ ଆପଣମାନଙ୍କୁ ଦେଖାଇବାକୁ ଚାହେଁ ଯାହା ମୁଁ ଉଭୟ ପାର୍ଶ୍ୱରେ ଦେଖୁଅଛି, ତେଣୁ ପବିତ୍ରଆତ୍ମା ଏହାକୁ ଆପଣଙ୍କ ଉପରେ ପ୍ରକାଶ କରନ୍ତୁ, ଦେଖନ୍ତୁ ।

163 ତେବେ, ମାଥିଉ 28:19, ଏବଂ ଯଦି—ଯଦି ମାଥିଉ 28:19 ପ୍ରେରିତ 2:38 କୁ ବିରୋଧ କରେ, ତାହାହେଲେ ବାଇବଲରେ ଏକ ବିରୋଧାଭାସ ଅଛି, ଏବଂ ଏହା ଯେଉଁ କାଗଜ ଉପରେ ଲେଖାଯାଇଛି ଏହା ତାର ଯୋଗ୍ୟ ନୁହେଁ ।

164 ବର୍ତ୍ତମାନ ଯଦି ଆପଣ ମାଥିଉ ତାର 16ତମ ପର୍ବକୁ ଲକ୍ଷ୍ୟ କରିବେ, ଯୀଶୁ ପିତରଙ୍କୁ ପ୍ରକାଶନ ଦେଇଥିଲେ, ଏବଂ ତାଙ୍କୁ ଚାବିଗୁଡିକୁ ପ୍ରଦାନ କଲେ ।

165 ତେବେ, ମନେରଖନ୍ତୁ, କୌଣସି ମନୁଷ୍ୟ-କୃତ ଯୋଜନାର ଈଶ୍ୱରତତ୍ତ୍ୱ ଜ୍ଞାନ ଦ୍ୱାରା ବାଇବଲ ପ୍ରକାଶିତ ହୁଏ ନାହିଁ । ଏହା ନୁହେଁ । ଏହା ଏକ ପ୍ରକାଶନ ଅଟେ ।

166 ଆରମ୍ଭ କରିବାକୁ, ଏହା ଏକ ପ୍ରକାଶନ ଥିଲା । ହେବଲ କାହିଁକି କୟିନ ଅପେକ୍ଷା ପରମେଶ୍ୱରଙ୍କୁ ଏକ ଅଧିକ ଉତ୍ତମ ବଳିଦାନ ଉତ୍ସର୍ଗ କଲେ? "ଏହା ତାଙ୍କଠାରେ ପ୍ରକାଶିତ ହୋଇଥିଲା," ଯେ ଏହା ପିଚ୍ ଫଳ, ଏବଂ ସେଉ, ଓ କମଳା, ଆଉ ସେଉ ନ ଥିଲା । ଯଦି ସେଉ ହିଁ ସ୍ତ୍ରୀମାନଙ୍କୁ ଏହା ଅନୁଭବ କରାଇବ ଯେ ସେମାନେ ଉଲଗ୍ନ ଅଟନ୍ତି, ତେବେ ଭାଇ, ଉତ୍ତମ ହେବ ଯେ ଆମେ ପୁନର୍ବାର ସେଉଗୁଡିକୁ ବିତରଣ କରି ଦେବା । କଅଣ ଆପଣ ସେହିପରି ଭାବୁନାହାଁନ୍ତି କି? ତେବେ, ତାହା, ତାହା ଅପବିତ୍ରୀକରଣ ଭଳି ଶୁଭାଯାଏ, ମାତ୍ର ମୋର କହିବାର ଅଭିପ୍ରାୟ ତାହା ନୁହେଁ । କିନ୍ତୁ, ଏହା ସେଉ ନ ଥିଲା । ନା, ମହାଶୟ । ତେବେ, ଏବଂ ଯଦି ତାହା ସେପରି ଥାଏ, ତେବେ, "ଏହା ହେବଲଙ୍କଠାରେ ପ୍ରକାଶ କରାଯାଇଥିଲା," ଯେ ସେ ତାଙ୍କର ପିତାଙ୍କ ରକ୍ତ ଥିଲେ । ତେଣୁ ସେ ରକ୍ତ ଉତ୍ସର୍ଗ କରିଥିଲେ, କାରଣ ଏହା ଏକ ପ୍ରକାଶନ ଥିଲା । ସମଗ୍ର ବିଷୟଟି ତାହା ଉପରେ ନିର୍ମିତ ଅଟେ ।

167 ତେବେ ଦେଖନ୍ତୁ, ଏଠାରେ ଜଣେ ବୃଦ୍ଧ ଅଜ୍ଞ ମତ୍ସ୍ୟଜୀବୀ ଅଛି, ଏପରିକି ପର୍ଯ୍ୟାପ୍ତ ଶିକ୍ଷା ସୁଦ୍ଧା ନାହିଁ...ବାଇବଲ କୁହେ ଯେ ସେ ଅଜ୍ଞ ଏବଂ ଅଶିକ୍ଷିତ ଥିଲେ । ମାତ୍ର ସେ ସେଠାରେ ଛିଡ଼ା ହୋଇଥିଲେ, ଆଉ ଯୀଶୁ ପ୍ରଶ୍ନ ପଚାରିଲେ, "ମନୁଷ୍ୟପୁତ୍ର ଯେ ମୁଁ କିଏ ବୋଲି ତୁମେ କଅଣ କହୁଛ?"

168 ଜଣେ କହିଲା, "କାହିଁକି, ତୁମେ—ତୁମେ ତ ମୋଶ-..." କିମ୍ବା, "ସେମାନେ—ସେମାନେ କୁହନ୍ତି, 'ତୁମେ ମୋଶା ଅଟ ।'"

"ସେମାନେ କଅଣ, ସେମାନେ ମୁଁ କିଏ ବୋଲି କଅଣ କୁହନ୍ତି?"

ଜଣେ କହିଲା, "କାହିଁକି, ତୁମେ ତ ଯିରିମିୟ ବା ଭବିଷ୍ୟଦ୍‌ବକ୍ତା ଅଟ, ଏବଂ *ଏହା, ତାହା* ବା *ଅନ୍ୟ* ଅଟ ।"

169 ସେ କହିଲେ, "ତାହା ସେହି ପ୍ରଶ୍ନ ନୁହେଁ । ମୁଁ *ତୁମକୁ* ପଚାରେ । ମୁଁ କିଏ ବୋଲି ତୁମେ କଅଣ କୁହ?"

170 ଆଉ ପିତର ଠିକ୍ ପୃଥକ ଛିଡ଼ା ହେଲେ, ଓ କହିଲେ, "ତୁମେ ପରମେଶ୍ୱରଙ୍କ ପୁତ୍ର ।"

171 ଆଉ ସେ କହିଲେ, "ଯୂନସର ପୁତ୍ର, ଶିମୋନ, ତୁମେ ଧନ୍ୟ ।" ତେବେ ଦେଖନ୍ତୁ । "ମାଂସ ଓ ରକ୍ତ ଏହାକୁ ତୁମଠାରେ ପ୍ରକାଶ କରି ନାହିଁ, କିନ୍ତୁ ମୋର ସ୍ୱର୍ଗସ୍ଥ ପିତା କରିଛନ୍ତି ।" ବୁଝିଲେ?

172 ତେବେ ଦେଖନ୍ତୁ, ବର୍ତ୍ତମାନ, କ୍ୟାଥୋଲିକ୍ ମଣ୍ଡଳୀ କୁହେ ଯେ ସେ ପିତରଙ୍କ ଉପରେ ମଣ୍ଡଳୀକୁ ନିର୍ମାଣ କରିଥିଲେ । ତାହା ଭୁଲ ଅଟେ ।

173 ପ୍ରୋଟେଷ୍ଟାଣ୍ଟ ମଣ୍ଡଳୀ କୁହେ, "ସେ ଏହାକୁ ନିଜ ଉପରେ ନିର୍ମାଣ କରିଥିଲେ।" ମାତ୍ର ତେବେ ଦେଖନ୍ତୁ ଓ ଖୋଜନ୍ତୁ, ଯେ ଏହା ତାହା ଅଟେ କି ନୁହେଁ।

174 ସେ ଏହାକୁ ସେହି ଆତ୍ମିକ ପ୍ରକାଶନ ଉପରେ ଯେ ସେ କିଏ ଅଟନ୍ତି, ନିର୍ମାଣ କରିଥିଲେ, ଦେଖନ୍ତୁ, କାରଣ ସେ କହିଥିଲେ, "ଯୂନସର ପୁତ୍ର ଶିମୋନ, ତୁମେ ଧନ୍ୟ। ମାଂସ ଏବଂ ରକ୍ତ ଏହାକୁ ତୁମ ଉପରେ ପ୍ରକାଶ କରି ନାହିଁ। ମୁଁ କହୁଛି ଯେ ତୁମେ ଶିମୋନ ଅଟ; ଏହି ଶୈଳ ଉପରେ" (କେଉଁ ଶୈଳ? ସେହି ପ୍ରକାଶନ) "ମୁଁ ମୋର ମଣ୍ଡଳୀକୁ ନିର୍ମାଣ କରିବି, ଏବଂ ନରକର ଫାଟକ ଏହା ବିରୁଦ୍ଧରେ ପ୍ରବଳ ହୋଇପାରିବ ନାହିଁ।"

175 ତାହାପରେ, ଯେତେବେଳେ ପିତର ସେଠାରେ ଛିଡ଼ା ହୋଇ ଉପସ୍ଥିତ ଥିଲେ ଯେତେବେଳେ ମାଥିଉ 28 କୁ ଉଦ୍ଧୃତ କରାଯାଇଥିଲା, ଆଉ ଘୁରି ପଡ଼ିଲେ ଏବଂ, ଦଶ ଦିନ ଉତ୍ତାରେ, ସେହି ପ୍ରକାଶନ ସହିତରେ, ଆଉ "ପ୍ରଭୁ ଯୀଶୁ ଖ୍ରୀଷ୍ଟ"ଙ୍କ ନାମରେ ବାପ୍ତିସ୍ମ ଦେଇଥିଲେ। ସେ ତାହା କାହିଁକି କଲେ? ପରମେଶ୍ୱରଙ୍କ ପ୍ରକାଶନ ସହିତରେ; ଏବଂ ଭାଇ, ରାଜ୍ୟର ଚାବିଗୁଡିକ ରକହିଥିଲେ।

176 ତେବେ ମୁଁ ହୁଏତ ଆପଣଙ୍କୁ, ଆପଣଙ୍କର ଗୋଟିଏ ପାର୍ଶ୍ୱକୁ, ଗୋଟିଏ ମିନିଟ୍ ପାଇଁ ଆଘାତ ଦେଇପାରେ, କିନ୍ତୁ ମାତ୍ର ଗୋଟିଏ ମିନିଟ୍ ରୁହନ୍ତୁ। ବାଇବଲରେ ଗୋଟିଏ ହେଲେ ସ୍ଥାନ ନାହିଁ ଯେଉଁଠାରେକି କେବେ କୌଣସି ବ୍ୟକ୍ତି "ପିତା, ପୁତ୍ର, ପବିତ୍ରଆତ୍ମା" ଙ୍କ ନାମରେ ବାପ୍ତିଜିତ ହୋଇଥିଲେ। ଶାସ୍ତ୍ରରେ ଗୋଟିଏ ହେଲେ ସ୍ଥାନ ନାହିଁ। ଏବଂ ଯଦି ଅଛି, ତାହାହେଲେ ଏହାକୁ ଦେଖାନ୍ତୁ। ଏବଂ ଯଦି ଆପଣ କ୍ୟାଥୋଲିକ୍ ମଣ୍ଡଳୀର ଗଠନ ହେବା ପର୍ଯ୍ୟନ୍ତ, ପବିତ୍ର ଇତିହାସର କୌଣସି ସ୍ଥାନରେ ତାହା ପାଇପାରନ୍ତି, ମୁଁ ଚାହେଁ ଯେ ଆପଣ ଏହାକୁ ଦେଖାନ୍ତୁ। ତେବେ, କୌଣସି ସ୍ଥାନ ନାହିଁ, ଆଉ ତାହା ସତ୍ୟ ଅଟେ।

ମାତ୍ର ବର୍ତ୍ତମାନ ଗୋଟିଏ ମିନିଟ୍ ଅପେକ୍ଷା କରନ୍ତୁ, ଆପଣ ଏକତ୍ତ୍ୱବାଦୀମାନେ, ମାତ୍ର ଗୋଟିଏ ସେକେଣ୍ଡ।

177 ତେବେ, ସେଠାରେ ଏପରି କୌଣସି ସ୍ଥାନ ନାହିଁ ଯେଉଁଠାରେକି…ଯଦି କୌଣସି ବ୍ୟକ୍ତି ମୋତେ ଶାସ୍ତ୍ରର ଗୋଟିଏ ପାଠ ଦେଖାଇ ପାରିବେ ଯେଉଁଠାରେକି "ପିତା, ପୁତ୍ର, ପବିତ୍ରଆତ୍ମା" ର ସେହି ସମାରୋହ ବାଇବଲରେ ବ୍ୟବହୃତ ହୋଇଥିଲା, ଆପଣ ଆସି ମୋତେ ଜଣାଇବାକୁ ବାଧ୍ୟ ଯେ କେହି କେବେ ସେହିପରି ଭାବରେ କେଉଁଠାରେ ବାପ୍ତିଜିତ ହୋଇଥିଲା।

178 ଏବଂ ସେମାନଙ୍କ ମଧ୍ୟରୁ କେତେକ କୁହନ୍ତି, "ତେବେ, ମୁଁ ତାହା ଗ୍ରହଣ କରିବି ଯାହା ଯୀଶୁ କହିଥିଲେ, ପିତର ଯାହା କହିଥିଲେ ତାହା ନୁହେଁ।" ଯଦି ସେମାନେ ପରସ୍ପରର, ବିରୋଧାଭାସୀ ଅଟନ୍ତି, ତେବେ ଆମେ କଅଣ କରିବାକୁ ଯାଉଅଛୁ? ଯଦି ଏହା ସମସ୍ତ ପରମେଶ୍ୱର ନୁହଁନ୍ତି, ତେବେ ବାଇବଲର କେଉଁ ଅଂଶଟି ଠିକ୍ ଅଟେ?

179 ଏହାକୁ ତ ସବୁ ଏକତ୍ର ମେଳ ଖାଇବାକୁ ଅଛି ଏବଂ ଏକାଠି ଆସିବାକୁ ଅଛି, ଏବଂ କେବଳ ପରମେଶ୍ୱରଙ୍କ ପ୍ରକାଶନ ହେବାକୁ ଅଛି । ଆମ ବିଦ୍ୟାଳୟଗୁଡ଼ିକ ଏହାକୁ କେବେବି ଶିକ୍ଷା ଦେବେ ନାହିଁ । ଏହା ଏକ ପ୍ରକାଶନ ଅଟେ, ଯାହାକୁ ଆପଣଙ୍କୁ ନିଶ୍ଚିତରେ ଦେଖିବା ଉଚିତ ।

180 ତାହାପରେ, ଯଦି ସେହି ଦୁଇଜଣ ବ୍ୟକ୍ତି, ଜଣେ ଅନ୍ୟର ବିରୋଧାଭାସୀ ଥିଲେ, ତାହାହେଲେ ଆମେମାନେ କେଉଁ ପ୍ରକାରର ଏକ ବାଇବଲ ପାଠ କରୁଅଛୁ? ମୁଁ କିପରି ଜାଣିବି ଯେ ଯୋହନ 14 ଠିକ ଅଟେ, କି ନାହିଁ? ମୁଁ କିପରି ଜାଣିବି ଯେ ଯୋହନ 3 ଠିକ ଅଟେ, କି ନାହିଁ? ମୁଁ କିପରି, କିପରି, କିପରି ଜାଣିବି? ବୁଝିଲେ?

181 କିନ୍ତୁ ଏକମାତ୍ର ଉପାୟ ଯେ ମୁଁ ପରମେଶ୍ୱରଙ୍କ ଉପରେ ବିଶ୍ୱାସ କରିପାରେ, ତାହା ହେଉଛି ଏହା ଜାଣିବା ଯେ ସେହି ବାଇବଲଟି ଠିକ୍ ଅଟେ, ଏବଂ ଏହା ବିଶ୍ୱାସ କରିବା ଯେ ତାହା ଠିକ୍ ଅଟେ, ଏବଂ ତାହା ସହିତ ଠିକ୍ ଲାଗି ରହିବା । ଯଦିଓ ମୁଁ ତାହାକୁ ବୁଝି ନ ପାରେ, ଯେକୌଣସି ପ୍ରକାରେ ହେଲେ, ମୁଁ ଏହାକୁ ଗତି କରାଏ ।

182 କିନ୍ତୁ ଯେତେବେଳେ ଏହି ବିରୋଧାଭାସଗୁଡିକ ଆସେ, ସେତେବେଳେ ମୁଁ ଜାଣିବା ପାଇଁ, ପରମେଶ୍ୱରଙ୍କ ନିକଟକୁ ଯାଏ । ଏବଂ ସେହି ସମାନ ସ୍ୱର୍ଗଦୂତ ଯିଏକି ମୋତେ ସଭାରେ, ଏବଂ ରାତିରେ ସାକ୍ଷାତ କରନ୍ତି, ସେହି ସମାନ ଜଣ ଅଟନ୍ତି ଯିଏକି ମୋତେ ଏହା ଶିଖାଇଥିଲେ । ବୁଝିଲେ? ତେବେ ଦେଖନ୍ତୁ ଯେ ଏହା ତାହା ଅଟେ, ଯେ ବର୍ତ୍ତମାନ ତାହା କିପରି ଅଟେ ।

183 ତେବେ, ମାଥିଉ 28:19, ଆସନ୍ତୁ ବର୍ତ୍ତମାନ କେବଳ ଗୋଟିଏ କ୍ଷଣ ଦେଖିବା । ଆଉ ବର୍ତ୍ତମାନ ମୁଁ ଠିକ୍ ଏଠାରେ ପ୍ରେରିତ 2:38 କୁ ନେବାକୁ ଯାଉଛି, ଯେଉଁଠାରେ ପିତର କହିଥିଲେ, "ପ୍ରଭୁ ଯୀଶୁ ଖ୍ରୀଷ୍ଟ ।" ଏବଂ ମାଥିଉ କହିଥିଲେ, "ପିତା, ପୁତ୍ର, ପବିତ୍ରଆତ୍ମା ।"

184 ତେବେ ଶୁଣନ୍ତୁ । ସେ କହିଲେ, "ସେମାନଙ୍କୁ ବାପ୍ତିଜିତ କର..." ଏପରି ନୁହେଁ "ପିତାଙ୍କ ନାମରେ, ପୁତ୍ରଙ୍କ ନାମରେ, ପବିତ୍ରଆତ୍ମାଙ୍କ ନାମରେ ।" ସେ ଏହା କେବେ ବି କହିଲେ ନାହିଁ । ସେଠାରେ କୌଣସି "ନାମ...ନାମରେ...ନାମରେ" ନାହିଁ ।

185 ସେ କଦାପି କହିଲେ ନାହିଁ, "ସେମାନଙ୍କୁ ପିତା, ପୁତ୍ର, ଏବଂ ପବିତ୍ରଆତ୍ମାଙ୍କ *ନାମଗୁଡିକରେ* ବାପ୍ତିଜିତ କର," କାରଣ ଏହା ଏପରିକି ସମ୍ବେଦନଶୀଳ ସୁଦ୍ଧା ନୁହେଁ ।

186 ସେ କହିଲେ, "ସେମାନଙ୍କୁ ପିତା, ପୁତ୍ର, ଏବଂ ପବିତ୍ରଆତ୍ମାଙ୍କ ନାମରେ (ନ- ।-ମ) ବାପ୍ତିଜିତ କର ।" କଅଣ ଏହା ଠିକ୍ ଅଟେ? "...ପିତା, ପୁତ୍ର, ଏବଂ ପବିତ୍ରଆତ୍ମାଙ୍କର," ସଂଯୋଗ, "ଏବଂ, ଏବଂ, ଏବଂ ।"

187 *ନାମଗୁଡିକ*, ନୁହେଁ । ଏପରି ନୁହେଁ, "ପିତାଙ୍କ ନାମରେ, ପୁତ୍ରଙ୍କ ନାମରେ, ପବିତ୍ରଆତ୍ମାଙ୍କ ନାମରେ ।" ଏପରି ନୁହେଁ, "ପିତା, ପୁତ୍ର ଏବଂ ପବିତ୍ରଆତ୍ମାଙ୍କ *ନାମଗୁଡିକରେ* ।" ମାତ୍ର, "ନାମରେ," ନ- ।-ମ, ଏକକ, "ପିତା, ପୁତ୍ର, ଏବଂ ପବିତ୍ରଆତ୍ମାଙ୍କର ।" ତେବେ, ସେମାନଙ୍କ ମଧ୍ୟରୁ ବାପ୍ତିଜିତ କରିବାର କେଉଁଟି ସଠିକ୍ ନାମ ଅଟେ? ଏହା ଗୋଟିଏ ନାମ ଅଟେ ।

କେଉଁଟି ଅଟେ? କଅଣ "ପିତା" ସଠିକ୍ ନାମ ଅଟେ, କିମ୍ବା "ପୁତ୍ର" ସଠିକ୍ ନାମ ଅଟେ, କିମ୍ବା "ପବିତ୍ରଆତ୍ମା" ସଠିକ୍ ନାମ ଅଟେ?

188 ଏହା କୌଣସିଠାରେ ଏକ "ନାମ," ଅଟେ। କଅଣ ତାହା ଠିକ୍? [ମଣ୍ଡଳୀ କୁହନ୍ତି, "ଆମେନ୍।"—ସମ୍ପା।] ତେବେ, ତାହାହେଲେ, ବର୍ତ୍ତମାନ ମୁଁ ଆପଣଙ୍କୁ କିଛି ପଚାରିବାକୁ ଚାହେଁ। ଯଦି ସେହି "ନାମ," ତେବେ, ଯଦି ଯୀଶୁ କହିଥିଲେ, "ସେମାନଙ୍କୁ ପିତା, ପୁତ୍ର, ଏବଂ ଆତ୍ମାଙ୍କ ନାମରେ ବାପ୍ତିଜିତ କର..." କେତେ ଲୋକ ବିଶ୍ୱାସ କରନ୍ତି ଯେ ଯୀଶୁ ତାହା କହିଥିଲେ? ["ଆମେନ୍।"] ତାହା ଶାସ୍ତ୍ର ଅଟେ। ଏହା ମାଥିଉ 28:19 ଅଟେ, "ପିତା, ପୁତ୍ରଙ୍କ ନାମରେ..."

189 [ଭାଇ ବ୍ରାନହାମ୍ ଏକ ବିକର୍ଷଣ ଦେଖନ୍ତି—ସମ୍ପା।] କଅଣ ଏପରି କିଛି ଯାହାକି ଆମେ...ନା, ଏହା, ମୁଁ ଭାବିଲି...ଠିକ୍ ଅଛି, ମହାଶୟ। [ଜଣେ ଭାଇ କୁହନ୍ତି, "କ୍ଷମା କରିବେ, ଭାଇ ବ୍ରାନହାମ୍?"] ହଁ। ["ମୁଁ ଏହି ଟେପ୍‌କୁ ପରିବର୍ତ୍ତନ କରିବାକୁ ଚାହେଁ, ଏବଂ ମୁଁ ଏହାକୁ ହାତଛଡ଼ା କରିବାକୁ ଚାହେଁ ନାହିଁ।"] ଠିକ୍ ଅଛି। [ଟେପ୍‌ରେ ଖାଲି ସ୍ଥାନ।]...?...

190 ତେବେ, "ପିତା, ପୁତ୍ର, ଏବଂ ପବିତ୍ରଆତ୍ମାଙ୍କ ନାମରେ।" ତେବେ ଭାଇମାନେ, ଶୁଣନ୍ତୁ। "ପିତା" ଙ୍କ ନାମ ଭଳି ସେପରି କୌଣସି ବିଷୟ ନାହିଁ, କାରଣ *ପିତା* ଏକ ନାମ ନୁହଁନ୍ତି। ଏହା ଏକ ଉପାଧି ଅଟେ। "ପୁତ୍ର" ଙ୍କ ନାମ ଭଳି ସେପରି କୌଣସି ଜିନିଷ ନାହିଁ, କାରଣ *ପୁତ୍ର* ଏକ ଉପାଧି ଅଟେ। "ପବିତ୍ରଆତ୍ମା" ଙ୍କ ନାମ ଭଳି ସେପରି କୌଣସି ବିଷୟ ନାହିଁ। ତାହା ତ ଏହା ଯାହାକି ସେ ଅଟନ୍ତି।

191 ମୁଁ ଦିନେ ସକାଳେ ଏକ ସେବକସ୍ତରୀୟ ଜଳପାନରେ ତାହା କହୁଥିଲି, ଏବଂ ଜଣେ ମହିଳା...ଅବଶ୍ୟ, କ୍ରମରୁ ବାହାରେ, ଯେକୌଣସି ବ୍ୟକ୍ତି ବ୍ୟାଘାତ କରିବେ, ସେହିପରି କିଛି। ସେ କହିଲେ, "କେବଳ ଗୋଟିଏ ମିନିଟ୍ ଅପେକ୍ଷା କରନ୍ତୁ! ମୋତେ କ୍ଷମା କରନ୍ତୁ!" କହିଲେ, "ପବିତ୍ରଆତ୍ମା ଏକ ନାମ ଅଟେ।"

192 ମୁଁ କହିଲି, "ଏହାହିଁ ଅଟେ ଯାହାକି ତାହା ଅଟେ। ମୁଁ ଜଣେ ମଣିଷ, କିନ୍ତୁ ମୋର ନାମ 'ମଣିଷ' ନୁହେଁ।"

193 ଏହା ପବିତ୍ରଆତ୍ମା ଅଟେ। ତାହା ଏକ ନାମ ନୁହେଁ। ତାହା ତ ଏହା ଯାହାକି ତାହା ଅଟେ। ଅବଶ୍ୟ, ଏହା ଏକ ସଂଜ୍ଞା ଅଟେ, କିନ୍ତୁ ଏହା ଏକ ନୁହେଁ...ଏହା ଏକ—ଏହା ଏକ...ଏହା ଏକ ନାମ ନୁହେଁ।

194 ତେବେ, ଯଦି ସେ କହିଛନ୍ତି, "ସେମାନଙ୍କୁ ପିତାଙ୍କର, ଏବଂ ପୁତ୍ରଙ୍କର, ଓ ପବିତ୍ରଆତ୍ମାଙ୍କର ନାମରେ ବାପ୍ତିଜିତ କର," ଆଉ ନା ପିତା, ପୁତ୍ର, କିମ୍ବା ପବିତ୍ରଆତ୍ମା ଏକ ନାମ ଅଟେ, ତେବେ ନାମ କେଉଁଟା ଅଟେ? ଆମେ ଜାଣିବାକୁ ଚାହୁଁଛୁ।

195 ତେବେ, ଆମେ ଏହାକୁ ସବୁ ଏଠାରେ ଗୋଟିଏ ସ୍ଥାନରେ ପାଇପାରୁ, ଯଦି ଆପଣ କେବଳ ଦେଖିବେ ଓ—ଓ—ଓ ବର୍ତ୍ତମାନ ଅଳ୍ପ ସମୟ ସେବା କରିବେ, କିମ୍ବା ମୋର କହିବାର

ଅଭିପ୍ରାୟ, ଅଳ୍ପ ସମୟକୁ ସଂରକ୍ଷିତ କରିବେ। ତେବେ ମାଥିଉ ୨୪:୧୨ କୁ ଧ୍ୟାନ ଦିଅନ୍ତୁ। ବର୍ତ୍ତମାନ, ମୁଁ କହୁ ନାହିଁ ଯେ...

196 ଆପଣ ହୁଏତ, ଆପଣ ଏହା କରିଥିବେ, ଆପଣମାନଙ୍କ ମଧ୍ୟରୁ କେତେକ ଭଉଣୀ କିମ୍ବା ଭାଇ। ଆପଣ ହୁଏତ କୌଣସି ଦିନେ, ଏକ ବହି ଉଠାଇଥିବେ, ଏବଂ ତାହାର ପଛ ପଟକୁ ଚାହିଁ ଦେଖିଥିବେ, ଓ କହିଥିବେ "ଜନ୍ ଏବଂ ମେରୀ ଏହା ପରଠାରୁ ସର୍ବଦା ଖୁସିରେ ଜୀବନ ବିତାଇଲେ।" ତେବେ, ଜନ୍ ଏବଂ ମେରୀ କିଏ ଅଟନ୍ତି? କଅଣ...ଜନ୍ ଏବଂ ମେରୀ କିଏ ଅଟନ୍ତି ଯିଏକି ଏହା ପରଠାରୁ ସର୍ବଦା ଖୁସିରେ ଜୀବନ ବିତାଇଲେ? ସେଠାରେ କେବଳ ଗୋଟିଏ ମାତ୍ର ଉପାୟ ଅଛି ଯେ ଆପଣ କେବେ ଜାଣିବାକୁ ଯାଉଛନ୍ତି ଯେ ଜନ୍ ଏବଂ ମେରୀ କିଏ ଅଟନ୍ତି; ତାହା, ଯଦି ଏହା ଆପଣଙ୍କ ପାଇଁ ଏକ କୁହୁକ ଅଟେ, ତେବେ ପଛକୁ ଯାଇ ବହି ପଢନ୍ତୁ। କଅଣ ଏହା ଠିକ୍ କି? ମୂଳକୁ ଫେରି ଯାଆନ୍ତୁ ଓ ଏହାକୁ ତନ୍ନ ତନ୍ନ କରି ପାଠ କରନ୍ତୁ, ଆଉ ଏହା ଆପଣଙ୍କୁ କହିଥାଏ ଯେ ଜନ୍ ଏବଂ ମେରୀ କିଏ ଅଟନ୍ତି।

197 ତେବେ, ଯଦି ଯୀଶୁ କହିଥିଲେ, ପରମେଶ୍ୱରଙ୍କ ପୁତ୍ର ଯୀଶୁ ଖ୍ରୀଷ୍ଟ, ଯିଏକି କହିଥିଲେ, "ଅତଏବ ଯାଇ, ସମସ୍ତ ଜାତିକୁ ଶିକ୍ଷା ଦିଅ, ଓ ସେମାନଙ୍କୁ ପିତା, ପୁତ୍ର, ଏବଂ ପବିତ୍ରଆତ୍ମାଙ୍କ ନାମରେ ବାପ୍ତିଜିତ କର," ଏବଂ *ପିତା, ପୁତ୍ର*, କିମ୍ବା *ପବିତ୍ରଆତ୍ମା* କେହି ବି ଏକ ନାମ ନୁହଁନ୍ତି, ତାହାହେଲେ, ଯଦି ଏହା ଏକ କୁହୁକ ଅଟେ, ତେବେ ଉତ୍ତମ ହେବ ଯେ ଆମେ ପୁସ୍ତକର ପ୍ରଥମକୁ ଫେରିଯାଉ।

198 ତେବେ ଆସନ୍ତୁ ଆମେ ମାଥିଉର ୧ମ ପର୍ବକୁ ଫେରିଯିବା, ଏବଂ ଆମେ ସେଠାରୁ ଆରମ୍ଭ କରିବା, ତାହା ବଂଶାବଳୀର ବିବରଣୀ ଦେଇଥାଏ, ଯେପର୍ଯ୍ୟନ୍ତକି ଏହା ୧୮ତମ ପଦକୁ ନ ଆସିଯାଏ।

199 ତେବେ ଦେଖନ୍ତୁ, ବର୍ତ୍ତମାନ ମାତ୍ର ଗୋଟିଏ ମିନିଟ୍ ଦେଖନ୍ତୁ। ମୋର ଡାହାଣ ପଟରେ, *ଏହା* ପିତା ଅଟନ୍ତି; *ଏହା* ମଝିରେ ପୁତ୍ର ଅଟନ୍ତି; ଏବଂ *ଏହା* ହେଉଛନ୍ତି ପବିତ୍ରଆତ୍ମା। ବର୍ତ୍ତମାନ, *ଏହା* ହେଉଛନ୍ତି ଯୀଶୁ ଖ୍ରୀଷ୍ଟଙ୍କର ପିତା। କଅଣ ଏହା ଠିକ୍ କି? ପରମେଶ୍ୱର ହେଉଛନ୍ତି ଯୀଶୁ ଖ୍ରୀଷ୍ଟଙ୍କର ପିତା। କଅଣ ଆମେ ସମସ୍ତେ ତାହା ବିଶ୍ୱାସ କରୁ? [ମଣ୍ଡଳୀ କୁହନ୍ତି, "ଆମେନ୍।"—ସମ୍ପା।] ଠିକ୍ ଅଛି।

200 ବର୍ତ୍ତମାନ ମାଥିଉ 1:18 କୁହେ:

> *ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମ ଏହି ପ୍ରକାରେ ହେଲା: ତାହାଙ୍କ...ମାତା ମରିୟମଙ୍କର ଯୋଷେଫଙ୍କ ସହିତ ବିବାହନିର୍ବନ୍ଧ ହେଲା ପରେ, ସେମାନଙ୍କ...ସହବାସ ପୂର୍ବେ ସେ, ସେ...କର୍ତ୍ତୃକ ଗର୍ଭବତୀ ହୋଇଛନ୍ତି ବୋଲି ଜଣାପଡିଲା।* [ମଣ୍ଡଳୀ କୁହନ୍ତି, "*ପବିତ୍ରଆତ୍ମାଙ୍କ*।"—ସମ୍ପା।]

201 ମୁଁ ଭାବିଲି *ପରମେଶ୍ୱର* ତାହାଙ୍କର ପିତା ଥିଲେ।

> *ସେ ଏକ ପୁତ୍ର ପ୍ରସବ କରିବେ,...*ସେମାନେ ତାହାଙ୍କ *ନାମ **ଯୀଶୁ*** ଦେବେ:...

*ଏଥିରେ ତାଙ୍କ ସ୍ୱାମୀ ଯୋଷେଫ, ଧାର୍ମିକ ଥିବାରୁ,...ତାଙ୍କୁ ପ୍ରକାଶରେ ନିନ୍ଦାର ପାତ୍ର କରିବାକୁ ଇଚ୍ଛା ନ କରିବାରୁ, ମାତ୍ର ଗୋପନରେ ତାଙ୍କୁ ପରିତ୍ୟାଗ କରିବାକୁ ସ୍ଥିର କଲେ ।*

*ଏହିପରି ଭାବରେ, କିନ୍ତୁ ସେ ଏହା ମନସ୍ଥ କଲା ପରେ, ଦେଖ, ପ୍ରଭୁଙ୍କର ଜଣେ ଦୂତ ସ୍ୱପ୍ନରେ ତାଙ୍କୁ ଦର୍ଶନ ଦେଇ, କହିଲେ, ହେ ଦାଉଦଙ୍କ ସନ୍ତାନ, ଯୋଷେଫ, ତୁମ୍ଭର ଭାର୍ଯ୍ୟା ମରିୟମଙ୍କୁ ଗ୍ରହଣ କରିବାକୁ ଭୟ କର ନାହିଁ: କାରଣ ତାଙ୍କର ଗର୍ଭ...କର୍ତ୍ତୃକ ହୋଇଅଛି* [ମଣ୍ଡଳୀ କୁହନ୍ତି, "*ପବିତ୍ରଆତ୍ମା ।*"—ସମ୍ପା ।]

202 ମୁଁ ଭାବିଥିଲି ଯେ ପରମେଶ୍ୱର ତାହାଙ୍କର ପିତା ଥିଲେ । ତେବେ, ଭାଇମାନେ, କଅଣ ତାହାଙ୍କର ଦୁଇଟି ପିତା ଅଛନ୍ତି କି? ["ନା ।"] ତାହାଙ୍କର ହୋଇପାରିବ ନାହିଁ । ଯଦି ତାହାଙ୍କର ଥିଲା, ତେବେ ସେ ଜଣେ ଅବୈଧ ସନ୍ତାନ ଥିଲେ, ତାହାହେଲେ ଆମେ ସେଠାରେ କେଉଁ ପ୍ରକାରର ଏକ ଧର୍ମ ପାଇଅଛୁ? ଆପଣଙ୍କୁ ତ ଏହା ସ୍ୱୀକାର କରିବାକୁ ହେବ ଯେ ପରମେଶ୍ୱର ପିତା ଏବଂ ପବିତ୍ରଆତ୍ମା ସେହି ଏକ ଓ ସମାନ-ଆତ୍ମା ଅଟନ୍ତି । ନିଶ୍ଚିତରେ, ଏହା ଅଟେ । ନିଶ୍ଚିତ, ଏହା ସେହି ଏକ ଓ ସମାନ-ଆତ୍ମା ଅଟନ୍ତି । ତେବେ, ଆମେ କରିସାରିଛୁ, ଏବଂ ତାହା ଦେଖିସାରିଛୁ ।

*ସେ ଏକ ପୁତ୍ର ପ୍ରସବ କରିବେ, ଆଉ ସେମାନେ ତାହାଙ୍କ ନାମ* ***ଯୀଶୁ*** *ଦେବେ: କାରଣ ସେ ଆପଣା ଲୋକଙ୍କୁ ସେମାନଙ୍କ ସମସ୍ତ ପାପରୁ ପରିତ୍ରାଣ କରିବେ ।*

*...ଯେପରି ସଫଳ ହୁଏ, ଏଥିନିମନ୍ତେ ସମସ୍ତ ଘଟିଲା...*

203 ମୁଁ ଶାସ୍ତ୍ରର ଉଦ୍ଧୃତ କରୁଛି । ଆପଣ ସେବକମାନେ ଜାଣନ୍ତି, ଯେତେବେଳେ ମୁଁ ଆଗକୁ ଯାଏ ।

*...ଭାବବାଦୀଙ୍କ ଦ୍ୱାରା, ପ୍ରଭୁଙ୍କ ଉକ୍ତ ଏହି ବାକ୍ୟ ଯେପରି ସଫଳ ହୁଏ... ଏଥିନିମନ୍ତେ ଏସମସ୍ତ ଘଟିଲା,*

*...ଜଣେ କନ୍ୟା ଗର୍ଭବତୀ, ହୋଇ...ପୁତ୍ର ପ୍ରସବ କରିବେ, ଆଉ ଲୋକେ ତାହାଙ୍କ ନାମ ଇମ୍ମାନୁୟେଲ ଦେବେ, ଏହି ନାମର ଅର୍ଥ,...*[ମଣ୍ଡଳୀ କୁହନ୍ତି, "*ଆମ୍ଭମାନଙ୍କ ସହିତ ପରମେଶ୍ୱର ।*"—ସମ୍ପା ।]

204 "ଆମ୍ଭମାନଙ୍କ ସହିତ ପରମେଶ୍ୱର!" କଅଣ ତାହା ଠିକ୍ କି?

205 ତେବେ ପିତା, ପୁତ୍ର, ଏବଂ ପବିତ୍ରଆତ୍ମାଙ୍କ ନାମ କଅଣ? [ଜଣେ ଭାଇ କୁହନ୍ତି, "ଯୀଶୁ ଖ୍ରୀଷ୍ଟ ।"—ସମ୍ପା ।] ନିଶ୍ଚିତରେ, ଠିକ୍ । ସେହି କାରଣରୁ ତ ପିତର ସେମାନଙ୍କୁ "ଯୀଶୁ ଖ୍ରୀଷ୍ଟ" ଙ୍କ ନାମରେ ବାପ୍ତିଜିତ କଲେ ।

206 କିନ୍ତୁ, ମୋର କିଛି ଫରକ୍ ପଡ଼େ ନାହିଁ, ଯଦି ଆପଣ ଶାରୋଣର ଗୋଲାପ, ଉପତ୍ୟକାର ସୋଶନ, ପ୍ରଭାତୀ ତାରାର ନାମରେ ବାପ୍ତିଜିତ ହୋଇଛନ୍ତି, ଏସବୁଗୁଡିକ ମଧ୍ୟ, ଉପାଧିମାନ

ଅଟେ । ଯଦି ଆପଣଙ୍କର ହୃଦୟ ପରମେଶ୍ୱରଙ୍କ ପ୍ରତି ଠିକ୍ ଅଛି, ସେ ଆପଣଙ୍କର ହୃଦୟକୁ ଜାଣିଛନ୍ତି ।

207 କିନ୍ତୁ ବର୍ତ୍ତମାନ, ବର୍ତ୍ତମାନ, ମୁଁ ତାହା ପ୍ରକାଶ କରି ସାରିଛି । ବର୍ତ୍ତମାନ, ତେବେ ମୁଁ କହିଲି… ତେବେ ଭାଇ ସ୍କିଜମ୍ କହିଲେ, "ବର୍ତ୍ତମାନ!" ଅବଶ୍ୟ, ନିଶ୍ଚିତରେ, ତାହା ଏକତ୍ତ୍ୱବାଦୀ ପରି ଦିଶୁଥିଲା, ତେଣୁ ସେ ଏଥିପାଇଁ ଏକମତ ଥିଲେ ।

208 ତେବେ ମୁଁ କହିଲି, "ବର୍ତ୍ତମାନ ଏଠାରେ ମୁଁ ତେବେ ଆପଣମାନଙ୍କୁ କିଛି କହିବାକୁ ଚାହେଁ ।" ବୁଝିଲେ? ମୁଁ କହିଲି, "ବର୍ତ୍ତମାନ ମୁଁ ଆପଣମାନଙ୍କୁ ପ୍ରମାଣ କରିବାକୁ ଚାହେଁ ଯେ ଏହି, ଉଭୟ ବ୍ୟକ୍ତିମାନେ, ସେହି ସମାନ କଥା କହିଛନ୍ତି ।"

209 ତେବେ, ମାଥିଉ କହିଲେ, "ପିତାଙ୍କ ନାମରେ ।" କଅଣ ତାହା ଠିକ୍ କି? [ମଣ୍ଡଳୀ କୁହନ୍ତି, "ଆମେନ୍ ।"—ସମ୍ପା ।] ଠିକ୍ ଅଛି । ଏବଂ ପିତର କହିଲେ, "ପ୍ରଭୁଙ୍କ ନାମରେ ।" ମାଥିଉ ୨୮:୧୨ କହିଲା, "ପିତାଙ୍କ ନାମରେ," ଏବଂ ପ୍ରେରିତ ୨:୩୮ କହିଲା, "ପ୍ରଭୁଙ୍କ ନାମରେ ।" ଦାଉଦ କହିଲେ, "**ସଦାପ୍ରଭୁ** ମୋର ପ୍ରଭୁଙ୍କୁ କହିଲେ ।" ଏହା କିଏ ଥିଲେ? ପିତା ଏବଂ ପ୍ରଭୁ ହେଉଛନ୍ତି ସେହି ସମାନ ନାମ । ଦାଉଦ କହିଲେ, "**ସଦାପ୍ରଭୁ** ମୋର ପ୍ରଭୁଙ୍କୁ କହିଲେ, 'ତୁମେ ମୋର ଦକ୍ଷିଣ ପାର୍ଶ୍ୱରେ ବସ ।'" ଦେଖନ୍ତୁ, "ପିତାଙ୍କ ନାମରେ; ପ୍ରଭୁଙ୍କ ନାମରେ ।"

210 ଏବଂ ମାଥିଉ କହିଲେ, "ପୁତ୍ରଙ୍କ ନାମରେ," ଆଉ ପିତର କହିଲେ, "ଯୀଶୁଙ୍କ ନାମରେ ।" ପୁତ୍ର କିଏ ଅଟନ୍ତି? ଯୀଶୁ ।

211 "ପବିତ୍ରଆତ୍ମାଙ୍କ ନାମରେ," ମାଥିଉ କହିଥିଲେ; ଏବଂ ପିତର କହିଲେ, "ଖ୍ରୀଷ୍ଟଙ୍କ ନାମରେ," ସେହି ଲୋଗୋସ ।

212 *ପିତା, ପୁତ୍ର, ପବିତ୍ରଆତ୍ମା,* "ପ୍ରଭୁ ଯୀଶୁ ଖ୍ରୀଷ୍ଟ ।" କାହିଁକି, ଏହା ଯେତିକି ସମ୍ଭବ ସେତିକି ସିଦ୍ଧ ଅଟେ । ବୁଝିଲେ?

213 ଭାଇ ସ୍କିଜମ୍ ମୋତେ କହିଲେ, କିମ୍ବା, ଭାଇ ସ୍କିଜମ୍, ସେହି ଏକତ୍ତ୍ୱବାଦୀ ଭାଇ, ସେ କହିଲେ, "ଭାଇ ବ୍ରାନହାମ୍, ଏହା ଠିକ୍, କିନ୍ତୁ," ସେ କହିଲେ, "ତାହା ହେଉଛି *ଏହା ।*"

214 ମୁଁ କହିଲି, "ତାହାହେଲେ, ଏହା *ତାହା* ଅଟେ ।" ତାହା ଠିକ୍ । ବୁଝିଲେ? ମୁଁ କହିଲି, "ଯଦି ତାହା *ଏହା* ଅଟେ, ଏହା *ତାହା* ଅଟେ । ତାହାହେଲେ ଆପଣ କେଉଁ ବିଷୟରେ ଝାମେଲା କରୁଛନ୍ତି?"

215 ମୁଁ କହିଲି, "ଭାଇମାନେ, ମୁଁ ଆପଣଙ୍କୁ ପରାମର୍ଶ ଦେବି । ଯଦି ମୁଁ କେବେ ଜଣେ ବ୍ୟକ୍ତିଙ୍କୁ ବାପ୍ତିଜିତ କରେ, ତେବେ ଏଠାରେ ତାହା…"

216 ମୁଁ କହିଲି, "ବର୍ତ୍ତମାନ, ଏଠାରେ ଡାଃ. ନେସ୍ ଅଛନ୍ତି ।" ଆଉ ଆପଣ…କେହିଜଣେ କହିଲେ, କିଛି ସମୟ ପୂର୍ବରୁ, ଆପଣ ଭାଇମାନେ, ଆପଣ ଯେଉଁମାନେକି ଡାଃ. ନେସ୍‌ଙ୍କୁ ଜାଣିଛନ୍ତି ।

217 ତେବେ, ମୁଁ କହିବି, ଏଠାରେ, ଭାଇ ହିକ୍ସ ଏଠାରେ, ତାଙ୍କର ଏକ ଅଛି...ମୁଁ ଭାବୁଛି ଆପଣଙ୍କର ଏକ ଡକ୍ଟର ଉପାଧି ଅଛି। କଅଣ ତାହା ଠିକ୍ କି? ଠିକ୍ ଅଛି।

218 ତେବେ ମୁଁ କହିଲି, "ଯଦି ଡାଃ. ନେସ୍, ଏଠାରେ ବସିଛନ୍ତି..." ତେବେ ମୁଁ କହିଲି, "ଯଦି ମୁଁ ଚାହେଁ..." ତେବେ, ଯେତେବେଳେ ମୁଁ ଜଣେ ବ୍ୟକ୍ତିଙ୍କୁ ପାଣି ଭିତରକୁ, ସେମାନଙ୍କୁ ବାପ୍ତିସ୍ମ ଦେବା ପାଇଁ ନେଇଯାଏ, ମୁଁ ଏହାକୁ ସେହିପରି ଭାବରେ ଚିହ୍ନଟ କରିଥାଏ ଯେପରିକି ସେ ଏହାକୁ କରିଥିଲେ, ମୁଁ କହିଲି, "ତାହା ତ ଉପାଧିମାନ ଥିଲା ଯାହାକି ତାହାଙ୍କର ନାମ ସହିତ ସଂଯୁକ୍ତ ଥିଲା।"

219 ମୁଁ କହିଲି, "ତେବେ, ଆସେମ୍ବଲିଜ୍ ଭାଇମାନେ ଉପାଧିମାନ ବ୍ୟବହାର କରୁଛନ୍ତି, ଏବଂ ଏକତ୍ତ୍ୱବାଦୀ ଭାଇ ନାମ ବ୍ୟବହାର କରୁଛନ୍ତି।" ମୁଁ କହିଲି, "ବର୍ତ୍ତମାନ ମୁଁ ଆପଣମାନଙ୍କୁ ପ୍ରମାଣ କରିବାକୁ ଯାଉଛି, ଆପଣ ଦୁହେଁ ଭୁଲ୍ ଅଟନ୍ତି, ଏବଂ ମୁଁ ଠିକ୍ ଅଟେ।" ଆପଣ ଜାଣନ୍ତି ଯେ ଆପଣମାନଙ୍କୁ କରିବାକୁ ପଡିବ...ଆପଣମାନଙ୍କ ପାଖରେ ସେହି ଗୁଣବିଶିଷ୍ଟ ପୁରୁଷମାନେ ଅଛନ୍ତି, ଆପଣମାନଙ୍କୁ ଥରେ ଥରେ ମଝିରେ ଟିକେ ହାସ୍ୟରସ ଆଣିବାକୁ ପଡ଼େ, ଟିକିଏ ଗୋଟିଏ ପ୍ରକାର ଉନ୍ମୁକ୍ତ କରିବା ପାଇଁ। ତେଣୁ ମୁଁ କହିଲି, "ମୁଁ ଆପଣମାନଙ୍କୁ ପ୍ରମାଣ କରିବାକୁ ଯାଉଛି ଯେ ଆପଣ ଦୁହେଁ ଭୁଲ୍ ଅଟନ୍ତି, ଏବଂ ମୁଁ ଠିକ୍ ଅଟେ।"

220 ମୁଁ କହିଲି, "ବର୍ତ୍ତମାନ କଅଣ ହେବ ଯଦି ମୁଁ ଭାଇ ନେସ୍‌ଙ୍କୁ ସମ୍ମାନ କରିବାକୁ ଚାହେଁ, ତେବେ ମୁଁ କହିବି..."

221 କିମ୍ବା, କିମ୍ବା ଭାଇ ହିକ୍ସଙ୍କୁ ଏଠାରେ, ଦେଖନ୍ତୁ ମୁଁ କହିବି, "ହିକ୍ସ!" ତେବେ, କଅଣ ତାହା ଭଲ ଶୁଭାଯିବ କି? ନା। ତେବେ, କଅଣ ହେବ ଯଦି ମୁଁ କହିବି, "ଡକ୍ଟର! ହେ, ଡକ! ଏହା ବିଷୟରେ କଅଣ?" ତେବେ, ତାହା ଅସମ୍ମାନିତ କଲା ଭଳି ଶୁଭିଥାଏ, କଅଣ ନୁହେଁ କି?

222 "ଯେତେବେଳେ," ମୁଁ କହିଲି, "ସେହି ପ୍ରକାରେ ହିଁ ଆପଣ ଆସେମ୍ବଲିଜମାନେ କରନ୍ତି, ଦେଖନ୍ତୁ। ଯେତେବେଳେ ଆପଣ ଆସେମ୍ବଲିଜ ଭାଇମାନେ କୁହନ୍ତି, 'ପିତାଙ୍କ, ଏବଂ ପୁତ୍ରଙ୍କ, ପବିତ୍ରଆତ୍ମାଙ୍କ ନାମରେ,' ଆପଣ କେବଳ କୁହନ୍ତି, 'ସମ୍ମାନୀୟ, ଡକ୍ଟରଙ୍କ ନାମରେ।'"

223 ଏବଂ ମୁଁ କହିଲି, "ତାହାପରେ, ଆପଣ ଏକତ୍ତ୍ୱବାଦୀ ଭାଇମାନେ, ଯେତେବେଳେ ଆପଣ ବାପ୍ତିଜିତ କରନ୍ତି, ଆପଣ କୁହନ୍ତି, 'ଯୀଶୁ!'" ସେମାନେ ବ୍ୟବହାର କରନ୍ତି ନାହିଁ...

224 ସେମାନେ, ଯୀଶସ ଓନ୍‌ଲି, କେବଳ "ଯୀଶୁ" ନାମ ବ୍ୟବହାର କରନ୍ତି। ସେଠାରେ ତ ଅନେକ ଯୀଶୁମାନେ ଅଛନ୍ତି। କିନ୍ତୁ, ଏହା ତ ପ୍ରଭୁ ଯୀଶୁ ଖ୍ରୀଷ୍ଟ ଅଟନ୍ତି, ଆପଣ ଦେଖନ୍ତୁ। ସେଠାରେ ଅନେକ..."ଯୀଶୁ" ନାମରେ ବାପ୍ତିଜିତ କରନ୍ତି, ମୁଁ ନିଶ୍ଚିତ ଭାବରେ ସେଥି ସହିତ ସହମତ ନୁହେଁ; ସେପରି କୌଣସି ଶାସ୍ତ୍ର ନାହିଁ। ଆପଣ ମୂଳ ବିଷୟକୁ ପ୍ରାପ୍ତ କରନ୍ତୁ, ଦେଖନ୍ତୁ ଯେ ଏହା "ପ୍ରଭୁ ଯୀଶୁ ଖ୍ରୀଷ୍ଟ" ଅଟେ କି ନୁହେଁ। ନିଶ୍ଚିତରେ, ସେ ପ୍ରଭୁ ଯୀଶୁ ଖ୍ରୀଷ୍ଟ ଅଟନ୍ତି। ନିଶ୍ଚିତ ଭାବରେ ଅନେକ ଯୀଶୁମାନେ ଅଛନ୍ତି। ଏବଂ *ଖ୍ରୀଷ୍ଟ* ହେଉଛନ୍ତି "ଅଭିଷିକ୍ତ।"

225 ମୁଁ କହିଲି, "ତେବେ, ଯଦି ମୁଁ ଠିକ୍ ସେହି ସମାନ ବିଷୟକୁ ଭାଇ ନେସ୍‌ଙ୍କୁ କହିବାକୁ ଯିବି । ମୁଁ କହିବି, କଅଣ ମୋ ପାଇଁ ତାହା କହିବା ଠିକ୍ ହେବ କି, 'ହେ, ନେସ୍!'?" ମୁଁ କହିଲି, "ଠିକ୍ ସେହିଭଳି ଆପଣ ଏକତ୍ତ୍ୱବାଦୀମାନେ ତାହା କହିଥାନ୍ତି । ବୁଝିଲେ? କଅଣ ଏହା ସେହି ବ୍ୟକ୍ତିଙ୍କ ପାଇଁ ଏକ ଅସମ୍ମାନଜନକ ଅବମାନନା ହେବ ନାହିଁ କି ଯିଏକି ଅଧ୍ୟୟନ କରିଛନ୍ତି, ଏବଂ ସେ ଏକ ଡାକ୍ତର ଉପାଧି ପାଇଛନ୍ତି? ଯଦି ସେ ଏଥିପାଇଁ କଠିନ ଅଧ୍ୟୟନ କରିଛନ୍ତି, ତେବେ ତାଙ୍କୁ ସେହି ଉପାଧିରେ ନାମକରଣ କରାଯିବା ଉଚିତ୍ ଅଟେ ।"

226 ଆଉ ମୁଁ କହିଲି, "ତାହାପରେ ଯଦି ମୁଁ କୁହେ, 'ହେ, ଡକ୍!'" ମୁଁ କହିଲି, "କଅଣ ତାହା ଜଣେ ସେବକ ପାଇଁ ଅନ୍ୟ ଜଣଙ୍କୁ ସମ୍ବୋଧନ କରିବା, ଅସମ୍ମାନ ଭାବ ପ୍ରଦର୍ଶିତ କରେ ନାହିଁ କି?" କିଅବା, ମୁଁ କହିଲି, "ଠିକ୍ ସେହି ପ୍ରକାରେ ହିଁ ଆପଣ ତାହା କରିଥାନ୍ତି, କେବଳ ଉପାଧି ଦ୍ୱାରା ସମ୍ବୋଧିତ କରନ୍ତି ।"

227 ମାତ୍ର ମୁଁ କହିଲି, "ଯେତେବେଳେ ମୁଁ ଜଣେ ବ୍ୟକ୍ତିଙ୍କୁ ଜଳ ନିକଟକୁ ନେଇଯାଏ, ମୁଁ ସେଠାକୁ ଯାଇ ତାଙ୍କୁ ପଚାରିଥାଏ, ଓ କଥାବାର୍ତ୍ତା କରେ, ଏବଂ ତାଙ୍କ ନାମ ଓ ସେ କିଏ ଅଟନ୍ତି, ଆଉ ତାଙ୍କର ବିଶ୍ୱାସ କଅଣ ତାହା ଜାଣିଥାଏ ।

228 "ତାହାପରେ ମୁଁ ପ୍ରାର୍ଥନା କରେ, ଓ କୁହେ, 'ତେବେ, ପିତା, ଯେପରି ତୁମେ ଆମମାନଙ୍କୁ ଆଜ୍ଞା ଦେଇଅଛ ଯେ "ସମସ୍ତ ଜଗତକୁ ଯାଅ ଏବଂ ସମସ୍ତ ଜାତିରୁ ଶିଷ୍ୟ କର,…"'" ଆପଣ ଭାଇମାନେ ଜାଣନ୍ତି ଯେ ତାହା ମୂଳ ଅଟେ, ଦେଖନ୍ତୁ । "'"…ସମସ୍ତ ଜାତିରୁ ଶିଷ୍ୟ କର, ସେମାନଙ୍କୁ ପିତାଙ୍କର, ପୁତ୍ରଙ୍କର, ଓ ପବିତ୍ରଆତ୍ମାଙ୍କର ନାମରେ ବାପ୍ତିଜିତ କର; ସେହି ସବୁ ବିଷୟ ପାଳନ କରିବାକୁ ସେମାନଙ୍କୁ ଶିକ୍ଷା ଦିଅ ଯାହା ତୁମେ…ସେସମସ୍ତ ବିଷୟ ଯାହା ତୁମେ ଆମକୁ ଶିକ୍ଷା ଦେଇଛ ।"'"

229 "ତେଣୁକରି ତେବେ ମୁଁ କହିଥାଏ, 'ଆପଣଙ୍କର ବିଶ୍ୱାସର ସ୍ୱୀକୃତି ଉପରେ; ଆପଣଙ୍କର ପାପର ସ୍ୱୀକୃତି ଉପରେ, ଏବଂ ପରମେଶ୍ୱରଙ୍କ ପୁତ୍ରଙ୍କ ଉପରେ ଆପଣଙ୍କର ବିଶ୍ୱାସର ଆଧାରରେ, ମୋର ପ୍ରିୟ ଭାଇ, ମୁଁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଆପଣଙ୍କୁ ବାପ୍ତିଜିତ କରେ ।'"

230 ମୁଁ କହିଲି, "ମୁଁ ସେହିପରି ଭାବରେ ବାପ୍ତିଜିତ କରେ । ମୁଁ ଉଭୟ ତାହାଙ୍କର ଉପାଧିଗୁଡିକ, ଯାହାକି ସେ ଥିଲେ, ଉଭୟ ପିତା, ପୁତ୍ର, ଏବଂ ପବିତ୍ରଆତ୍ମାଙ୍କୁ ଚିହ୍ନଟ କରେ । ଏବଂ ସେହି କାରଣ ଯେଉଁଥି ଯୋଗୁଁ ଯୀଶୁ ତାହା କହିଥିଲେ, ତାହା ଥିଲା…"

231 ତେବେ ଦେଖନ୍ତୁ । ଯଦି—ଯଦି ତାହା ସେହିପରି ନାହିଁ, ତାହାହେଲେ ଆପଣଙ୍କର ଶାସ୍ତ୍ରରେ ଏକ ବିରୋଧାଭାସ ଅଛି; ଆପଣଙ୍କର ଏକ ବିରୋଧାଭାସ ଅଛି । ତେବେ ଆପଣ କଅଣ କରିବାକୁ ଯାଉଛନ୍ତି ଯେତେବେଳେ…କଅଣ ହେବ ଯଦି ଏହି ବୌଦ୍ଧ ଭାଇ ଛିଡ଼ା ହୁଅନ୍ତି ଓ ଏହା କୁହନ୍ତି, "*ଏହା* ବିଷୟରେ କଅଣ ଅଟେ?" ସେମାନେ କଅଣ କହିବେ ଯେତେବେଳେ ସେମାନେ ମୋତେ କହିଥିଲେ…

232 ସେଠାରେ ସେଦିନ, ଯେତେବେଳେ ଏହି ଭାରତୀୟ ଭାଇ ମୋରିସ୍ ରିଡହେଡଙ୍କୁ ଆହ୍ୱାନ କରିଥିଲେ, ଏବଂ ତାଙ୍କୁ କହିଥିଲେ, କହିଲେ, "ମାର୍କ 16 ବିଷୟରେ କଅଣ?" ତାଙ୍କୁ ଏହା ଉପରେ ନିଜର ସ୍ଥିତିରୁ ପ୍ରତ୍ୟାବର୍ତ୍ତନ କରିବାକୁ ପଡିଥିଲା ।

233 ଆପଣଙ୍କୁ କୌଣସି ବିଷୟ ଉପରେ ପ୍ରତ୍ୟାବର୍ତ୍ତନ କରିବାକୁ ପଡ଼େ ନାହିଁ । ତାହା ପରମେଶ୍ୱରଙ୍କ ବାକ୍ୟ ଅଟେ । ତାହା ସହିତ ଲାଗି ରୁହନ୍ତୁ । କେବଳ ପ୍ରାର୍ଥନା କରନ୍ତୁ । ପ୍ରକାଶନ ପ୍ରାପ୍ତ କରନ୍ତୁ । ଏହା ସବୁବେଳେ ସମାନ ଭାବରେ ହିଁ ଥାଏ ।

234 ଦେଖନ୍ତୁ, ସେମାନେ ଉଭୟ ସେହି କଥା କହୁଛନ୍ତି, ବର୍ତ୍ତମାନ; ଉପାଧିଗୁଡିକ ନୁହେଁ; ଅସମ୍ମାନ ଭାବରେ ନୁହେଁ । ମୁଁ କହିଲି, "ବର୍ତ୍ତମାନ…"

235 ମୁଁ ତାହାଙ୍କୁ ଚିହ୍ନଟ କଲି । ସେ ପିତା ଥିଲେ; ଅନ୍ୟ ଜଣେ ପରମେଶ୍ୱର ନୁହେଁ । ସେ ପୁତ୍ର ଥିଲେ; ଅନ୍ୟ ଜଣେ ପରମେଶ୍ୱର ନୁହେଁ । ସେହି ସମାନ ପରମେଶ୍ୱର! ଆପଣ…ଏହା ତିନୋଟି କାର୍ଯ୍ୟାଳୟ ଅଟେ । ପରମେଶ୍ୱର ପିତୃତ୍ୱର ସମୟକାଳରେ, ଯଦି ଆପଣ ଏହାକୁ ପିତୃତ୍ୱର, ପୁତ୍ରତ୍ୱର; ବୋଲି କହିବାକୁ ଚାହିଁବେ; ଏବଂ ଏହା ବର୍ତ୍ତମାନ ଆମ ଭିତରେ ସେହି ସମାନ ପରମେଶ୍ୱର ଅଟନ୍ତି, "ମୁଁ ତୁମ ସହିତରେ ରହିବି ।" ସେହି "ମୁଁ," ସେହି ବ୍ୟକ୍ତିଗତ ସର୍ବନାମ, "ମୁଁ ତୁମ ସହିତରେ ରହିବି ।" ଏଣୁ, ଆପଣ ଦେଖନ୍ତୁ, ଏହା ତିନୋଟି କାର୍ଯ୍ୟାଳୟ ଅଟେ, ତିନୋଟି ପରମେଶ୍ୱର ନୁହେଁ ।

ତେବେ, ଭାଇ, ଯଦି ଶିଷ୍ୟମାନେ ଏହାକୁ କେବେବି ବ୍ୟବହାର କରି ନାହାଁନ୍ତି, ଏବଂ ତାହାପର ସମୟରେ…

236 ମୁଁ ଏହା ବିରୁଦ୍ଧରେ କିଛି କହୁ ନାହିଁ । ତାହା ଠିକ୍ ଅଟେ । ମୁଁ ଆପଣଙ୍କୁ କହୁଛି, ଯଦି ଜଣେ ବ୍ୟକ୍ତି ଏଠାକୁ ଆସନ୍ତି, "ଶାରୋଣର ଗୋଲାପ, ଉପତ୍ୟକାର ଶୋସନ, ଏବଂ ପ୍ରଭାତୀ ତାରା" ର ନାମରେ ବାପ୍ତିଜିତ ହୋଇଥାନ୍ତି, ଏବଂ ଯୀଶୁ ଖ୍ରୀଷ୍ଟଙ୍କୁ ନିଜର ତ୍ରାଣକର୍ତ୍ତା ଭାବରେ ବିଶ୍ୱାସ କରିଥାନ୍ତି, ମୁଁ କହିବି, "ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ ଭାଇ! ଆସନ୍ତୁ, ଚାଲ ଯିବା!" ବୁଝିଲେ? ତାହା ଠିକ୍ ଅଟେ । କାରଣ, ଯଦି ଆପଣଙ୍କର ହୃଦୟ ଠିକ୍ ନାହିଁ, ତାହାହେଲେ ଆପଣ କୌଣସି ଭାବରେ, ଠିକ୍ ନୁହଁନ୍ତି । ଅବିକଳ ଠିକ୍ । ଏବଂ ଆପଣଙ୍କର—ଆପଣଙ୍କର ହୃଦୟକୁ ଠିକ୍ ରହିବାକୁ ଅଛି ।

237 ଏବଂ ମୁଁ କହିଲି, "ତେବେ ଦେଖନ୍ତୁ । ତେବେ, ଯଦି ମୁଁ ଭାଇ ନେସ୍‌ଙ୍କୁ ଏଠାରେ ଅଭିବାଦନ କରିବାକୁ ଯାଉଥାଏ, ମୁଁ କହିବି 'ସେହି ରେଭ. ଡାଃ. ନେସ୍ ।' ତାହା ଅବିକଳ ଠିକ୍ ଅଟେ । ସେ ଜଣେ ସେବକ ଅଟନ୍ତି । ତାଙ୍କୁ ଏକ ସମ୍ମାନଜନକ ଭାବରେ ବିବେଚନା କରାଯିବା ଉଚିତ୍ । ସେ ଶିକ୍ଷାଲାଭ କରିଛନ୍ତି, ଏବଂ ବହୁତ ଅଧିକ ଅଧ୍ୟୟନ କରିଛନ୍ତି । ତାଙ୍କର ଏକ ଡକ୍ଟର ଉପାଧି ଅଛି, ତେଣୁ ତାଙ୍କୁ 'ଡକ୍ଟର' ଡକାଯିବା ଉଚିତ୍ । ତାହା ତାଙ୍କର ଉପାଧି ଅଟେ, ଦେଖନ୍ତୁ । ଏବଂ ଅବଶ୍ୟ, ତାଙ୍କର ନାମ 'ନେସ୍' ଅଟେ । ତେବେ, ମୁଁ କହିବି ନାହିଁ, 'ହେ, ନେସ୍! ହେ, ଡକ୍!' ନା, ତାହା ଠିକ୍ ହେବ ନାହିଁ । ମୁଁ କହିବି, 'ସେହି ରେଭ. ଡାଃ. ନେସ୍ ।'

238 "ଦେଖନ୍ତୁ, ତାହାହିଁ ଅଟେ ଯାହା ମୁଁ ଡାକୁଅଛି, ଦେଖନ୍ତୁ, ଯାହା ସେ ଅଟନ୍ତି; ଉଭୟ ପିତା, ପୁତ୍ର, ଏବଂ ପବିତ୍ରଆତ୍ମା, 'ପ୍ରଭୁ ଯୀଶୁ ଖ୍ରୀଷ୍ଟ।'" ବୁଝିଲେ?

239 ଏବଂ ମୁଁ କହିଲି, "ଯଦି ମୁଁ କେବେ ଆପଣ ସମସ୍ତଙ୍କର ମଣ୍ଡଳୀରୁ କାହାରି ଜଣକାକୁ ବାପ୍ତିଜିତ କରେ, ସେହି ଉପାୟରେ ହିଁ ମୁଁ ସେମାନଙ୍କୁ ବାପ୍ତିଜିତ କରିବି।" ମୁଁ କହିଲି, "ଭାଇ ନେସ୍, କଅଣ ଆପଣ ତାଙ୍କୁ ଗ୍ରହଣ କରିବେ କି?"

240 ସେ କହିଲେ, "ନିଶ୍ଚିତ ଭାବରେ। ସେ ପିତା, ପୁତ୍ର, ଏବଂ ପବିତ୍ରଆତ୍ମାଙ୍କ ନାମରେ ବାପ୍ତିଜିତ ହୋଇଛନ୍ତି।"

ମୁଁ କହିଲି, "ଭାଇ ସ୍କିଜମ୍, କଅଣ ଆପଣ ତାଙ୍କୁ ଗ୍ରହଣ କରିବେ କି?"

ସେ କହିଲେ, "ନିଶ୍ଚିତ ଭାବରେ, ସେ ଯୀଶୁଙ୍କ ନାମରେ ବାପ୍ତିଜିତ ହୋଇଛନ୍ତି।"

241 ମୁଁ କହିଲି, "ତେବେ ଭାଇମାନେ, ଆପଣଙ୍କ ସହିତ ମାମଲା କଅଣ ଅଟେ? ଆପଣ କାହିଁକି ତାହା ଗ୍ରହଣ କରୁନାହାଁନ୍ତି, ଓ ଏହି ପ୍ରାଚୀରଗୁଡିକୁ ଭାଙ୍ଗି ଦେଉ ନାହାଁନ୍ତି ଯେଉଁଠାରେ ଏହି ବେଚାରା ମଣିଷମାନେ...? ଏକତ୍ତ୍ୱବାଦୀମାନେ, ପ୍ରକୃତରେ, ମଣ୍ଡଳୀଗୁଡିକ ଚାହାଁନ୍ତି, ସେମାନେ ଆସେମ୍ବଲିଜମାନଙ୍କ ସହିତ ଉପାସନା କରିବାକୁ ଚାହାଁନ୍ତି। ଏବଂ ଆସେମ୍ବଲିଜମାନେ, ମଣ୍ଡଳୀ, ଏକତ୍ତ୍ୱବାଦୀମାନଙ୍କ ସହିତ ଉପାସନା କରିବାକୁ ଚାହାଁନ୍ତି। ଏବଂ ଭାଇମାନେ ସେହିପରି ଅଟନ୍ତି। ସେମାନେ ସେହିପରି ଅଟନ୍ତି। ମାତ୍ର ଯେପର୍ଯ୍ୟନ୍ତ ଶୟତାନ ସେମାନଙ୍କ ମଧ୍ୟରେ ଲଢେଇ କରାଇପାରେ..."

242 ତେବେ ଭାଇମାନେ, କଅଣ ଆପଣ ଦେଖୁଛନ୍ତି ଯେ ମୋର କହିବାର ଅର୍ଥ କଅଣ? ମୁଁ ସେହି ଗୋଟିଏ ବିଷୟ ଆଡକୁ କଢାଇ ନେଉଛି, ଯୀଶୁ ଖ୍ରୀଷ୍ଟ, ଏବଂ ଯୀଶୁ ଖ୍ରୀଷ୍ଟଙ୍କ ଶରୀରର ଏକୀକରଣ ଆଡକୁ ନେଇ ଯାଉଅଛି। ତାହାହିଁ ହେଉଛି ମୋର ଉଦ୍ଦେଶ୍ୟ।

243 ତେବେ, ମୁଁ ଏହା ବିଷୟରେ କିଛି କହୁ ନାହିଁ, "ହେ, ତୁମେ ଯୀଶୁଙ୍କ ନାମରେ ବାପ୍ତିଜିତ ହୋଇ ନାହଁ; ତୁମେ ନରକକୁ ଯାଉଛ।" ତେବେ, ତାହା ନିରର୍ଥକ ଅଟେ।

244 ଅନ୍ୟ ଏକ ଦିନ କଅଣ ହେଲା ମୁଁ ଆପଣଙ୍କୁ କହୁଛି। ମୁଁ ତଳେ ଟେକ୍ସାସରେ ଥିଲି। ତାହା ଛାଡ଼ି ଚାଲିଯିବା ପୂର୍ବରୁ...ଏବଂ ଏଠାରେ ଥିବା ସେହି—ସେହି ଭାଇମାନେ ଏହାର ସାକ୍ଷୀ ଅଟନ୍ତି। ସେହି ଏକତ୍ତ୍ୱବାଦୀ ମଣ୍ଡଳୀ, ବାସ୍ତୁ-ରୀତି ମଣ୍ଡଳୀମାନ, ମୋର ସଭାକୁ ପ୍ରାୟୋଜିତ କରିଥିଲେ। ଏବଂ ମୁଁ ସେହି ରାତିରେ, ପ୍ରଚ୍ଛାର ମଞ୍ଚ ଉପରେ, ଆସେମ୍ବଲି ଅଫ୍ ଗଡର ଭାଇ, ଭାଇ ପେଚିଙ୍କୁ ରଖିଥିଲି। ତେବେ, ଆପଣମାନେ ଜାଣନ୍ତି ଯେ ଏହା ସତ ଅଟେ। ସେ ଜଣେ ବହୁମୂଲ୍ୟ ଭାଇ ଅଟନ୍ତି, ଭାଇ ପେଚି, ଯଦି ଆପଣଙ୍କ ମଧ୍ୟରୁ କେହି ତାଙ୍କୁ ଜାଣନ୍ତି, ଟେକ୍ସାସର, ବିୟୁମଣ୍ଟରୁ ଅଟନ୍ତି। ମୁଁ ଭେଟିଥିବା ସର୍ବୋତ୍ତମ ବ୍ୟକ୍ତିଙ୍କ ମଧ୍ୟରୁ ସେ ଜଣେ ଅଟନ୍ତି। ତାଙ୍କ ପତ୍ନୀ ଜଣେ ପରିବର୍ତ୍ତିତ କ୍ୟାଥୋଲିକ୍, ଜଣେ ପ୍ରକୃତ ସାଧୁ ମହିଳା। ସେ ପରମେଶ୍ୱରଙ୍କ ଜଣେ ପ୍ରକୃତ ଲୋକ ଅଟନ୍ତି।

245 ମୋତେ କୁହନ୍ତୁ ଯେ ଆସେମ୍ବଲିଜ ଅଫ୍ ଗଡର, ରୟ ୱେଡଙ୍କ ଅପେକ୍ଷା ଜଣେ ଅଧିକ ଉତ୍ତମ ବ୍ୟକ୍ତି କିଏ ଅଛନ୍ତି । ଏଠାରେ ଦେଖନ୍ତୁ, ଏହି ପୁରୁଷମାନଙ୍କ ମଧ୍ୟରୁ କାହାରି ବିଷୟରେ ଉଲ୍ଲେଖ କରନ୍ତୁ, ଏଠାରେ ଆଖପାଖରେ ଥିବା ଏହି ସମସ୍ତ ଭାଇମାନଙ୍କୁ ଯାହାଙ୍କୁ ମୁଁ ଜାଣେ । ଏଠାରେ ଥିବା ଫିଲାଡେଲ୍‌ଫିଆ ମଣ୍ଡଳୀର ଭାଇ, ଏବଂ ଆସେମ୍ବଲିଜ ଅଫ୍ ଗଡର ପୁରୁଷମାନେ, ପୁଣି ଏହାଠାରୁ ଅଧିକ ଉତ୍ତମ ଆଉ କେଉଁ ଲୋକମାନେ ଅଛନ୍ତି? ମୋତେ କୁହନ୍ତୁ କେଉଁଠାରେ । ମୋତେ କୁହନ୍ତୁ ଯେ ଜ୍ୟାକ୍ ମୂର୍ ଅପେକ୍ଷା ଜଣେ ଅଧିକ ଉତ୍ତମ ବ୍ୟକ୍ତି କିଏ ଅଛନ୍ତି? ମୋତେ ତାହା କୁହନ୍ତୁ । ସେ ତ ଜଣେ ତାହା ଅଟନ୍ତି ଯାହାକୁ ସେମାନେ କୁହନ୍ତି… ସେମାନେ ତାହାଙ୍କ ସହିତ ସମ୍ପୃକ୍ତ ଅଟନ୍ତି । ସେ ଜଣେ ମୌଳିକବାଦୀ ନୁହଁନ୍ତି । ଆପଣ ଉଭୟ ପାର୍ଶ୍ୱରେ ମୌଳିକବାଦୀମାନଙ୍କୁ ପାଇବେ; ଏବଂ ତାହାହିଁ ଅଟେ ଯେଉଁଠାରେ ଲୋକମାନେ ଇଙ୍ଗିତ କରିଥାନ୍ତି, ଏବଂ ସେହିଠାରେ ହିଁ ଶୟତାନ ଇଙ୍ଗିତ କରିଥାଏ ।

246 କିନ୍ତୁ ସେମାନେ ସମସ୍ତେ ପରମେଶ୍ୱରଙ୍କ ଲୋକ ଅଟନ୍ତି । ପରମେଶ୍ୱର ସେମାନଙ୍କୁ ପବିତ୍ରଆତ୍ମା ଦେଇଛନ୍ତି । ଯଦି ଏହା ପରମେଶ୍ୱରଙ୍କ ଅନୁଗ୍ରହ ହୋଇ ନ ଥାନ୍ତା, ତେବେ ଆମେ ସମସ୍ତେ, ଆମର କଳି ଝଗଡା ଏବଂ ବିଷୟଗୁଡିକ ସହିତ ବିନଷ୍ଟ ହୋଇ ଯାଇଥାନ୍ତୁ । ତାହା ଠିକ୍ ଅଟେ । କିନ୍ତୁ ପରମେଶ୍ୱରଙ୍କ କୃପା ଆମକୁ ଏକତ୍ର ବାନ୍ଧି ରଖେ । ଏଥିରେ କୌଣସି ଆଶ୍ଚର୍ଯ୍ୟ ନୁହେଁ ଯେ ଆମେ ଗୀତ ଗାଇପାରିବା, "ଧନ୍ୟ ସେହି ବନ୍ଧନ ଯାହାକି ଆମର ହୃଦୟଗୁଡିକୁ ଖ୍ରୀଷ୍ଟିଆନ ପ୍ରେମରେ ବାନ୍ଧି ରଖେ ।" ତେବେ, ତାହା ହିଁ ଆମେ ପ୍ରୟୋଜନ କରୁ ।

247 ଆଉ ତେଣୁକରି କଅଣ ଆପଣ ଜାଣନ୍ତି କି? ସେହି—ସେହି ମଣ୍ଡଳୀ ଉପରେ ସାଧାରଣ ଅଧୀକ୍ଷକ, ମୋତେ ଡାକିଲେ, ଏବଂ ସେ କହିଲେ, "କଅଣ ଆପଣ ଜାଣିଛନ୍ତି ଯେ ଗତ ରାତିରେ ଆପଣ କଅଣ କଲେ?" ସେଠାରେ ମୋର ଦ୍ୱିତୀୟ ରାତି ଥିଲା ।

ମୁଁ କହିଲି, "କଅଣ?" ମୁଁ କହିଲି, "ଏକ ସୁନ୍ଦର ସଭା ଅନୁଷ୍ଠିତ ହୋଇଥିଲା ।"

କହିଲେ, "ଆପଣ ଯେଉଁ ଲୋକକୁ ମଞ୍ଚ ଉପରେ ରଖିଥିଲେ ତାହା ଜଣେ ପାପୀ ଥିଲା ।"

ମୁଁ କହିଲି, "ମୁଁ ତାହା ଜାଣି ନ ଥିଲି ।" କେଉଁଠାରେ ଥିଲା…

କହିଲେ, "ସେହି ଶ୍ରୀମାନ ପେଚି ।"

248 "ଓଃ," ମୁଁ କହିଲି, "ଜଣେ ପାପୀ? କଅଣ?" ମୁଁ କହିଲି, "ସେ ତ ଆସେମ୍ବଲିଜ ଅଫ୍ ଗଡର ଜଣେ ପ୍ରଚାରକ, ଭାଇ ଅଟନ୍ତି ।"

249 ସେ କହିଲେ, "ହଁ, କିନ୍ତୁ ସେ ତଥାପି ଜଣେ ପାପୀ ଅଟେ, କାରଣ ସେ ସଠିକ୍ ଭାବରେ ବାପ୍ତିଜିତ ହୋଇ ନାହାଁନ୍ତି ।"

250 ଏବଂ ମୁଁ କହିଲି, "ଭାଇ, ପ୍ରାର୍ଥନା କରୁଛି ମୋତେ କୁହନ୍ତୁ କାହିଁକି ।" ମୁଁ କହିଲି, "ସେ ପବିତ୍ରଆତ୍ମା ପାଇଛନ୍ତି ।"

251 ସେ କହିଲେ, "ଭାଇ ବ୍ରାନହାମ୍, ପିତର କଅଣ କହିଥିଲେ? 'ମନଫେରଣ କର ଏବଂ ନିଜର ପାପ କ୍ଷମା ନିମନ୍ତେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୁଅ ।' ତେଣୁକରି ଯେପର୍ଯ୍ୟନ୍ତ ଆପଣଙ୍କର ବାପ୍ତିସ୍ମ ଯୀଶୁଙ୍କ ନାମରେ ନ ହୋଇଛି ସେପର୍ଯ୍ୟନ୍ତ ଆପଣଙ୍କର ପାପ କ୍ଷମା କରାଯାଇପାରିବ ନାହିଁ ।"

ମୁଁ କହିଲି, "ମୋର ଭାଇ, କଅଣ ତାହା ସୂତ୍ର ଅଟେ କି?"

ସେ କହିଲେ, "ତାହାହିଁ ସୂତ୍ର ଅଟେ ।"

252 ମୁଁ କହିଲି, "ତେବେ, ପ୍ରେରିତ 10:49 ରେ, ପରମେଶ୍ୱର ନିଜର ଯୋଜନାକୁ ହିଁ ଭଙ୍ଗ କରିଦେଲେ, କାରଣ, 'ପିତର ଏହି କଥା କହୁ ହିଁ ଥିଲେ, ସେହି ସମୟରେ ପବିତ୍ରଆତ୍ମା ସେମାନଙ୍କ ଉପରେ ଓହ୍ଲାଇ ଆସିଲେ ଯେଉଁମାନେ ବାକ୍ୟ ଶୁଣୁଥିଲେ,' ଦେଖନ୍ତୁ, ଏବଂ ସେମାନେ ଆଦୌ, କେବେ ବି ବାପ୍ତିଜିତ ହୋଇ ନ ଥିଲେ । ତେବେ, କଅଣ ପରମେଶ୍ୱର ସେହି ଲୋକମାନଙ୍କୁ ପବିତ୍ରଆତ୍ମା ପ୍ରଦାନ କଲେ କି ଯେଉଁମାନେ ଏପରିକି ପରିବର୍ତ୍ତିତ ସୁଦ୍ଧା ହୋଇ ନ ଥିଲେ?" ମୁଁ କହିଲି, "ଆପଣ ବର୍ତ୍ତମାନ ଦୁନିଆରେ କେଉଁଠାରେ ଛିଡ଼ା ହୋଇଛନ୍ତି?"

253 ସେ କହିଲେ, "କଅଣ ଆପଣ ଜାଣନ୍ତି ଯେ ଆମେ କଅଣ କରିବାକୁ ଯାଉଅଛୁ?" କହିଲେ, "ଆମେ ଏକ ଛୋଟ ବୃତ୍ତାକାର ଅଙ୍କନ କରୁଛୁ, ଏବଂ ଆପଣଙ୍କୁ ସେହି ବୃତ୍ତାକାରରୁ ଠିକ୍ ବାହାର କରୁଅଛୁ ।"

254 "ତେବେ," ମୁଁ କହିଲି, "ମୁଁ ଅନ୍ୟ ଏକ ଆଙ୍କିବାକୁ ଯାଉଛି, ଓ ଆପଣଙ୍କୁ ପୁନର୍ବାର ଟାଣି ଆଣିବାକୁ ଯାଉଛି ।" ମୁଁ କହିଲି, "ଆପଣ ମୋତେ ଟାଣି ବାହାର କରିପାରିବେ ନାହିଁ, କାରଣ ମୁଁ ଆପଣଙ୍କୁ ପ୍ରେମ କରେ । ଦେଖନ୍ତୁ, ଆପଣ ତାହା କରି ହିଁ ପାରନ୍ତି ନାହିଁ ।" ମୁଁ କହିଲି, "ସେଠାରେ ଆପଣଙ୍କର—ଆପଣଙ୍କର ଅତ୍ୟଧିକ ସଂଖ୍ୟାରେ ଭାଇମାନେ ଅଛନ୍ତି ଯେଉଁମାନେକି ମୋତେ ପ୍ରେମ କରନ୍ତି ଓ ମୋ ଠାରେ ବିଶ୍ୱାସ କରନ୍ତି ।" ମୁଁ କହିଲି, "ଆପଣ, ମୁଁ କରିବି—ମୁଁ କରିବି…ସେମାନେ ଯେକୌଣସି ପ୍ରକାରେ ହେଲେ ଆସିବେ ।" ମୁଁ କହିଲି, "ସେମାନେ ଆସିବେ । ଏବଂ ଆପଣ ମୋତେ ଟାଣି ବାହାର କରିପାରିବେ ନାହିଁ । ଯଦି ଆପଣ ମୋତେ ଟାଣି ବାହାର କରନ୍ତି, ମୁଁ ଆପଣଙ୍କୁ ପୁନର୍ବାର ଭିତରକୁ ଟାଣି ଆଣିବି ।" ମୁଁ କହିଲି, "ଯେତେବେଳେ ଆପଣ ଗୋଟିଏ ବୃତ୍ତ ତିଆରି କରିବେ, ପରମେଶ୍ୱର, ତାହାଙ୍କ ଅନୁଗ୍ରହରେ, ମୋତେ ଅନ୍ୟ ଏକ ଆଙ୍କିବାକୁ ଦେବେ ଏବଂ ଆପଣଙ୍କୁ ପୁନର୍ବାର ଟାଣି ଆଣିବାକୁ ଦେବେ ।" ତାହା ଠିକ୍, ସେମାନଙ୍କୁ ପୁନର୍ବାର ଭିତରକୁ ଟାଣି ଆଣିବି ।

255 ଏବଂ, ଭାଇ, ଓଃ, ଖ୍ରୀଷ୍ଟଙ୍କ ନାମରେ ମୁଁ ଏହା କହିପାରେ । ମୁଁ—ମୁଁ ପାଇଲି…ମୁଁ ଜାଣେ ଯେ ମୁଁ ଏଠାରେ ସମୟ ବିଳମ୍ବ କରୁଅଛି; ଏବଂ ଏହା ପ୍ରାୟଃ ବନ୍ଦ କରିବାର ସମୟ ହୋଇ ଆସିଲାଣି, ମୁଁ ଅନୁମାନ କରୁଛି, ମାତ୍ର ମୋତେ କେବଳ ଏହା କହିବାକୁ ଦିଅନ୍ତୁ, ଦେଖନ୍ତୁ ।

256 ଏବଂ ମୁଁ ସେହି ବ୍ୟକ୍ତିଙ୍କୁ କହିଲି, ମୁଁ କହିଲି, "ମୁଁ ଆପଣଙ୍କ ସହିତ ସେତେ ଦିନ ଯିବି, ଯେତେ ଦିନ ପର୍ଯ୍ୟନ୍ତ ଆପଣ ଶାସ୍ତ୍ର ପ୍ରଚାର କରିବେ, ଏବଂ ପ୍ରେମ ରଖିବେ, ଏବଂ ବିଶ୍ୱାସ

କରିବେ ଯେ ତାହା—ତାହା...ଏବଂ ପ୍ରଚାର କରିବେ ଓ କହିବେ ଯେ ଆପଣ ଲୋକମାନଙ୍କୁ ବାପ୍ତିଜିତ କରୁଥିଲେ...'ଯୀଶୁ'ଙ୍କ, କେବଳ ଯୀଶୁଙ୍କ ନାମରେ ନୁହେଁ । ନା, ମହାଶୟ । ମୁଁ—ମୁଁ ନିଶ୍ଚିତରେ ତାର ସପକ୍ଷରେ ଯିବି ନାହିଁ, କାରଣ ମୁଁ ଅନେକ ଯୀଶୁମନଙ୍କ ସହିତ ପରିଚିତ ଅଟେ; ସେମାନଙ୍କୁ ଆଫ୍ରିକା ଏବଂ ବିଭିନ୍ନ ସ୍ଥାନରେ ଜାଣେ, ଲୋକେ ଯୀଶୁ ନାମ ଦିଅନ୍ତି । କିନ୍ତୁ ଯଦି ଆପଣ ଆମର 'ପ୍ରଭୁ ଯୀଶୁ ଖ୍ରୀଷ୍ଟ' ଙ୍କ ଶବ୍ଦକୁ ବ୍ୟବହାର କରିବେ, ମୁଁ ସେହି ବିଷୟ ଉପରେ ଆପଣଙ୍କ ସହିତ ଯିବି । ତାହା ଠିକ୍ ଅଟେ । ମୁଁ ଆପଣଙ୍କ ପାଖରେ ଲାଗି ରହିବି । ମୁଁ ଭାବୁଛି ଯେ ଆପଣଙ୍କୁ ଏହାକୁ ଠିକ୍ କରିବା ପାଇଁ, ପ୍ରଥମେ 'ପିତା, ପୁତ୍ର, ଏବଂ ପବିତ୍ରଆତ୍ମା' ଙ୍କୁ ରଖିବା ଉଚିତ୍, ଦେଖନ୍ତୁ ।" ମୁଁ କହିଲି, "ମୁଁ ଭାବୁଛି ଆପଣ କରିବା ଉଚିତ୍ ।"

କିନ୍ତୁ ସେ କହିଲେ, "ଓଃ, ନା, ନା! ତାହା, ତାହା ତ ପଶ୍ଚାତ୍ ସମୟରେ ତ୍ରିତ୍ତ୍ୱବାଦୀ ସହିତରେ ରହିଥିଲା ।"

ମୁଁ କହିଲି, "ଏହା ଏକ ତ୍ରିତ୍ତ୍ୱବାଦୀ ନୁହେଁ । ଏହା ତ ଏକ ହିଁ ପରମେଶ୍ୱର ତିନୋଟି କାର୍ଯ୍ୟାଳୟରେ ଅଟନ୍ତି ।"

257 ଏହା ଏକ ତ୍ରିତ୍ତ୍ୱବାଦୀ, ତିନୋଟି ପରମେଶ୍ୱର ନୁହେଁ । ଆମର କୌଣସି ତିନୋଟି ପରମେଶ୍ୱର ନାହାଁନ୍ତି । ନିଶ୍ଚିତରେ ନୁହେଁ । ସେହିପରି କୌଣସି ବିଷୟ ହିଁ ନାହିଁ । ବାଇବଲରେ ଶିକ୍ଷା ଦିଆଯାଇ ନାହିଁ । ଆଉ କେବଳ ଜଣେ ହିଁ ପରମେଶ୍ୱର ଅଛନ୍ତି । "ହେ ଇସ୍ରାଏଲ, ଶୁଣ, ମୁଁ ସଦାପ୍ରଭୁ ତୁମ୍ଭର ପରମେଶ୍ୱର ଅଟେ ।" ଏକ ପରମେଶ୍ୱର! ପ୍ରଥମ ଆଜ୍ଞା, "ମୋ ସମ୍ମୁଖରେ ତୁମ୍ଭର ଅନ୍ୟ କୌଣସି ଈଶ୍ୱର ହେବେ ନାହିଁ ।" ନିଶ୍ଚିତ ଭାବରେ, ସେ ଏକ ପରମେଶ୍ୱର ଅଟନ୍ତି, ତିନି ନୁହଁନ୍ତି ।

258 ତାହା ହେଉଛି ଏହାର ଏକ କ୍ୟାଥୋଲିକ୍ ସଂସ୍କରଣ; ଏବଂ ତାହା ଥିଲା, କ୍ୟାଥୋଲିକ୍ ଠାରୁ ଆରମ୍ଭ ହୋଇ ଲୁଥରାନ୍ ପର୍ଯ୍ୟନ୍ତ ଯାଇଥିଲା, ପୁଣି ତଳକୁ, ଏବଂ ପ୍ରଭୃତି, ଏବଂ ସାଧାରଣତଃ ଆଜି ଲୋକମାନଙ୍କ ମଧ୍ୟରେ ବିଶ୍ୱାସ କରାଯାଏ ଯେ ଆମର ତିନୋଟି ପରମେଶ୍ୱର ଅଛନ୍ତି ।

259 ଏବଂ ସେହିଠାରେ ହିଁ ଆପଣ କେବେ ହେବେ ନାହିଁ...ଏହି ସୁସମାଚାର କଦାପି ଯିହୁଦୀମାନଙ୍କ ନିକଟକୁ ଯିବ ନାହିଁ...ଯାହାକି, ମୁଁ ଅନ୍ୟ ଦିନ ସକାଳେ ସେଠାରେ ଥିବା ଏକ ଯିହୁଦୀ ମିଶନାରୀଙ୍କୁ ଭବିଷ୍ୟତ୍‌ବାଣୀ କରିଥିଲି । ଆପଣ କଦାପି ଏକ ତ୍ରିତ୍ତ୍ୱବାଦୀ ପରମେଶ୍ୱରଙ୍କୁ ଜଣେ ଯିହୁଦୀ ନିକଟକୁ ନେଇକି ଯିବେ ନାହିଁ । ଆପଣ ତାହା କେବେ ବି କରିବେ ନାହିଁ । ଯାହାକି, ସେ ନୁହଁନ୍ତି; ସେ ତାହାଠାରୁ ଅଧିକ ଉତ୍ତମ ଜ୍ଞାନ ପାଇଛନ୍ତି । ଦେଖନ୍ତୁ, ସେ ବାଇବଲ ବିଷୟରେ ତାହା ଅପେକ୍ଷା ଅଧିକ ଜାଣନ୍ତି । ମାତ୍ର ସେ ଜଣେ—ଜଣେ ଯିହୂଦୀ ପାଇଁ, କଦାପି ଏକ ତ୍ରିତ୍ତ୍ୱବାଦୀ ପରମେଶ୍ୱର ନୁହଁନ୍ତି । ଯଦି ଆପଣ ତାଙ୍କୁ ଜଣାଇବେ ଯେ ଏହା ହେଉଛନ୍ତି ସେହି ସମାନ ଯିହୋବା, ତାହାହେଲେ ସେ ଠିକ୍ ବର୍ତ୍ତମାନ ହିଁ ଏହାକୁ ଗ୍ରହଣ କରି ନେବେ । ନିଶ୍ଚିତରେ! ତାହାହିଁ ଏହା ଅଟେ, ଦେଖନ୍ତୁ ।

260 ଆଉ ମୁଁ ଏସବୁକୁ ବିଶ୍ୱାସ କରେ । ଯେପରିକି ଯୋଷେଫ କହିଥିଲେ, "ଭାଇମାନେ, ନିଜ ଉପରେ କ୍ରୋଧ କର ନାହିଁ, କାରଣ ପରମେଶ୍ୱର ହିଁ ଏହା କରିଛନ୍ତି," ଆପଣ ଦେଖନ୍ତୁ । କାରଣ—କାରଣ ସେହି ବିଷୟ ଯାହାକି...ଯେପରିକି ତାହା ଏହି ସମୟ ପର୍ଯ୍ୟନ୍ତ ଅପେକ୍ଷା କରିପାରିବ, ତାହାହିଁ ସବୁକିଛି ଅଟେ, କାରଣ ଆମର ବିଜାତି ସମୟ ପ୍ରାୟଃ ଶେଷ ହେବା ଉପରେ ଅଟେ । ତେବେ, ମୁଁ ମୋର ସମସ୍ତ ହୃଦୟ ସହିତ ତାହା ବିଶ୍ୱାସ କରେ । ତେଣୁକରି ହେ ଭାଇମାନେ, କଅଣ ଆପଣ ତାହା ଦେଖୁଛନ୍ତି? ମୁଁ କୌଣସି ବିଷୟ ନିକଟକୁ କଢାଇ ନେବାକୁ ଚେଷ୍ଟା କରୁଛି, ଯଥା, ଲୋକମାନଙ୍କର ଏହି ଗୋଷ୍ଠୀ, ସେହି ବ୍ୟକ୍ତିମାନେ ଯେଉଁମାନଙ୍କ ପାଖରେକି ପବିତ୍ରଆତ୍ମାଙ୍କର ବାପ୍ତିସ୍ମ ଅଛି ।

261 ଏମି ମ୍ୟାକଫର୍ସନ୍‌ଙ୍କ ଗୋଷ୍ଠୀ, ସେ କଅଣ କରିଥିଲେ? ସେ ପ୍ରଥମେ ଏକତ୍ତ୍ୱବାଦୀ ଥିଲେ, ମୁଁ ବିଶ୍ୱାସ କରେ; ତାହାପରେ ବାହାରି ଆସିଲେ ଓ ଆସେମ୍ବଲିର ସଭ୍ୟ ହୋଇଗଲେ; ତାହାପରେ ସେଠାରୁ ପୃଥକ ହୋଇ ନିଜକୁ ଅଲଗା ଭାବରେ ସଂଗଠିତ କରି ନେଲେ; ଏଠାରେ କିଛି ସମୟ ପୂର୍ବରୁ, ଏକ ଛୋଟ ଗୋଷ୍ଠୀ, ଏକ ଛୋଟ ସମୂହ ପ୍ରସ୍ତୁତ କରିଥିଲେ ।

262 ମୁଁ ଓ. ଏଲ. ଜେଗର୍ସଙ୍କ ସଭାରେ ବସିଥିଲି । ବର୍ତ୍ତମାନ, ଆମେ ସମସ୍ତେ ଓ. ଏଲ. ଜେଗର୍ସଙ୍କୁ ଜାଣୁ । ତାଙ୍କ—ତାଙ୍କ ପିତା ଆସେମ୍ବଲିଜ ଅଫ୍ ଗଡର ସାଧାରଣ ପରିଷଦକୁ ସ୍ଥାପନା କରିବାରେ ସାହାଯ୍ୟ କରିଥିଲେ । ତେବେ, ଓ. ଏଲ. ଜଣେ ମହାନ ବ୍ୟକ୍ତି ଅଟନ୍ତି । ସେ ଜଣେ ମହାନ ପ୍ରଚାରକ ଅଟନ୍ତି । ମୁଁ ତାଙ୍କୁ କହିଲି, ଅଳ୍ପ କିଛି ଦିନ ପୂର୍ବରୁ, ମୁଁ କହିଲି, "ଭାଇ ଜେଗର୍ସ, ଯଦି ମୁଁ ଆପଣଙ୍କ ପରି ପ୍ରଚାର କରିପାରନ୍ତି ଯେପରି ଆପଣ କରିଥାନ୍ତି, ତେବେ ମୁଁ କେବେହେଲେ କଦାପି ଏକ ଆରୋଗ୍ୟତା ସେବା କରିପାରି ନ ଥାନ୍ତି ।" କିନ୍ତୁ ଯେତେବେଳେ ସେ ପ୍ରଥମେ ସେଠାରେ ଆରମ୍ଭ କଲେ, ସେତେବେଳେ ତାଙ୍କ ପାଖରେ ସେସବୁ ରକ୍ତ ଓ ଦ୍ରାକ୍ଷାରସ, ଏବଂ ପ୍ରଭୃତି ବିଷୟ ରହିଥିଲା ।

263 କ୍ଷମା କରିବେ, ଯଦି ମୁଁ ସେଗୁଡିକ ଉପରେ ଆପଣଙ୍କର ଭାବନାକୁ ଆଘାତ କରୁଛି, ଭାଇମାନେ! ମୁଁ—ମୁଁ...ତାହା ଠିକ୍ ଅଟେ । ପରମେଶ୍ୱର ରକ୍ତ ଆଣିପାରନ୍ତି, ଦ୍ରାକ୍ଷାରସ ଆଣିପାରନ୍ତି, କିମ୍ବା ତେଲ ଆଣିପାରନ୍ତି, ଯାହାକିଛି ସେ ଚାହାଁନ୍ତି, କିନ୍ତୁ ତାହା ପାପଗୁଡ଼ିକୁ କ୍ଷମା କରେ ନାହିଁ । ନା, ଆଜ୍ଞା । ନା, ଆଜ୍ଞା । ନା, ନିଶ୍ଚିତରେ ନୁହେଁ । "ଯୀଶୁ ଖ୍ରୀଷ୍ଟଙ୍କ ରକ୍ତ କଦାପି ନିଜର ଶକ୍ତି ହରାଇବ ନାହିଁ, ଯେପର୍ଯ୍ୟନ୍ତକି ପରମେଶ୍ୱରଙ୍କ କ୍ରୀତ ସମସ୍ତ ମଣ୍ଡଳୀ ଉଦ୍ଧାର ନ ପାଇଯାଆନ୍ତି, ଓ ପାପ ନ କରନ୍ତି ।"

264 ମୁଁ କହିଲି, "ଭାଇ ଜେଗର୍ସ?" ମୁଁ ତାଙ୍କୁ ନେଇଗଲି; ମୁଁ ତାଙ୍କୁ ଡାକିଲି । ଏବଂ ମୁଁ ଖ୍ରୀଷ୍ଟିଆନ ବ୍ୟବସାୟ ପୁରୁଷମାନଙ୍କ ସହିତରେ ଥିଲି । ଏବଂ ମୁଁ କହିଲି, ମୁଁ କହିଲି, "ଭାଇ ଓ. ଏଲ.?"

265 ସେ କହିଲେ, "ଦୁନିଆରେ ଆପଣ କେଉଁଠାରେ ଥିଲେ?" ମୁଁ ସେଠାରେ ଗୋଟିଏ ଛୋଟ ପୁରୁଣା ଶସ୍ତା ମୋଟେଲରେ ରହୁଥିଲି । ଏବଂ ସେ କହିଲେ, "ଆପଣଙ୍କର କହିବାର ଅଭିପ୍ରାୟ ଯେ ସେମାନେ ଆପଣଙ୍କୁ ସେଠାରେ ରଖିଛନ୍ତି?"

266 ମୁଁ କହିଲି, "ତାହା ମୋର ଇଚ୍ଛା ଅଟେ । ଯେତେବେଳେ ମୁଁ ଆପଣଙ୍କ ପାଖକୁ ଆସେ," ମୁଁ କହିଲି, "ଆପଣ କଅଣ କଲେ? ଆପଣ ମୋତେ ସେଠାରେ ଷ୍ଟାଟଲର ହୋଟେଲରେ ରଖିଲେ, ଏବଂ ମୋତେ କେବଳ କୋଣରେ ଛିଡା ହେବାକୁ ପଡିଥିଲା । ସେମାନେ ମୋତେ ମେଜରେ ବସାଇଲେ; ମୁଁ ଜାଣି ନ ଥିଲି ଯେ କେଉଁ ଛୁରୀ, କିମ୍ବା ଅନ୍ୟ କିଛି ବ୍ୟବହାର କରିବାକୁ ଥିଲା । ଏବଂ ମୁଁ କଲି ନାହିଁ...ସେଠାରେ ତଳକୁ, ବିନା କୋଟ ପିନ୍ଧି ଚାଲି ଗଲି, ସେମାନେ ମୋତେ ବାହାର କରି ଦେବାକୁ ଚାହିଁଲେ ।" ଏବଂ ମୁଁ କହିଲି, "ମୁଁ—ମୁଁ ଜାଣେ ନାହିଁ ଯେ ନିଜକୁ କିପରି ବ୍ୟବହାର କରିବାକୁ ଅଛି ।"

କହିଲେ, "ମୁଁ ଆପଣଙ୍କୁ ସେଠାକୁ ନେଇଯିବି, ଯଦି ସେମାନେ ଏହା କରିବା ପାଇଁ ଏତେ ଦରିଦ୍ର ଅଟନ୍ତି ।"

267 ମୁଁ କହିଲି, "ନା, ଆଜ୍ଞା ।" ମୁଁ କହିଲି, "ମୁଁ ଯାହା କରିବାକୁ ଇଚ୍ଛା କରେ ତାହା ହେଲା ଆପଣଙ୍କ ସହିତ ଏକ ମାଂସ ପୋଡା ଷ୍ଟିକ୍ ଖାଇବାକୁ ଚାହେଁ, ଯଦି ଆପଣ ତାହା ପାଇଁ ମୂଲ୍ୟ ଦେବେ ।"

ଏବଂ ସେ କହିଲେ, "ଠିକ୍ ଅଛି ।"

268 ତେଣୁକରି ତାହାପରେ ଆମେ ବାହାରି ଗୋଟିଏ ସ୍ଥାନକୁ ଗଲୁ, ଏବଂ ଆମେ ବସି ପଡ଼ିଲୁ । ଏବଂ ମୁଁ କହିଲି, "ଭାଇ ଜେଗର୍ସ, ମୁଁ ନିଶ୍ଚିତ ଭାବରେ ଆପଣଙ୍କୁ ପ୍ରଶଂସା କରେ..."

269 ଏବଂ ସେ ମୋର ଜଣେ ଅତି ପ୍ରିୟ ବନ୍ଧୁ ଅଟନ୍ତି, ଜଣେ ମୂଲ୍ୟବାନ ଭାଇ । ଏବଂ ମୋ—ମୋ ପାଖରେ ତାଙ୍କର ଛୋଟ ପାମ୍ପଲେଟ୍ ଥିଲା, ଆଉ ସେ...ଯେଉଁଠାରେ ତାଙ୍କ ସହିତ ସେହି ମହିଳା ଜଣକ ଥିଲେ ଯିଏକି ଅଳ୍ପ କେତେ ଦିନ ହେବ ବିଦେଶରୁ ଏଠାକୁ ଆସିଥିଲେ, ଯାହାଙ୍କ ହାତରେ ସେହି ରକ୍ତ, ଏବଂ ପ୍ରଭୃତି ବିଷୟ ସବୁ ରହିଥିଲା । ତେଣୁ ତାହା ମୋ ପାଖରେ ଏଠାରେ ଥିଲା । ମୁଁ କେବଳ ଚାହୁଁଥିଲି ଯେ ସେ ଏହାକୁ ଥରେ ମାତ୍ର ଅସ୍ୱୀକାର କରନ୍ତୁ, ଏବଂ ତାହାପରେ ମୁଁ ତାଙ୍କୁ ଠିକ୍ ତାଙ୍କର—ଠିକ୍ ତାଙ୍କର କାଗଜ ଉପରେ ଧରି ନେଇଥାନ୍ତି, ଆପଣ ଜାଣନ୍ତି ।

270 ମୁଁ କହିଲି, "ମୁଁ ଲକ୍ଷ୍ୟ କରିଛି ଯେ ଆପଣ କେଉଁ ଆଡକୁ ଅଗ୍ରସର ହେଉଛନ୍ତି, ଏହାକୁ ନେଇ, ଏକ ବଡ଼ ଉଦ୍ଦୀପନା ସଭା ଆରମ୍ଭ କରିବାକୁ ଯାଉଛନ୍ତି ।" ଅବଶ୍ୟ ହଁ, ଯେହେତୁ, ବ୍ୟବସାୟ ପୁରୁଷମାନେ ମୋତେ ସେଠାକୁ ପଠାଇଥିଲେ ।

271 ଏପରି ଦିଶୁଥିଲା ଯେ ଲୋକମାନେ ଜାଣିବେ । ଯଦି ପବିତ୍ରଆତ୍ମା ପ୍ରଚାର ମଞ୍ଚ ଉପରେ ପ୍ରକଟ କରିପାରନ୍ତି, ତେବେ ଭାଇମାନେ, କଅଣ ସେ ମୋତେ କହିପାରିବେ ନାହିଁ ଯେ ବିଭିନ୍ନ ସ୍ଥାନଗୁଡିକରେ କଅଣ ଚାଲିଛି?

272 ମୁଁ ଆପଣଙ୍କୁ କହିପାରେ, ଶବ୍ଦ ପରେ ଶବ୍ଦ, ଓ ଏହାକୁ ଭାଇ କାର୍ଲସନ୍, ଏବଂ *ଏଠାରେ* ଥିବା ଭାଇମାନଙ୍କ ଦ୍ୱାରା ପ୍ରମାଣ କରିପାରେ । ମୁଁ ଗତକାଲି, ସେହି ସଭାରେ ବସି, ଏହି ଭାଇମାନଙ୍କୁ କହିଥିଲି ଯେ ଆଜି ସକାଳେ ଏଠାରେ କଅଣ ହେବ । ତାହା ଠିକ୍ ଅଟେ । ଅବିକଳ

ଠିକ୍ । ବୁଝିଲେ? କାରଣ, ପବିତ୍ରଆତ୍ମା ମୋତେ ଜାଗ୍ରତ କରି, କହିଥିଲେ, "ଝରକା ପାଖରେ ଛିଡା ହୁଅ ।" ମୁଁ ଝରକା ଦେଇ, ଅନାଇଲି, ଆଉ ସେ ମୋତେ ଠିକ୍ *ଏହା* ଦେଖାଇଲେ । ମୁଁ କହିଲି, "ତେବେ, ଭାଇମାନେ..." [ଜଣେ ଭାଇ କୁହନ୍ତି, "ତାହା ଠିକ୍ ।"—ସମ୍ପା ।] ମୁଁ ଆପଣଙ୍କୁ ତାହା, ଅବିକଳ ଠିକ୍ ଦେଖାଇଅଛି । ସେଠାରେ! ବୁଝିଲେ?

କାହିଁକି, ସେମାନେ ତାହା ଜାଣିବା ଉଚିତ୍ ।

273 ଏଠାରେ କିଛି ସମୟ ପୂର୍ବରୁ, ଜଣେ ବ୍ୟକ୍ତି, ଏଠାରେ ଚାଟୁକ୍ୱାଠାରେ ଉଠିଲେ, ଓ କହିଲେ, "ଭାଇ ବ୍ରାନହାମ୍ ଜଣେ ଭବିଷ୍ୟଦ୍‌ବକ୍ତା ଅଟନ୍ତି ।" ମୁଁ କୌଣସି ଭବିଷ୍ୟଦ୍‌ବକ୍ତା ବୋଲି ଦାବି କରେ ନାହିଁ। ବୁଝିଲେ? କିନ୍ତୁ ସେ କହିଲେ, "ଭାଇ ବ୍ରାନହାମ୍ ଜଣେ ଭବିଷ୍ୟଦ୍‌ବକ୍ତା ଅଟନ୍ତି ଯେତେବେଳେ ସେ ହୃଦୟର ଗୁପ୍ତ ବିଚାରଗୁଡିକର ପରିଭେଦ କରିବାର ଆତ୍ମାଙ୍କ ଅଧୀନରେ ଥାଆନ୍ତି, କିନ୍ତୁ," କହିଲେ, "ଓଃ, ତାଙ୍କର ଶିକ୍ଷା ବିଷ ଅଟେ । ଏହା ସହିତ ସାବଧାନ ରହିବେ ।" ମୁଁ ଭାବିଲି, ସେହିପରି ଜଣେ ଶିକ୍ଷିତ ବ୍ୟକ୍ତି, କଅଣ ସେପରି କୌଣସି ବିଷୟ କହିବେ କି?

274 ଜଣେ *ଭବିଷ୍ୟଦ୍‌ବକ୍ତାଙ୍କର* ଅର୍ଥ କଅଣ? "ବାକ୍ୟର ଏକ ଈଶ୍ୱରୀୟ ଅନୁବାଦକ ।" "ପ୍ରଭୁଙ୍କର ବାକ୍ୟ ଭବିଷ୍ୟଦ୍‌ବକ୍ତାଙ୍କ ନିକଟକୁ ଆସେ," ଆପଣ ଦେଖନ୍ତୁ । ମାତ୍ର, କେବଳ ସେତିକି, ତାହା କୌଣସି ଶୁଣିବା ନୁହେଁ କି କହିବା ନୁହେଁ ।

275 କିନ୍ତୁ, ଯାହା ବି ହେଉ, ଭାଇ ଜେଗର୍ସ । ଏବଂ ମୁଁ କହିଲି, ସେ କହିଲେ, ଓଃ... ମୁଁ କହିଲି, "ମୁଁ ସେହି ମହିଳାଙ୍କୁ ଦେଖିଲି ଯାହାଙ୍କ ହାତରେ ସେହି ରକ୍ତ ରହିଥିଲା ।"

276 "ଓଃ," ସେ କହିଲେ, "ଭାଇ ବ୍ରାନହାମ୍, ତାହା ତ ସବୁଠୁ ଅଦ୍ଭୂତପୂର୍ବ ବିଷୟ ଅଟେ ଯାହାକି ଆପଣ କେବେ ଦେଖିଥିବେ!"

277 ମୁଁ କହିଲି, "ଭାଇ ଜେଗର୍ସ, ମୁଁ ଆପଣଙ୍କୁ ପ୍ରେମ କରେ । ପ୍ରଥମେ, ମୁଁ ଚାହେଁ ଯେ ଆପଣ ମୋ ହାତକୁ ନିଜ ହାତରେ ରଖନ୍ତୁ । ଧରି ନିଅନ୍ତୁ ଆମେ ଭାଇ ଅଟୁ ।"

ସେ କହିଲେ, "ନିଶ୍ଚିତରେ । ମାମଲା ଟି କଅଣ ଅଟେ?"

278 ମୁଁ କହିଲି, "ମୋ ଜାଣିବାରେ ଆପଣ ସବୁଠାରୁ ଶକ୍ତିଶାଳୀ ପ୍ରଚାରକମାନଙ୍କ ମଧ୍ୟରୁ ଅନ୍ୟତମ ଅଟନ୍ତି । ପରମେଶ୍ୱରଙ୍କ ନିମନ୍ତେ ଆପଣ କି ଏକ—କି ଏକ ସାଧନ ଅଟନ୍ତି!"

279 ସେ କହିଲେ, "ଧନ୍ୟବାଦ, ଭାଇ ବ୍ରାନହାମ୍ । ଆପଣ ପ୍ରକୃତରେ ବିନମ୍ର ଅଟନ୍ତି ।"

280 ମୁଁ କହିଲି, "ମୁଁ ବିନମ୍ର ହେବା ପାଇଁ ତାହା କହୁ ନାହିଁ । ମୁଁ ତାହା ସେଇଥି ପାଇଁ କହୁଛି କାରଣ ମୁଁ ତାହା ବିଶ୍ୱାସ କରେ । ଆପଣ ପରମେଶ୍ୱରଙ୍କର ସେବକ ଅଟନ୍ତି ।" କିନ୍ତୁ ମୁଁ କହିଲି, "ଭାଇ ଜେଗର୍ସ, ଯେପର୍ଯ୍ୟନ୍ତ ଆପଣ...ଆପଣ—ଆପଣ ବହୁତ ଅଧିକ ଏଆଡ଼େ ସେଆଡେ ହେଉଛନ୍ତି; ଆପଣ ଯେଉଁ ବିଷୟରେ କହୁଛନ୍ତି ତାହାର ସାମଞ୍ଜସ୍ୟ ରଖିବା ପାଇଁ ଆପଣଙ୍କ ପାଖରେ କିଛି ନାହିଁ । ଆପଣ ଆଧାରିତ କରୁଛନ୍ତି..."

281 ଏବଂ ଏହି ଆରୋଗ୍ୟତା ସେବାର ବିଷୟ ଉପରେ, ଆପଣ ଆସେମ୍ବଲିଜ ଅଫ୍ ଗଡ୍, ଏବଂ ଅନ୍ୟ ପୁରୁଷମାନଙ୍କ ମଧ୍ୟରୁ ଅନେକଙ୍କ ସହିତ ଏଠାରେ ତାହାହିଁ ମାମଲା ଅଟେ। ମୁଁ ଆପଣମାନଙ୍କୁ ଦୋଷ ଦିଏ ନାହିଁ। ଏପରି ବହୁତ କିଛି ଅଛି ଯାହାକୁ ଡକାଯାଏ...ଏବଂ ଟମି, ଏଠାରେ, ଜଣେ ଭଲ ଭାଇ ଅଟନ୍ତି, ଏବଂ ଆମେ ଜାଣୁ ସେ କେତେ ଦୃଢ଼ ଭାବେ ଛିଡ଼ା ହୋଇଥାନ୍ତି। ମାତ୍ର ଈଶ୍ୱରୀୟ ଆରୋଗ୍ୟତା ନାମରେ ଆଜି ଦେଶରେ ବହୁତ କିଛି ଚାଲିଛି, ଏଥିରେ କୌଣସି ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ଆପଣ ସହରରେ ଏକ ସଭା ପ୍ରାୟୋଜିତ କରିବାକୁ ଚାହାଁନ୍ତି ନାହିଁ। ସେମାନେ ଆସନ୍ତି ଓ ଲୋକମାନଙ୍କୁ ରକ୍ତାକ୍ତ କରି ଦିଅନ୍ତି, ଆଉ ଚାଲି ଯାଆନ୍ତି। ତେବେ ସେମାନେ କଅଣ ପାଇଥାନ୍ତି? ଆପଣ ପ୍ରଚାର ମଞ୍ଚରୁ, ନିଜର ପ୍ରଚାର ମଞ୍ଚରୁ ଲୋକମାନଙ୍କୁ ଯେତିକି ଦେଇଥାନ୍ତି, ତାହାଠାରୁ ଅଧିକ କିଛି ସେମାନଙ୍କୁ ଦିଅନ୍ତି ନାହିଁ। ଭାଇମାନେ, ଆପଣ ଠିକ୍ ଅଟନ୍ତି। ମୁଁ ଆପଣଙ୍କୁ କହୁଛି, ଆପଣ ଠିକ୍ ଅଟନ୍ତି। ମାତ୍ର ଏହା ଠିକ୍ ସେହିପରି ଅଟେ...

282 ମୁଁ ମାର୍ଟିନ୍ ଲୁଥରଙ୍କ ଇତିହାସ ପଢୁଥିଲି। ଏଥିରେ କୁହାଯାଇଥିଲା, "ମାର୍ଟିନ୍ ଲୁଥର୍ ଯେ କ୍ୟାଥୋଲିକ୍ ମଣ୍ଡଳୀକୁ ବିରୋଧ କରିପାରିଥିଲେ ଏବଂ ସେଥି ସହ ରକ୍ଷା ପାଇ ଯାଇଥିଲେ, ଏହା ଏକ ରହସ୍ୟ ନ ଥିଲା।" ଆପଣ ତାଙ୍କର ଇତିହାସ ପଢ଼ିଛନ୍ତି। "କିନ୍ତୁ ମାର୍ଟିନ୍ ଲୁଥର ଯେ ସମସ୍ତ ଧର୍ମ ପାଖଣ୍ଡ ତତ୍ତ୍ୱ ଉପରେ ନିଜର ମସ୍ତକକୁ ସଳଖ ରଖିପାରିଥିଲେ, ସେଠାରେ ତାହା ସେହି ରହସ୍ୟ ଥିଲା।"

283 ଏବଂ ଯେତେବେଳେ ଅଭୂତପୂର୍ବ ଘଟଣା ହୋଇସାରେ, ଅସୁନ୍ନତ ବିଷୟ ତାର ପଛେ ପଛେ ଆସେ, ଠିକ୍ ଯେପରି ତାହା ମିସରରେ ହୋଇଥିଲା। ଏବଂ ଏହା ସଦାସର୍ବଦା ଦେଶରେ ସମସ୍ୟା ସୃଷ୍ଟି କରିଥାଏ। ଆମେ ତାହା ଜାଣୁ, ଯେତେବେଳେ ଆମେ ସେଠାରେ ବାହାରକୁ ଯାଉ। ଯାହାକି, କୋରହକୁ ଉଠାଇଥିଲା, ଏବଂ ପରମେଶ୍ୱରଙ୍କୁ ତାହାକୁ ନଷ୍ଟ କରିବାକୁ ପଡିଥିଲା। କିନ୍ତୁ, ଭାଇମାନେ, ମୁଁ ଆପଣଙ୍କୁ ଦୋଷ ଦିଏ ନାହିଁ।

284 ଭାଇ ଜେଗର୍ସ ସେଠାରେ ବସି ମୋତେ ତାହା କହିବାକୁ ଚେଷ୍ଟା କରିଥିଲେ ଯେ ତାହା ତ ପବିତ୍ରଆତ୍ମାଙ୍କ କାର୍ଯ୍ୟ ଥିଲା। ଏବଂ କହିଥିଲେ...ଆଉ ତାହାପରେ, ତାଙ୍କର ନିଜ କାଗଜରେ ମୁଁ ଦେଖାଇଲି...ମୁଁ କହିଲି, "ଭାଇ ଜେଗର୍ସ, ବର୍ତ୍ତମାନ," ମୁଁ କହିଲି, "ମୁଁ ଜଣେ ସପ୍ତମ-ଶ୍ରେଣୀର ଛାତ୍ର ଅଟେ। ଏବଂ ଆପଣ ଈଶ୍ୱର ତତ୍ତ୍ୱବିଦରେ ଡ଼ାକ୍ତର ଉପାଧି ପ୍ରାପ୍ତ, ଏବଂ ଜଣେ ଓକିଲ ହେବା ପାଇଁ ଅଧ୍ୟୟନ କରିଛନ୍ତି। ଆପଣଙ୍କର ଏକ ପରିଷ୍କାର, ସୁନ୍ଦର ମଣ୍ଡଳୀ, ଆସେମ୍ବଲିଜ ଅଫ୍ ଗଡରେ ଲାଳନ ପାଳନ ହୋଇଅଛି। ଆପଣଙ୍କର ପିତା ସେହି ବିଶ୍ୱାସକୁ ସ୍ଥାପନ କରିବାରେ ସାହାଯ୍ୟ କରିଥିଲେ। ଏବଂ ଆପଣ ଅନ୍ୟତ୍ର ଦୂରେଇ ଯାଉଛନ୍ତି, ତାହା ଆପଣଙ୍କ ଉପରେ ନିର୍ଭର କରେ।" ମାତ୍ର ମୁଁ କହିଲି, "ତାହା ଯେକୌଣସି ବ୍ୟକ୍ତିଙ୍କ ଉପରେ ନିର୍ଭର କରେ, ଯିଏକି ତାହା କରିବାକୁ ଚାହାଁନ୍ତି। ମୁଁ ସେଠାରେ କୌଣସି ରେଖା ଅଙ୍କନ କରେ ନାହିଁ। ମାତ୍ର ଯେତେବେଳେ ଏହା ଏପରି ଏକ ସ୍ଥାନକୁ ଆସେ ଯେ ଆପଣଙ୍କ ପରି ଏକ ସାଧନ, ଯିଏକି ଖ୍ରୀଷ୍ଟଙ୍କ ପାଇଁ ହଜାର ହଜାର ପ୍ରାଣ ଜିଣିପାରନ୍ତି, ସେହିପରି ଏକ ସମ୍ବେଦନା ଉପରେ

ନିଜର ସେବାକାର୍ଯ୍ୟକୁ ନିର୍ମାଣ କରିବ।" ମୁଁ କହିଲି, "ଭାଇ ଜେଗର୍ସ, ଆପଣ *ସେପରି* ଏକ ସ୍ତମ୍ଭ ନିର୍ମାଣ କରନ୍ତି, ଯଦି ଆପଣଙ୍କ ପାଖରେ ତାହାର ସାମଞ୍ଜସ୍ୟରେ ସନ୍ତୁଳନ କରୁଥିବା ଏକ ବିଷୟ ନାହିଁ, ତାହାହେଲେ ଏହା କିଛି ସମୟ ପରେ ପଡ଼ିଯିବ। ଏବଂ ଆପଣଙ୍କ ପାଖରେ ତାହା ପାଇଁ ଶାସ୍ତ୍ରାଂଶ ରହିବାକୁ ଅଛି ଯେଉଁ ବିଷୟରେ ଆପଣ କହୁଛନ୍ତି।"

ସେ କହିଲେ, "ଶାସ୍ତ୍ରାଂଶ ଅଛି।"

ମୁଁ କହିଲି, "ତେବେ ପରିବେଷଣ କରନ୍ତୁ।"

285 ସେ କହିଲେ, "ତେବେ, ଭାଇ ବ୍ରାନହାମ୍," କହିଲେ, "ତାହା ତ ପବିତ୍ରଆତ୍ମା କାର୍ଯ୍ୟ କରୁଛନ୍ତି।"

286 ମୁଁ କହିଲି, "ମୋତେ ଶାସ୍ତ୍ରାଂଶ ଦେଖାନ୍ତୁ ଯେଉଁଠାରେ ଏହା କୁହାଯାଇଛି, ପବିତ୍ରଆତ୍ମା କେବେ କାହା ଉପରେ ସେହିପରି, ରକ୍ତ ବାହାର କରିଥିଲେ, ଏବଂ ପ୍ରଭୃତି। କେବଳ ତାହାକୁ ଦେଖାନ୍ତୁ; ସେମାନଙ୍କଠାରୁ କେବେ ତେଲ ବାହାରିଥିଲା। ଆପଣ କହିଲେ, 'ସେହି ତେଲ ଈଶ୍ୱରୀୟ ଆରୋଗ୍ୟତା ପାଇଁ ଥିଲା।' ଏବଂ ଆପଣ କହିଲେ, 'ସେହି ସ୍ତ୍ରୀଲୋକର ରକ୍ତ ଜାତିର ପରିତ୍ରାଣ ନିମନ୍ତେ ହେବ।'" ମୁଁ କହିଲି, "ଯଦି ତାହା ସେପରି ଅଟେ, ତେବେ ଯୀଶୁ ଖ୍ରୀଷ୍ଟଙ୍କ ରକ୍ତକୁ କଅଣ ହେଲା? ଏହା ଅନ୍ୟତ୍ର ଦୂର କରିଦିଏ। ଏବଂ ତାହା ବିରୁଦ୍ଧରେ ଯାହା କିଛି ଅଛି, ତାହା ବିରୋଧୀ ଅଟେ। ଏହା ତାହାର ବିରୁଦ୍ଧରେ ଅଟେ।" ମୁଁ କହିଲି, "ଏହା ଏକ ଖ୍ରୀଷ୍ଟବିରୋଧୀ ଶିକ୍ଷା ଅଟେ।"

"ଓଃ," ସେ କହିଲେ, "ଭାଇ ବ୍ରାନହାମ୍, ଆପଣ କୌଣସି ଏକ ଦିନେ ଶିକ୍ଷା ଲାଭ କରିବେ।"

287 ମୁଁ କହିଲି, "ମୁଁ ଆଶା କରେ ଯେ ମୁଁ ସେହିପରି ଶିକ୍ଷା କେବେବି ଲାଭ ନ କରେ। ବର୍ତ୍ତମାନ, ଭାଇ," ମୁଁ କହିଲି, "ମୁଁ ଆପଣଙ୍କୁ ପ୍ରେମ କରେ, ଏବଂ ଆପଣ ମୋର ଭାଇ ଅଟନ୍ତି।" ଆଉ ମୁଁ କହିଲି, "ଭାଇ ଜେଗର୍ସ, ଆପଣ କିଛି ସମୟ ପରେ, ଗୋଟିଏ ଡାଳ ଉପରେ ଚଢିବାକୁ ଯାଉଛନ୍ତି, ଯେଉଁଥିରୁ ଆପଣ ଓହ୍ଲାଇ ଫେରି ପାରିବେ ନାହିଁ। ନିଜ ମଣ୍ଡଳୀ ନିକଟକୁ ଫେରି ଆସନ୍ତୁ, ଏବଂ ଫେରି ଆସି ସୁସମାଚାର ସହିତ ରୁହନ୍ତୁ।" ଏବଂ ମୁଁ କହିଲି, "ଏହାକୁ ସମ୍ବେଦନା ଉପରେ ନିର୍ମାଣ କରନ୍ତୁ ନାହିଁ।" ମୁଁ କହିଲି, "ସେହି..."

288 ତେବେ ତାହାଙ୍କ ପାଖରେ, ସେ ଅନନ୍ତ ଜୀବନ ପ୍ରତି ବାପ୍ତିଜିତ କରୁଛନ୍ତି, ଆପଣ ଜାଣନ୍ତି, "ପ୍ରତ୍ୟେକ ଥର ଆପଣ ବାପ୍ତିଜିତ କରନ୍ତି, ଆପଣ ଜଣେ ଯୁବା ସ୍ତ୍ରୀ କିମ୍ବା ପୁରୁଷଙ୍କ ନିକଟକୁ ଫେରିଯାଆନ୍ତି। ତେବେ ତାହା ଯାଉଛନ୍ତି...ଆପଣ (କେବେବି) ମରିବାକୁ ଯାଉ ନାହାଁନ୍ତି।" ତେଣୁକରି, ତାହା, ଏହା, ସେ ବର୍ତ୍ତମାନ ଠିକ୍ ସେହି ଡାଳର ଶେଷରେ ଅଛନ୍ତି; ଏବଂ ସେହି "ମୃତ ସାଗରରୁ ଭିଟାମିନ୍ ବଟିକାମାନ।" କଅଣ ଆପଣ ଦେଖୁଛନ୍ତି କି? ମାତ୍ର ତାହାହିଁ ହେଉଛି ଏହା ଯାହାକି ତାହା ଅଟେ, ଭାଇ, ଆପଣ ସେହି ଛୋଟ ସମ୍ବେଦନା ଉପରେ ଆରମ୍ଭ କରିଯାନ୍ତି।

289 ଏବଂ ଏଠାରେ ଥିବା ଆପଣ ବ୍ୟକ୍ତିମାନେ ଯେଉଁମାନଙ୍କ ପାଖରେକି ଏହି ମଣ୍ଡଳୀଗୁଡିକ ଅଛି, ଆପଣ ସେହିପରି କୌଣସି ବିଷୟକୁ ସହର ଭିତରକୁ ଆସିବାକୁ ଦିଅନ୍ତି, ଏବଂ, ଆପଣ ଜାଣନ୍ତି, ଶୟତାନ ଚତୁର ଅଟେ, ଏବଂ ସେ—ସେ ସେହିପରି ବିଷୟଗୁଡିକ ଉପରେ ଝାମ୍ପ ଦିଏ। ସେ ଏଥିରେ ଝଗଡା କରିଥାଏ। ଏବଂ ସେ—ସେ ଲୋକମାନଙ୍କୁ ଆଘାତ କରିଥାଏ, ଆଉ ସେ ମଣ୍ଡଳୀରେ ଦ୍ୱନ୍ଦ୍ୱ, ଓ ବିଷୟ ପ୍ରଭୃତି ସୃଷ୍ଟି କରିଥାଏ। କିନ୍ତୁ ତାହା ସେହିପରି ନୁହେଁ।

290 ବର୍ତ୍ତମାନ, ଏଠାରେ। ଏଥିରେ କିଛି ଯାଏ ଆସେ ନାହିଁ ଯେ ଆପଣ କେତେ ଠିକ୍ ଅଟନ୍ତି, ଏଠାରେ ଗୋଟିଏ ବିଷୟ ଅଛି ଯେଉଁଥିରେକି ଆମେ ବିଫଳ ହୋଇଥାଉ ଏବଂ ଦେଖିବାରେ ବଞ୍ଚିତ ହୋଇଥାଉ, ମୋର ଭାଇମାନେ। ତେବେ ମୁଁ ଏହା କହି, ସମାପ୍ତ କରୁଛି। ଏଥିରେ କିଛି ଫରକ୍ ପଡ଼େ ନାହିଁ ଯେ ମୁଁ କେତେ ସଠିକ୍, ଏବଂ ମୁଁ କେତେ ଶାସ୍ତ୍ରସଙ୍ଗତ ଅଟେ, ଓ ମୁଁ ପରମେଶ୍ୱରଙ୍କ ବାଇବଲ ବିଷୟରେ କେତେ ଜାଣେ; ଯଦି ମୋ ପାଖରେ, ମୋ ହୃଦୟରେ ସମଗ୍ର ମାନବ ଜାତି ଏବଂ ସମସ୍ତଙ୍କ ପାଇଁ, ପରମେଶ୍ୱରଙ୍କ ଆତ୍ମା, ପ୍ରେମର ଆତ୍ମା ନାହିଁ, ତାହାହେଲେ ମୁଁ ଆରମ୍ଭରୁ ହିଁ ଭୁଲ୍ ଅଟେ।

291 ତେବେ, ପ୍ରଥମ କରିନ୍ଥୀୟ 13 ରେ, ପାଉଲ କହିଲେ, "ଯଦିଓ ମୋର ଜ୍ଞାନ ଅଛି, ଦେଖନ୍ତୁ, ଏବଂ ପରମେଶ୍ୱରଙ୍କ ସମସ୍ତ ସଂକଳ୍ପ ବୁଝିଥାଏ, ଦେଖନ୍ତୁ; ସମସ୍ତ ବୁଝି, ଥାଏ; ମାତ୍ର ପ୍ରେମ ନ ଥାଏ, ମୁଁ କିଛି ନୁହେଁ। ଏବଂ ଯଦିଓ ମୁଁ ମନୁଷ୍ୟ ଓ ଦୂତମାନଙ୍କ ଭାଷାରେ କଥା କୁହେ," ଅର୍ଥାତ ସେମାନେ ଆପଣ ଯେଉଁମାନେକି ପରମେଶ୍ୱରଙ୍କ ସହିତ କଥାବାର୍ତ୍ତା କରନ୍ତି, ଏବଂ ସର୍ବଦା ସେହିଗୁଡିକ ଯାହାକି ବ୍ୟାଖ୍ୟା କରାଯାଇପାରେ ନାହିଁ। "ଯଦିଓ ମୁଁ ପରଭାଷାରେ, ପୁରୁଷ ଏବଂ ଦୂତମାନଙ୍କ ବାସ୍ତବ ଭାଷାରେ କଥାବାର୍ତ୍ତା କରେ, ମାତ୍ର ପ୍ରେମ, ପ୍ରେମ ରଖେ ନାହିଁ, ତେବେ ଏହା ମୋର କୌଣସି ଲାଭର ବିଷୟ ନୁହେଁ।" ତେଣୁକରି ଯଦି ମୁଁ ପରମେଶ୍ୱରଙ୍କ ସମସ୍ତ ନିଗୂଢ ସଂକଳ୍ପ ଜାଣେ, ଏବଂ ସେଗୁଡ଼ିକୁ ଉନ୍ମୋଚିତ କରିପାରେ ଓ—ଓ ସେଗୁଡିକ ସମସ୍ତଙ୍କୁ ଏକତ୍ର ଆଣିପାରେ, ମାତ୍ର ମୋର ପ୍ରେମ ନ ଥାଏ, ତେବେ ଏହାର କଅଣ ଲାଭ ହେବ? ଏବଂ ଯେତେବେଳେ ମୁଁ...

292 ଯୀଶୁ କହିଲେ, "ତେବେ ସମସ୍ତ ଲୋକ ଜାଣିବେ ଯେ ତୁମେ ମୋର ଶିଷ୍ୟ ଅଟ, ଯେତେବେଳେ ତୁମମାନଙ୍କଠାରେ..." ଯେତେବେଳେ ଆସେମ୍ବଲିଜମାନଙ୍କ ପାଖରେ ଏକତ୍ତ୍ୱବାଦୀମାନଙ୍କ ପାଇଁ ପ୍ରେମ ଥାଏ, ଏବଂ ଏକତ୍ତ୍ୱାବାଦୀମାନଙ୍କ ପାଖରେ ଆସେମ୍ବଲିଜଙ୍କ ପାଇଁ ପ୍ରେମ ଥାଏ, "ଯେତେବେଳେ ତୁମଠାରେ ପରସ୍ପରଙ୍କ ପାଇଁ, ପ୍ରେମ ରହିଥାଏ," ତାହା ଠିକ୍ ଥାଆନ୍ତୁ କିମ୍ବା ଭୁଲ୍ ଥାଆନ୍ତୁ। ଏବଂ ଯେପର୍ଯ୍ୟନ୍ତ ସେହି ଉଦ୍ଦେଶ୍ୟ ଭୁଲ ଅଟେ, ସେହି ଧ୍ୟେୟ ଭୁଲ ଅଟେ, ବରଂ, ଆପଣ ହିଁ ଆରମ୍ଭ କରିବାରେ ହିଁ ଭୁଲ୍ ଅଟନ୍ତି। କଅଣ ତାହା ଠିକ୍ ନୁହେଁ କି? ଦେଖନ୍ତୁ, "ଯଦିଓ ମୁଁ ମନୁଷ୍ୟ ଓ ଦୂତମାନଙ୍କ ଭାଷାରେ କଥା କୁହେ, ମାତ୍ର ମୋ ଠାରେ ପ୍ରେମ ରଖେ ନାହିଁ, ସେପର୍ଯ୍ୟନ୍ତ ମୁଁ କିଛି ନୁହେଁ।" କାରଣ, ପରମେଶ୍ୱର ପ୍ରେମ ଅଟନ୍ତି। ଆମେ ତାହା ଜାଣୁ।

293 ଆଉ ମୁଁ ପରଭାଷାରେ କଥା କହିବାରେ ବିଶ୍ୱାସ କରେ । ତେବେ, କେହି ଜଣେ କହନ୍ତି, "ଭାଇ ବ୍ରାନହାମ୍ ପ୍ରାରମ୍ଭିକ ପ୍ରମାଣରେ ବିଶ୍ୱାସ କରନ୍ତି ନାହିଁ ।" ମୁଁ ବର୍ତ୍ତମାନ ଆପଣମାନଙ୍କ ସହିତରେ ତାହା ସ୍ପଷ୍ଟ କରିଦେବାକୁ ଚାହେଁ । ବୁଝିଲେ? ମୁଁ ଆପଣମାନଙ୍କୁ କହିବାକୁ ଚାହେଁ ।

294 ମୁଁ ବିଶ୍ୱାସ କରେ ଯେ ଯେତେବେଳେ ଜଣେ ବ୍ୟକ୍ତି ଖ୍ରୀଷ୍ଟଙ୍କୁ ଗ୍ରହଣ କରନ୍ତି, ସେତେବେଳେ ସେ ପବିତ୍ରଆତ୍ମାଙ୍କର ଏକ ଅଂଶକୁ ଗ୍ରହଣ କରନ୍ତି । କାରଣ, ଯୀଶୁ କହିଥିଲେ, ମାଥିଉରେ ତାର—ତାର 12ଶ ପର୍ବରେ, ତାର 5ମ ପର୍ବର ଓ କୋଡ଼ିଏ-...ସେହି 24ତମ ପଦ, ସେ କହିଲେ । ନା, ମୁଁ ବିଶ୍ୱାସ କରେ ଯେ ତାହା ସାଧୁ ଯୋହନ 5:24 ଅଟେ । ସେ କହିଲେ, "ଯିଏ ମୋହର ବାକ୍ୟ ଶୁଣେ, ଏବଂ ମୋହର ପ୍ରେରଣକର୍ତ୍ତାଙ୍କଠାରେ ବିଶ୍ୱାସ କରେ, ସେ ଅନନ୍ତ ଜୀବନ ପାଇଅଛି ।" ତେବେ, ଅନନ୍ତ ଜୀବନର କେବଳ ଗୋଟିଏ ରୂପ ଅଛି । "ଏବଂ ନିନ୍ଦା ମଧ୍ୟକୁ ଆସେ ନାହିଁ; ମାତ୍ର ମୃତ୍ୟୁକୁ ଅତିକ୍ରମ କରି ଜୀବନକୁ ପ୍ରବେଶ କରିଥାଏ ।"

295 ବର୍ତ୍ତମାନ, ମୁଁ ବିଶ୍ୱାସ କରେ ଯେ କୌଣସି ମନୁଷ୍ୟ ନିଜକୁ ଡାକିପାରେ ନାହିଁ; ପରମେଶ୍ୱରଙ୍କୁ ହିଁ ତାଙ୍କୁ ଡାକିବାକୁ ଥାଏ । ଏବଂ ଯଦି ପରମେଶ୍ୱର ତାଙ୍କୁ ପ୍ରକୃତରେ ଡାକିଥିଲେ...ଆଉ ସେଠାରେ ବହୁତ ଲୋକମାନେ ଅଛନ୍ତି, ଆମେ ଜାଣୁ, ଭାଇମାନେ, ଯେଉଁମାନେକି କୃତ୍ରିମ ଭାବରେ କାର୍ଯ୍ୟ କରାଯାଇଥାନ୍ତି ଏବଂ ଭାବିଥାନ୍ତି ଯେ ପରମେଶ୍ୱର ତାଙ୍କୁ ଡାକିଛନ୍ତି, କିନ୍ତୁ ସେମାନଙ୍କର ଜୀବନ ଶୀଘ୍ର ହିଁ...ଖୋଜି ନେବ, ଆପଣ ତାହା ଖୋଜି ବାହାର କରିନେବେ । କିନ୍ତୁ ଯଦି ପରମେଶ୍ୱର ଆପଣଙ୍କୁ ଡାକିଥାନ୍ତି, କାହିଁକି, ଆପଣ, ଆପଣ ସେଠାରେ ରହିବେ, ଆଉ ଆପଣ ସେଠାରେ ରହିଥିବେ, ଦେଖନ୍ତୁ, ଜାଣି ରଖନ୍ତୁ । ଏବଂ ତାହାପରେ ଯଦି...ବର୍ତ୍ତମାନ, ତାହା ବାପ୍‌ଟିଷ୍ଟ ଶିକ୍ଷା ନୁହେଁ । ଆପଣ ତାହା ଜାଣନ୍ତି, ଦେଖନ୍ତୁ ।

296 କିନ୍ତୁ, ମୁଁ ହାତ ମିଶାଇ ଅନନ୍ତ ସୁରକ୍ଷା ଲାଭ କରିବାରେ, ଏବଂ ସେସମସ୍ତ ବିଷୟ ପ୍ରଭୃତିରେ ବିଶ୍ୱାସ କରେ ନାହିଁ । ମୁଁ—ମୁଁ ସେଥିରେ ବିଶ୍ୱାସ କରେ ନାହିଁ, ଆଦୌ ନୁହେଁ । ଯଦି ସେମାନେ ତାହା ବିଶ୍ୱାସ କରିବାକୁ ଚାହାଁନ୍ତି, ତେବେ, ତାହା ଠିକ୍ ଅଛି । ମୁଁ ତଥାପି କହିବି ଯେ ସେମାନେ ମୋର ଭାଇମାନେ ଅଟନ୍ତି ।

297 ଆଜି ସକାଳେ, ଯଦି ମୁଁ ଖଣ୍ଡେ ପିଠା ମାଗିବାକୁ ଯାଉଥିଲି, (ଯାହାକି ପ୍ରାୟଃ ରାତ୍ରୀ ଭୋଜନର ସମୟ ଅଟେ), ହୁଏତ ମୁଁ ଚେରି ପସନ୍ଦ କରୁ ଥାଇପାରେ, ଏବଂ ଆପଣ ସେଉ ନେଉ ଥାଇପାରନ୍ତି, ମାତ୍ର ଆମେ ଦୁହେଁ ତ ପିଠା ଖାଉଅଛୁ । ବୁଝିଲେ? ତେଣୁ ଏହା କୌଣସି ଫରକ୍ ପକାଏ ନାହିଁ...ଯେପର୍ଯ୍ୟନ୍ତକି ଆମେ ପିଠା ଖାଉଅଛୁ ।

298 ସେହି ପ୍ରକାରେ ହିଁ ଆମେ ବିଶ୍ୱାସ କରୁ । ଯଦି ଆପଣ ଜଣେ ଏକତ୍ତ୍ୱବାଦୀ ହେବାକୁ ଚାହୁଁଛନ୍ତି, ଏକତ୍ତ୍ୱବାଦୀ ହୁଅନ୍ତୁ; ଯଦି ଆପଣ ଆସେମ୍ବଲି ଅଫ୍ ଗଡ ହେବାକୁ ଚାହୁଁଛନ୍ତି, ତେବେ ଆସେମ୍ବଲି ଅଫ୍ ଗଡ ହୁଅନ୍ତୁ । ଯଦି ଆପଣ ତାହା ହେବାକୁ ଚାହୁଁଛନ୍ତି ଯାହାକି ଆପଣ ଅଟନ୍ତି, ବାପ୍‌ଟିଷ୍ଟ, ପ୍ରେସ୍‌ବିଟେରିଆନ୍ ଯାହା ବି, ସେଥିରେ ଜଣେ ଖ୍ରୀଷ୍ଟିଆନ ହୋଇ ରହିଥାନ୍ତୁ । ବୁଝିଲେ?

299 ଏବଂ—ଏବଂ ଏହାକୁ ନିଜ ପାଇଁ ଖୋଜନ୍ତୁ, କିନ୍ତୁ ଜଣେ ଅନ୍ୟ ସହିତ ପରସ୍ପର ଝଗଡା କରନ୍ତୁ ନାହିଁ। କାରଣ, ଏହି ଛୋଟ ଛୋଟ ବିଷୟଗୁଡ଼ିକ, ତାହା ସବୁ ପରସ୍ପର ଏକାଠି ଖାପ ଖାଇ ମିଶିଥାଏ। ତାହା ଠିକ୍ ଅଟେ। ତାହା ସବୁ ଏକାଠି ଖାପ ଖାଇ ମିଶିଥାଏ ଓ ସେହି ଗୋଟିଏ ସ୍ଥାନକୁ ଆସିଥାଏ।

300 ଏବଂ—ଏବଂ ଆମେ ଯାହା ବି କରୁ ନା କାହିଁକି, ଆମେ ଯେତେ ଚମତ୍କାର କରିପାରୁ ନା କାହିଁକି, ଆମେ ଯେତେ ପର୍ବତ ଘୁଞ୍ଚାଇପାରୁ ନା କାହିଁକି, କିମ୍ବା ଏହା ଯାହାକିଛି ବି ଅଟେ, ଯେପର୍ଯ୍ୟନ୍ତକି ଆମେ ସେହି ଗୋଟିଏ ସ୍ଥାନକୁ ନ ଆସି ଯାଉ ଯେଉଁଠାରେ ଆମେ ପ୍ରେମ କରୁ, କୃତ୍ରିମ-ବିଶ୍ୱାସ ନୁହେଁ, ମାତ୍ର ଆମେ ପରସ୍ପର ଜଣେ ଅନ୍ୟକୁ ପ୍ରେମ କରୁ। ଯେତେବେଳେ ଆମେ ପ୍ରତ୍ୟେକ ଭାଇଙ୍କୁ ପ୍ରେମ କରୁ, ଯାଏ ଆସେ ନାହିଁ ଯେ ସେ କେଉଁ ମଣ୍ଡଳୀରେ ସମ୍ପୃକ୍ତ ଅଟେ, ଆମେ ତାଙ୍କୁ ପ୍ରେମ କରୁ; କେବଳ ଆମେ ପ୍ରେମର ଛଳନା ନ କରୁ, କାରଣ ଆମେ ଜାଣୁ ଯେ ଏହା ଏକ ଧାର୍ମିକ ଧାରଣା ଅଟେ, ଯଥା, "ଆମକୁ ଏହା କରିବା ଉଚିତ୍।" ମାତ୍ର, ଯେହେତୁ ଆମେ ତାହା କରୁ, ଆମେ ପରସ୍ପର ଜଣେ ଅନ୍ୟକୁ ପ୍ରେମ କରୁ; ତାହାପରେ, ଦୀର୍ଘସହିଷ୍ଣୁତା, ପରସ୍ପର ଜଣେ ଅନ୍ୟର ସହି ନେଉ।

301 ଏବଂ ମୁଁ ବିଶ୍ୱାସ କରେ, କଲସୀୟ ୩, ପ୍ରାୟଃ ୨ ପଦରେ, ସେଠାରେ କୌଣସି ସ୍ଥାନରେ...ମୁଁ ହୁଏତ, ମୁଁ—ମୁଁ ନୁହେଁ...ମୁଁ ଶାସ୍ତ୍ରରେ ଭୁଲ ହୋଇପାରେ, କିନ୍ତୁ ତାହା ଏହା କୁହେ। ଆମେ ଜଣେ ଖ୍ରୀଷ୍ଟିଆନ ହେବା ପରେ, ଆମେ ଈର୍ଷା କରିବା ଉଚିତ୍ ନୁହେଁ। ବୁଝିଲେ? ଯେତେବେଳେ ଆମେ ପରସ୍ପରକୁ ଆଦର ଏବଂ ସମ୍ମାନ ଦେବାକୁ ଚେଷ୍ଟା କରୁଥାଉ ସେତେବେଳେ ଆମର ବିଶ୍ୱାସ ହୋଇପାରେ ନାହିଁ। ଦେଖନ୍ତୁ, ଆମେ ତାହା କରିପାରିବା ନାହିଁ; ଆମର ବିଶ୍ୱାସ ହୋଇପାରେ ନାହିଁ। ଆମକୁ ତ ପରମେଶ୍ୱରଙ୍କୁ ସମ୍ମାନ ଦେବାକୁ ଅଛି, ଦେଖନ୍ତୁ, ତାହାଙ୍କୁ ସମ୍ମାନ କରିବାକୁ ଅଛି। ମୋ ଭାଇମାନଙ୍କ ଉପରେ ବିଶ୍ୱାସ କରେ, ଯେ ନିଶ୍ଚିତରେ, ପ୍ରେମ ଅଛି; ମାତ୍ର ସମ୍ମାନ ଏବଂ ସମ୍ଭ୍ରମ ପରମେଶ୍ୱରଙ୍କୁ ଯାଏ! ମାତ୍ର ତାହା ପାଇଁ... କିନ୍ତୁ ପରସ୍ପର ଉପରେ ବିଶ୍ୱାସ ଏବଂ ଭରସା ରଖନ୍ତୁ। "ଏବଂ ପରସ୍ପରକୁ ମିଛ କୁହନ୍ତୁ ନାହିଁ।" ଦେଖନ୍ତୁ? "ପରସ୍ପରକୁ ମିଛ କୁହନ୍ତୁ ନାହିଁ।" ଯଦି ମୁଁ ଆଜି ସକାଳେ ଆପଣଙ୍କୁ କୁହେ, "ମୁଁ ଆପଣଙ୍କୁ ପ୍ରେମ କରେ," ତେବେ ମୋତେ ତାହା ପ୍ରକୃତରେ ଅର୍ଥ କରିବାକୁ ପଡ଼ିବ। ଯଦି ତାହା ନୁହେଁ, ତେବେ ମୁଁ ଜଣେ କପଟୀ ଅଟେ। ତାହା ଅବିକଳ ଠିକ୍।

302 ତେବେ, ଭାଇମାନେ, ଏହି ଧାଡିରେ...ବର୍ତ୍ତମାନ, ଭାଇ ଟମି, ମୁଁ ଆଶା କରେ ଯେ ମୁଁ ଏଠାରେ ଅଧିକ ସମୟ ଅଟକାଇ ରଖି ନାହିଁ। ମୁଁ...ଭାଇ ଟମି ଅଳ୍ପ କିଛି ସେକେଣ୍ଡରେ କିଛି କହିବାକୁ ଯାଉଛନ୍ତି। କିନ୍ତୁ ମୁଁ ଏହା କହିପାରେ, ଯେତେବେଳେ ମୁଁ ଆପଣମାନଙ୍କ ମଧ୍ୟକୁ ଆସେ...

303 ମୁଁ ଏହା ବିଶ୍ୱାସ କରେ। ମୁଁ ବିଶ୍ୱାସ କରେ ଯେ ପରମେଶ୍ୱର ଆମର ପିତା ମରିୟମ ନାମ୍ନୀ ଏକ କୁମାରୀକୁ ଛାୟା କଲେ, ଏବଂ ତାଙ୍କଠାରେ ଏକ ରକ୍ତ କୋଷିକା ସୃଷ୍ଟି କଲେ

ଯାହା ଯୀଶୁ ଖ୍ରୀଷ୍ଟଙ୍କୁ ଜନ୍ମ ଦେଲା, ଯିଏକି ପରମେଶ୍ୱରଙ୍କ ପୁତ୍ର ଥିଲେ, ସେହି ତମ୍ବୁ ଥିଲେ ଯେଉଁଥିରେକି ପରମେଶ୍ୱର ଆପଣାକୁ, ଶରୀରରେ, ଆଚ୍ଛାଦିତ କରି ଆମମାନଙ୍କ ମଧ୍ୟରେ ନିଜକୁ ପ୍ରକଟିତ କରିଥିଲେ। "ପରମେଶ୍ୱର ଖ୍ରୀଷ୍ଟଙ୍କଠାରେ ରହି, ଜଗତକୁ ଆପଣା ସହିତ ପୁନର୍ମିଳନ କରାଉଥିଲେ। ମୁଁ ବିଶ୍ୱାସ କରେ ଯେ ସେହି ରକ୍ତ କୋଷିକାଟି ଆମମାନଙ୍କର ପାପ କ୍ଷମା ପାଇଁ, କାଲବରୀରେ ଭଙ୍ଗା ଯାଇଥିଲା। ଏବଂ ସେହି ଆତ୍ମା ତାହାଙ୍କଠାରୁ ବାହାରି ଗଲା ଓ ମଣ୍ଡଳୀ ଉପରକୁ ଫେରି ଆସିଲା, କାରଣ, ସେହି ଖ୍ରୀଷ୍ଟ, ସେହି ପବିତ୍ରଆତ୍ମା; ସେହି ଖ୍ରୀଷ୍ଟ, ସେହି ଲୋଗୋସ, ସେହି ପବିତ୍ରଆତ୍ମା, ବର୍ତ୍ତମାନ ବାପ୍ତିସ୍ମ ଦ୍ୱାରା, ଆମମାନଙ୍କୁ ଭିତରେ ରହିଛନ୍ତି। ଆମକୁ ପ୍ରସ୍ତୁତ କରୁଛନ୍ତି...ଖ୍ରୀଷ୍ଟ ଆପଣାକୁ ଅଲଗା କରି, ଆମ ପ୍ରତ୍ୟେକଙ୍କୁ ନିଜର ଜୀବନ ପ୍ରଦାନ କରୁଛନ୍ତି, ଯେପରିକି ଆମେ, ଲୋକମାନଙ୍କର ଏକ ଗୋଷ୍ଠୀ ଭାବରେ, ପରମେଶ୍ୱରଙ୍କ ମଣ୍ଡଳୀ ହୋଇପାରୁ। ଏବଂ ବହୁ ପୂର୍ବରୁ ନୁହେଁ...

304 ମୁଁ ଅଶ୍ୱାରୋହଣ କରିଥାଏ। ଆପଣ ତାହା ଜାଣିଛନ୍ତି। ମୋ ବାପା ଜଣେ ଅଶ୍ୱାରୋହୀ ଥିଲେ, ଅତ୍ୟୁତ୍ତମ ଆରୋହୀ ଥିଲେ। ମୁଁ ଅଶ୍ୱାରୋହଣ କରିଥାଏ। ଆମେମାନେ ସେହି—ସେହି...ଆରାପାହୋ ଉପତ୍ୟକାରେ ପଶୁପାଳନ କରୁଥିଲୁ, କିମ୍ବା ମୋର କହିବାର ଅର୍ଥ ହେଉଛି ଆରାପାହୋ ପର୍ବତମାଳା ଉପରେ, ଟ୍ରବଲ୍‌ସମ୍ ନଦୀରେ। ହେରଫୋର୍ଡ ସଂଘ ସେହି ଉପତ୍ୟକାରେ ପଶୁପଲ ଚରାଇଥାନ୍ତି। ଏବଂ ସେହି ଉପତ୍ୟକା ଉପରେ, ପଶୁପାଳକମାନେ, ସେମାନଙ୍କର—ସେମାନଙ୍କର ଏତେ ଘାସ ରହିଥାଏ ଯେ ସେମାନେ ଲାଳନ ପାଳନ କରିପାରନ୍ତି। ଏବଂ ଯେତେବେଳେ ଗୋଟିଏ ଚରା ଭୂଇଁ ପାଖାପାଖି ଏକ ଟନ୍ ସମତୁଲ୍ୟ ନଡ଼ା ଉତ୍ପାଦନ କରିବ, ସେତେବେଳେ ଆପଣ ଏକ ଗାଈକୁ ସେହି ଚାରଣଭୂମିରେ—ରେ ଚରାଇ ପାରିବେ, ସେଠାରେ ଏଷ୍ଟେସ୍ ପାର୍କ ତଳେ, ଏବଂ ଆପଣ ଗୋଟିଏ ଗାଈକୁ ଚରାଇ ପାରିବେ ସେହି ଚାରଣ-...ତାହା ସେଠାରେ ଉପରେ, ମୋର ବୃହତ ଶିକାର କ୍ଷେତ୍ରମାନ ଅଟେ। ଏବଂ ମୁଁ ସେଠାରେ ଗୋଟିଏ ବର୍ଷ ପାଇଁ ପଶୁପାଳନ କରିଛି। ମୁଁ ଏବେ ମଧ୍ୟ, ବସନ୍ତ ଓ ଶରତ ଋତୁରେ ଯାଏ, ଯେତେବେଳେ ମୁଁ ବିଶ୍ରାମରେ ଥାଏ ଏବଂ ଯାଇପାରେ, ଓ ଦେଖାଶୁଣା କରିବା ନିମନ୍ତେ ଅଶ୍ୱାରୋହଣ କରେ, କେବଳ ସେଠାରେ ଉପରେ ରହିବା ପାଇଁ, କାରଣ ମୁଁ ଅଶ୍ୱାରୋହଣ କରିବାକୁ ଭଲ ପାଏ। ଏବଂ ଉପର-ଓ-ତଳ ହୁଏ ସେହି ସମସ୍ତ କ୍ଷେତ୍ର-...ସେହି ଉପତ୍ୟକାରେ, ସେଠାରେ ପଶୁପାଳକମାନଙ୍କର ଏକ ଗୋଷ୍ଠୀ ଅଛି ଯାହାଙ୍କରକି ଏଠାରେ ଆସିବାର, ଏବଂ ସେମାନଙ୍କର ପଶୁପଲ ଚରାଇବାର ଏକ ଅଧିକାର ଅଛି। ଏବଂ ବସନ୍ତ ସମୟରେ, ଅନେକ ଥର, ମୁଁ ସେମାନଙ୍କୁ ସେହି ପଶୁପଲମାନଙ୍କୁ ଏକାଠି କରି ସେଠାରେ ଉପରକୁ ଚରାଇବାରେ ସାହାଯ୍ୟ କରିଛି।

305 ଏବଂ ସେଠାରେ ଏକ ସୁରକ୍ଷା ବାଡ଼ ଅଛି, ଯେଉଁଠାରେ ସେମାନେ ସେହି ପର୍ବତମାଳା ଦେଇ ଓହ୍ଲାଇବା ବେଳେ, ବ୍ୟକ୍ତିଗତ ସମ୍ପତ୍ତି ଉପରେ ଯେପରି ମାଡି ନ ଯାଆନ୍ତି। ଯେପର୍ଯ୍ୟନ୍ତକି...ଏବଂ ସେହି ପଶୁପାଳକ ସେଠାରେ ଛିଡ଼ା ହୋଇଥାନ୍ତି ଓ ସେହି ପଶୁମାନଙ୍କୁ ଗଣନା କରନ୍ତି, ଯେତେବେଳେ ସେମାନେ ଭିତରକୁ ପ୍ରବେଶ କରନ୍ତି। ଆଉ ମୁଁ, ଦିନକୁ

ଅନେକ ଥର, ଘଣ୍ଟା ପରେ ଘଣ୍ଟା ବସି ରହି, ଶ୍ରୀମାନ ଗ୍ରିମ୍‌ସଙ୍କ ସମୂହକୁ ଯାଉଥିବାର ଦେଖିଛି, ତାଙ୍କର ହୀରା ଦଣ୍ଡ ଚିହ୍ନ ଥିଲା; ଆମର ଚିହ୍ନ ଥିଲା ଟ୍ରର୍କୀ ଟ୍ରାକ; ଏବଂ ଠିକ୍ ଆମର ତଳେ ସେମାନଙ୍କର ଥିଲା ସେହି—ସେହି ଟ୍ରାଇପୋଡ଼; ଏବଂ ଜେଫ୍ରିଙ୍କର, ଏବଂ ପ୍ରଭୃତି । ତାହାପରେ ଯେତେବେଳେ ମୁଁ ମୋର ଗୋଡ଼କୁ, ସେହି ଆସନର ଶୃଂଗ ଉପରେ ରଖିଥାଏ, ଆପଣମାନଙ୍କ ମଧ୍ୟରୁ ଯେତେ ଜଣ ତାହା ଜାଣନ୍ତି, ଏବଂ ସେଠାରେ ବସି ରହି ସେହି ପଶୁପାଳକକୁ ଦେଖିଥାଏ ଯେତେବେଳେ ସେ ସେଠାରେ ଛିଡ଼ା ହୋଇ, ଏହି ପଶୁମାନଙ୍କୁ ଗଣନା କରୁଥିଲେ ।

306 ମୁଁ ଗୋଟିଏ ବିଷୟ ଲକ୍ଷ୍ୟ କଲି । ସେ ସେହି ପଶୁମାନଙ୍କ ଉପରେ ଲାଗିଥିବା ଚିହ୍ନ ପ୍ରତି ଅଧିକ ଧ୍ୟାନ ଦେଇ ନ ଥିଲେ । ମାତ୍ର ଗୋଟିଏ ବିଷୟ ଯାହା ସେ ପ୍ରକୃତରେ ଦେଖୁଥିଲେ, ତାହା ହେଉଛି ସେହି ରକ୍ତ ସୂଚନା ପଟି । ଏହାକୁ ତ ଏକ ବିଶୁଦ୍ଧ ହେରଫୋର୍ଡ ହେବା ଆବଶ୍ୟକ ଥିଲା ନଚେତ ଏହା ସେହି ବାଡ ପଛକୁ ଯାଇପାରିବ ନାହିଁ, କିନ୍ତୁ ସେହି ଚିହ୍ନର ଅଧିକ ଫରକ୍ ପଡ଼ି ନ ଥିଲା ।

307 ଆଉ ମୁଁ ଭାବୁଛି ଯେ ଠିକ୍ ସେହି ପ୍ରକାରେ ତାହା ବିଚାରରେ ହେବ । ସେ ଆମର ଚିହ୍ନକୁ ଦେଖିବାକୁ ଯାଉନାହାଁନ୍ତି, କିନ୍ତୁ ସେ ସେହି ରକ୍ତ ସୂଚନା ପଟିକୁ ଦେଖିବେ ।

308 ଭାଇମାନେ, ମୁଁ ମୋର ଭୁଲଗୁଡିକୁ କରିଛି, ଏବଂ ମୁଁ ବହୁତଗୁଡ଼ିଏ ଏପରି କାର୍ଯ୍ୟ କରିଛି ଯାହାକି ଭୁଲ୍ ଅଟେ । ଏବଂ ମାର୍ଗରେ ଗଲାବେଳେ କେବେ କୌଣସି ସମୟରେ ଯଦି ମୁଁ ଆଣିଥାଏ, କିମ୍ଵା ଆପଣ ଏପରି କିଛି ଶୁଣିଥିବେ ଯାହାକି ମୁଁ ହୁଏତ ଉଲ୍ଲେଖ କରିଥାଏ କିମ୍ଵା କହିଥାଏ, ଯାହା କୌଣସି ପ୍ରକାରର ଏକ ଆଘାତ ଦେଇଥାଏ, କିମ୍ଵା ଯଦି ମୁଁ ଆଜି ସକାଳେ ଏପରି କିଛି କହିଛି ଯାହା ଏକ ଆଘାତ ଦେଇଥାଏ, ତାହାହେଲେ ମୁଁ ଆପଣଙ୍କୁ, ଜଣେ ଖ୍ରୀଷ୍ଟିଆନ ଭାଇ କିମ୍ଵା ଭଉଣୀ ଭାବରେ କୁହେ, ଯେ ମୋତେ କ୍ଷମା କରିଦେବେ । ମୋର ତାହା କରିବାର ଅଭିପ୍ରାୟ ନ ଥିଲା । ମୁଁ କେବଳ ମୋର ହୃଦୟକୁ ଆପଣଙ୍କ ପାଖରେ ଢାଳି ଦେଇଅଛି, ଯେପରିକି ଆମେ ଜାଣିବା ।

309 ଯଦି କୌଣସି ବାପ୍ତିସ୍ମ କରିବାକୁ ଅଛି, ଆପଣ ଭାଇମାନେ ତାହା ନିଜେ ନିଜେ, କରି ନିଅନ୍ତୁ, ଦେଖନ୍ତୁ । ତାହା ହେଉଛି, ମୁଁ—ମୁଁ କରେ ନାହିଁ । ଯଦି ମୁଁ କରିଥାଏ, ତେବେ ସେହି ପ୍ରକାରେ ହିଁ ମୁଁ ବାପ୍ତିଜିତ କରିବି, ଠିକ୍ ତାହା ପରି ଗୋଟିଏ । ଏବଂ ଆପଣଙ୍କ ମଧ୍ୟରୁ କେହି ଜଣେ ଏହାକୁ ନେଇପାରନ୍ତି, ଦେଖନ୍ତୁ । ତେଣୁ ଆପଣ ସେହି ବ୍ୟକ୍ତିଙ୍କୁ ନେଇପାରନ୍ତି, ସେମାନେ ପିତା, ପୁତ୍ର, ଏବଂ ପବିତ୍ର ଆତ୍ମାଙ୍କ ନାମରେ ବାପ୍ତିଜିତ ହୋଇଛନ୍ତି, ଏବଂ ସେମାନେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ମଧ୍ୟ, ବାପ୍ତିଜିତ ହୋଇଥିଲେ । ତେଣୁ ଯଦି ମୁଁ କେବେ କାହାରିକୁ ବାପ୍ତିଜିତ କରେ…ମାତ୍ର ମୁଁ ଏହାକୁ ଏପର୍ଯ୍ୟନ୍ତ କରି ନାହିଁ । ମୁଁ କେବଳ ମୋର ନିଜ ମଣ୍ଡଳୀରେ ବାପ୍ତିଜିତ କରେ, ଏବଂ ତାହା କେବଳ ସେଠାରେ ଥିବା ଲୋକମାନେ ଅଟନ୍ତି । ଏବଂ ସେହି ପ୍ରକାରେ ହିଁ ମୋ ମଣ୍ଡଳୀରେ ଥିବା ଲୋକମାନେ ବାପ୍ତିଜିତ ହୁଅନ୍ତି । ଏବଂ ଯଦି ଆପଣ ପଛକୁ

ଚାହିଁବେ, ତାହା ହେଉଛି ପୁରାତନ ମିଶନାରୀ ରୀତିନୀତି, ପୁରାତନ ମିଶନାରୀ ବାପ୍‌ଟିଷ୍ଟ ରୀତିନୀତି । ଏବଂ ବର୍ତ୍ତମାନ ଯଦି...ତାହାହିଁ ହେଉଛି ଏହା ।

310 ମୁଁ ଈଶ୍ୱରୀୟ ଆରୋଗ୍ୟତାରେ ବିଶ୍ୱାସ କରେ । ମୁଁ ପବିତ୍ରଆତ୍ମାଙ୍କ ବାପ୍ତିସ୍ମରେ ବିଶ୍ୱାସ କରେ । ମୁଁ ପବିତ୍ରଆତ୍ମାର ପରଭାଷାରେ—ରେ କଥା କହିବାରେ ବିଶ୍ୱାସ କରେ । ପରମେଶ୍ୱର ତାହାଙ୍କର ମଣ୍ଡଳୀକୁ ଦେଇଥିବା ପ୍ରତ୍ୟେକ ବରଦାନରେ ମୁଁ ବିଶ୍ୱାସ କରେ । ମୁଁ ସେମାନଙ୍କ ପାଇଁ, ଶତ ପ୍ରତିଶତ ସପକ୍ଷରେ ଅଟେ । ମାତ୍ର ମୁଁ ବିଶ୍ୱାସ କରେ...

311 ମୁଁ ଆଜିର ଅଧିକାଂଶ ଏହି ଉତ୍ତମ-ସର୍ବୋତ୍ତମ ଆରୋଗ୍ୟତା ଯାହାକି ଆମର ଆଖ ପାଖରେ ଘଟୁଅଛି ତାହା ସପକ୍ଷରେ ନୁହେଁ । ମୁଁ ଏଠାରେ ଠିକ୍ ଏକ ଟିପ୍ପଣୀ କରିବାକୁ ଚାହେଁ । କିଛି ସମୟ ପୂର୍ବରୁ ସେଠାରେ ଜଣେ ଭାଇ ଥିଲେ...ଏବଂ ଏହା ମୋର ମୂଲ୍ୟବାନ ଭାଇ ଟମି ହିକ୍ସ ନୁହଁନ୍ତି, ଯାହାଙ୍କୁ ମୁଁ ଖ୍ରୀଷ୍ଟଙ୍କର ଜଣେ ପ୍ରକୃତ ସେବକ ଭାବେ ମନେ କରେ । ସେଠାରେ ଅନ୍ୟ ଦେଶରେ ଆଉ ଜଣେ ବ୍ୟକ୍ତି ଥିଲେ, ଏବଂ ଏହି ଦେଶରେ ଜଣେ ଥିଲେ...ସେ ତ ସର୍ବଦା, ସେହିପରି ଥିଲେ, "ପରମେଶ୍ୱର ଉତ୍ତମ-ସର୍ବୋତ୍ତମ ଆରୋଗ୍ୟକାରୀ ଅଟନ୍ତି! ଉତ୍ତମ-ସର୍ବୋତ୍ତମ ଆରୋଗ୍ୟକାରୀ," ଆପଣ ଜାଣନ୍ତି, ସେହି ପରି ଭାବରେ ।

312 ଏବଂ ସେହି ବ୍ୟକ୍ତି କଲା ଉତ୍ତାରେ...ଲୁଥରାନ୍ ମଣ୍ଡଳୀରୁ ମୁଁ ଏକ ଚିଠି ପାଇଲି । ଏବଂ ଏଠାରେ ମୋର ସଚିବ ଜାଣନ୍ତି ଯେ ତାହା ଆମର ଫାଇଲ୍‌ରେ ରହିଛି । ମୁଁ ସେହି ବ୍ୟକ୍ତିଙ୍କ ନାମ ନେବି ନାହିଁ, କାରଣ ଏହା ଖ୍ରୀଷ୍ଟିଆନ-ଚରିତ୍ର ନୁହେଁ । ଯଦିଓ, ମୁଁ ସେହି ବ୍ୟକ୍ତିଙ୍କ ଧାରଣା ସହିତ ସହମତ ନୁହେଁ, ମାତ୍ର ତାହା ସମ୍ପୂର୍ଣ୍ଣ ଠିକ୍ ଅଟେ । ମୁଁ ତାଙ୍କୁ ପ୍ରେମ କରେ । ସେ ମୋର ଭାଇ ଅଟନ୍ତି ।

313 ମାତ୍ର ଏହା ଏପରି ଏକ ସ୍ଥାନରେ ପହଞ୍ଚିଥିଲା ଯେଉଁଠାରେକି ସେମାନଙ୍କ ପାଖରେ କୌଣସି ପ୍ରକାରର ଏକ ସମ୍ବେଦନା ରହିବାକୁ ଥିଲା, କିମ୍ବା ନିଜକୁ ଚାବୁକ ମାରିବା ଭଳି ଥିଲା, ଅବା ସେହିପରି ଅନ୍ୟ କିଛି ହେବାକୁ ଥିଲା, ଦେଖନ୍ତୁ । ଏବଂ, ତାହା, ତାହା ଭଲ ନୁହେଁ, ଦେଖନ୍ତୁ । ଭାଇ..."ଶାରୀରିକ ବ୍ୟାୟାମ ବହୁତ ଅଳ୍ପ ଲାଭଜନକ ।"

314 ଏବଂ ତେଣୁକରି ଏହି ଲୁଥରାନ୍ ସେବକଜଣ ଏହି ସେବକଙ୍କୁ ଏକ—ଏକ—ଏକ ଚିଠି ଲେଖିଲେ । ଏବଂ ସେ କହିଲେ, "ଆପଣ ଆମେରିକୀୟ ପ୍ରଚାରକଗଣ ଯେଉଁମାନେକି ଏଠାକୁ ଆସନ୍ତି," କହିଲେ, "ସମସ୍ତଙ୍କ ନିମନ୍ତେ ଥିବା ଆପଣଙ୍କର ସବୁ ଉତ୍ତମ-ସର୍ବୋତ୍ତମ ଆରୋଗ୍ୟତା ସହିତରେ!"

315 ଏବଂ ବର୍ତ୍ତମାନ ଏହା ମୋ ପ୍ରତି ଏକ ପୁଷ୍ପ ତୋଡ଼ା ଭଳି ଲାଗୁଅଛି, ମାତ୍ର ପରମେଶ୍ୱର ଜାଣନ୍ତି ଯେ ମୋର ସେହିପରି ଅଭିପ୍ରାୟ ନୁହେଁ । "କିନ୍ତୁ," ସେ କହିଲେ, "ଯେତେବେଳେ—ଯେତେବେଳେ ସାନ ଦେବୋରା ଷ୍ଟାଡସ୍‌କ୍ଲେଭଙ୍କର ମୃତ୍ୟୁ ହେଲା, ସେହି ଶିଶୁ, ଆଉ ସେହି ମାଆ ସେଦିନ ଇଣ୍ଡିୟା-...କାଲିଫର୍ଣିଆରେ ଛିଡା ହୋଇଥିଲେ, ଯେଉଁଠାରେ ସେହି ଶିଶୁର ମୃତ୍ୟୁ ହୋଇଥିଲା, ଏବଂ ଶିଥିଳ ହୋଇ ଯାଇଥିଲା । ଏବଂ ଦେଖିଥିଲେ...ସେହି ଶିଶୁକୁ ଭାଇ

ବ୍ରାନହାମ୍‌ଙ୍କ ବାହୁରେ ରଖାଯାଇଥିଲା, ଆଉ ସେ ସେଠାରେ ଛିଡ଼ା ହୋଇ ତାହା ପାଇଁ ପ୍ରାର୍ଥନା କରିଥିଲେ । ଏବଂ ସେହି ଶିଶୁଟି ଚିତ୍କାର କରିବାକୁ ଓ ଗୋଇଠା ମାରିବାକୁ ଆରମ୍ଭ କରିଥିଲା; ଆଉ ତାକୁ ତାର ମାଆକୁ ଫେରାଇ ଦିଆଗଲା ।”

316 ସେ ମେକ୍ସିକୋର ସେହି ମାମଲା ବିଷୟରେ ମଧ୍ୟ ଜାଣିଥିଲେ । ଯାହାକି, ଆମେ ଏହି ସମ୍ପୂର୍ଣ୍ଣ ସୁସମାଚାର ବ୍ୟବସାୟୀ ପୁରୁଷମାନଙ୍କ ମଧ୍ୟରେ ଏକ ବିବୃତ୍ତିକୁ ଆଧାର କରିପାରିବା । ଆପଣଙ୍କୁ ତ ଡାକ୍ତରଙ୍କଠାରୁ କିଛି ଲିଖିତ ବକ୍ତବ୍ୟ ପାଇବାକୁ ଅଛି । ଯେତେବେଳେ ସେହି ଛୋଟ ମେକ୍ସିକାନ୍ ଶିଶୁଟି ସେଦିନ ସକାଳେ, ନଅଟା ବେଳେ ମରିଯାଇଥିଲା, ଏବଂ ଏହା ସେଦିନ ରାତି ଏଗାର ବାଜି ଥିଲା । ଡାକ୍ତର ତାଙ୍କର ବିବୃତ୍ତି ଲେଖିକରି ଦେଲେ । ଭାଇ ଏସ୍‌ପିନୋଜା, ଯାହାଙ୍କୁ ଆପଣ ଆସେମ୍ବଲିଜ୍ ଅଫ୍ ଗଡର ଅନେକ ଭାଇମାନେ ଜାଣନ୍ତି, ସେ ହିଁ ସେହି ଜଣକା ଥିଲେ ଯିଏକି ଡାକ୍ତରଙ୍କଠାରୁ ସେହି ବକ୍ତବ୍ୟ ଲେଖାଇ ଆଣିଥିଲେ, ଯେ ତାର ମୃତ୍ୟୁ ହୋଇଯାଇଛି ।

317 ଏବଂ ମୁଁ ଗୋଟିଏ ଦର୍ଶନ ଦେଖିଲି ଯେ ସେଠାରେ ଉପରେ ଭୀଡ଼ରେ, ଯେତେବେଳେ ମେକ୍ସିକୋ ସିଟିରେ, କୋଡ଼ିଏ ହଜାର କ୍ୟାଥୋଲିକ୍ ଲୋକମାନେ ଖ୍ରୀଷ୍ଟଙ୍କ ନିକଟକୁ ଆସିଥିଲେ । ମୁଁ କହିଲି, “ଆପଣ କେବଳ ତାହା ହିଁ ଗ୍ରହଣ କରନ୍ତୁ ନାହିଁ । ମୁଁ ଜାଣେ ନାହିଁ, ସେହି ଶିଶୁ...ମୁଁ ଏଠାରେ ଠିକ ଗୋଟିଏ ଦର୍ଶନ ଦେଖିଲି ।”

318 ଏବଂ ବିଲି ସେଠାରେ, ତିରିଶ କିମ୍ବା ଚାଳିଶ ପରିଚାରକମାନଙ୍କ ସହିତରେ, ଚେଷ୍ଟା କରୁଥିଲେ, ସେହି ସାନ ସ୍ତ୍ରୀକୁ ସେହି ଶିଶୁ ସହିତରେ, ପ୍ରାର୍ଥନା ପଂକ୍ତିରୁ ଦୂରେଇ ରଖିପାରି ନ ଥିଲେ । ସେ ସେମାନଙ୍କ ଗୋଡ, ଏବଂ ସବୁକିଛି ଭିତରୁ ଦୌଡି ଯାଉଥିଲା । ତେଣୁ, ଶେଷରେ, ମୁଁ ଜ୍ୟାକ୍ ମୁରଙ୍କୁ ତଳକୁ ପଠାଇଲି । ମୁଁ କହିଲି, “ଯାଆନ୍ତୁ, ତାହା ପାଇଁ ପ୍ରାର୍ଥନା କରି ଦିଅନ୍ତୁ ।”

319 ମୁଁ ଏଠାରେ ଦେଖିଲି, ଏବଂ ମୁଁ ଏକ ସାନ ମେକ୍ସିକୋ ଶିଶୁକୁ ହସୁଥିବାର ଦେଖିଲି । ମୁଁ କହିଲି, “ଗୋଟିଏ ମିନିଟ୍ ଅପେକ୍ଷା କରନ୍ତୁ । ତାହାକୁ ଏଠାକୁ ଆଣନ୍ତୁ ।” ବୁଝିଲେ? ଏବଂ ଯେତେବେଳେ ମୁଁ ସେହି କମ୍ବଳ ଉପରେ ମୋର ହାତକୁ ରଖିଲି...ତାହା ସେଦିନ, ଠିକ୍ ଦିନସାରା ବର୍ଷା ହୋଇଥିଲା । ଏବଂ ସେମାନେ ସେଦିନ ଅତି ସକାଳୁ ସେଠାରେ ଛିଡ଼ା ହୋଇଥିଲେ, ଏବଂ ଏହା ସେଦିନ ରାତି ପ୍ରାୟଃ ଏଗାରଟା ବାଜୁ ଥିଲା । ଏବଂ ମୋର ହାତକୁ ସେହି ସାନ ଶିଶୁ ଉପରେ ରଖିଲି । ତାହା ଛାଟି ପିଟି ହେବାକୁ ଲାଗିଲା ଏବଂ ରଡିବାକୁ ଲାଗିଲା । ଆଉ ସେମାନେ ଚିତ୍କାର କରିବାକୁ ଲାଗିଲେ ।

320 ତେଣୁକରି, ସେମାନେ ତାହାକୁ ତଳକୁ ନେଇ ସେହି ବିବୃତ୍ତି ଲେଖାଇ ଆଣିଲେ । ଡାକ୍ତରଙ୍କ ନିକଟକୁ ଗଲେ, ଏବଂ ଡାକ୍ତର କହିଲେ, “ମୁଁ ଆଜି ସକାଳ ନଅଟା ବେଳେ, ସେହି ଶିଶୁକୁ ମୃତ ଘୋଷଣା କରିଥିଲି । ତାହା ନିମୋନିଆରେ ମରିଥିଲା ।” ବୁଝିଲେ? ଆଉ ତାହାହେଲେ ସେହି ବିଷୟଗୁଡ଼ିକ ହେଉଛି—ହେଉଛି—ହେଉଛି ସତ । ସେଗୁଡ଼ିକ ବକ୍ତବ୍ୟମାନ ଅଟେ । ଏହା ହେବା ଆବଶ୍ୟକ ।

321 ଆମେ କୌଣସି ବି ବିଷୟରେ ସବୁବେଳେ ସଚ୍ଚୋଟ ଏବଂ ସତ୍ୟବାଦୀ ରହିବା ଉଚିତ୍ । ଏହାକୁ କିଛି କରନ୍ତୁ ନାହିଁ...ଏହା ଯାହା ଅଟେ ତାହାକୁ ସେହିପରି ହିଁ ରହିବାକୁ ଦିଅନ୍ତୁ । ଏହା ଥାଉ...ପରମେଶ୍ୱର କୌଣସି ବିଷୟରେ କିଛି ବି ସାହାଯ୍ୟ ଆବଶ୍ୟକ କରନ୍ତି ନାହିଁ । ଆପଣ ଦେଖନ୍ତୁ, ସେ—ସେ—ସେ ପରମେଶ୍ୱର ଅଟନ୍ତି ।

322 ତେଣୁ ବର୍ତ୍ତମାନ ସେ ଏହା କହିଲେ, "ମାତ୍ର ଯେତେବେଳେ ଏହି ମାଆ ଆମେରିକାରେ ଭାଇ ବ୍ରାନହାମ୍‌ଙ୍କୁ ଡାକିଲେ, ଫୋନରେ କାନ୍ଦି ତାଙ୍କୁ କହିଥିଲେ, 'ଆସନ୍ତୁ ଏବଂ ମୋର ସାନ ଛୁଆଟିକୁ ବଞ୍ଚାଇ ଦିଅନ୍ତୁ!' ଏବଂ ସଂଯୁକ୍ତ ରାଷ୍ଟ୍ର ଆମେରିକା ସରକାର..."

323 ତାଙ୍କ ସ୍ୱାମୀ ସେନାର ଜଣେ ପୁରୋହିତ ଅଟନ୍ତି । ଏବଂ ଆପଣ ସମସ୍ତେ ଜୁଲିୟସଙ୍କୁ ଜାଣନ୍ତି, ଆପଣମାନଙ୍କ ମଧ୍ୟରୁ ଅନେକେ ଜାଣନ୍ତି; ମୋର ପୁସ୍ତକ ଲେଖିଛନ୍ତି, *ଜଣେ ଭବିଷ୍ୟଦ୍‌ବକ୍ତା ଆଫ୍ରିକା ପରିଦର୍ଶନ କରନ୍ତି ।*

324 ଏବଂ ସେହି ଗରିବ ଛୋଟ ନରୱେ ଭାଷାବାଦୀ ମାଆ, ତାର ସ୍ୱରର ଶୀର୍ଷରେ, ଚିତ୍କାର କରୁଥିଲେ, କହିଲେ, "ଭାଇ ବ୍ରାନହାମ୍, ଯେତେବେଳେ ସେହି ଶିଶୁଟି ଜୀବନ୍ତ ହେଲା ମୁଁ ସେଠାରେ ଛିଡ଼ା ହୋଇଥିଲି!" କହିଲେ, "ଆମେ ବିଶ୍ୱାସ କରୁ ଯେ ଆପଣ ଖ୍ରୀଷ୍ଟଙ୍କର...ଜଣେ ସେବକ ଅଟନ୍ତି" କହିଲେ, "ଆସନ୍ତୁ, ମୋ ଛୁଆ ଉପରେ ହାତ ରଖନ୍ତୁ, ଏବଂ ତାହା ବଞ୍ଚିଯିବ ।" ନିମୋନିଆରେ, ମାତ୍ର କିଛି କ୍ଷଣ ଘଣ୍ଟେ କିମ୍ବା ଦୁଇ ଘଣ୍ଟା ଭିତରେ ମରିଥିଲା; ପ୍ରାୟଃ ଚାରି, ପାଞ୍ଚ ଘଣ୍ଟା ପର୍ଯ୍ୟନ୍ତ ଅସୁସ୍ଥ ଥିଲା ।

325 ଏବଂ ଏହି ଲୋକମାନେ ସେଠାରେ ଚାରିପାଖରେ ରହିଥିଲେ, ଚିତ୍କାର ଏବଂ ପାଟିତୁଣ୍ଡ କରିଥିଲେ, ଓ ଉପର-ତଳକୁ ଡିଆଁ ମାରିଥିଲେ, କହୁଥିଲେ, "ପରମେଶ୍ୱର ଏହାକୁ ଉଠାଇବାକୁ ଯାଉଛନ୍ତି! ପରମେଶ୍ୱର ଏହାକୁ ଉଠାଇବାକୁ ଯାଉଛନ୍ତି!" ଏବଂ କହିଲେ...

326 ତାହା ଦ୍ୱାରା, ଆମେରିକୀୟ ବାୟୁ-...କିମ୍ବା, ଆମେରିକୀୟ ବିମାନ ନୁହେଁ । ଯୁକ୍ତରାଷ୍ଟ୍ର ଆମେରିକା ସେନା ମୋତେ ଏକ ଜେଟ ବିମାନରେ ଉଡ଼ାଇ ନେବାକୁ ଯାଉଥିଲା, ଏବଂ ଗୋଟିଏ ଦିନରେ, ଫେରାଇ ଆଣିବାକୁ ଯାଉଥିଲା । ବୁଝିଲେ?

327 ଆଉ ମୁଁ କହିଲି, "ଏହା ପୂର୍ବେକି ମୁଁ ଆସେ, ମୋତେ ପ୍ରଭୁଙ୍କ ଇଚ୍ଛା ଜାଣିବାକୁ ଦିଅନ୍ତୁ ।" ତେଣୁ ମୁଁ ଦୁଇ ଦିନ ଧରି, ପ୍ରାର୍ଥନା କଲି । ଏବଂ ସେହି ଡାକ୍ତର ସେହି ଶିଶୁଟିକୁ ସେଠାରେ ଶୋଇ ରହିବାକୁ ଦେଇଥିବା ପାଇଁ ଅତ୍ୟନ୍ତ ଭଲ ଥିଲେ ।

328 ତାହାପରେ, ଦିନେ ସକାଳେ, ମୁଁ ଉଠି ରୋଷେଇ ଘର ଭିତରକୁ ଯିବାକୁ ଲାଗିଲି । ମୁଁ ସେଠାରେ ଛିଡ଼ା ହୋଇ, ଦେଖିଲି, ଯେ ଉପରେ, ସେହି ଆଲୋକ ଆକାରର କେବଳ ଏକ ପ୍ରକାଶଟିଏ ଥିଲା, ଚାରିପାଖରେ ଘୂରି ବୁଲୁଥିଲା, କହିଲା, "ତାହା ସ୍ପର୍ଶ କର ନାହିଁ । ତାହାକୁ ଭର୍ତ୍ସନା କର ନାହିଁ । ତାହା ପ୍ରଭୁଙ୍କର ହାତ ଅଟେ ।"

329 ମୁଁ ଫେରି ପଛକୁ ଦୌଡ଼ିଲି ଏବଂ ରାଷ୍ଟ୍ରକୁ ଡାକିଲି, ଏବଂ ଡାକି କହିଲି, "ମୁଁ—ମୁଁ ଆସିପାରିବି ନାହିଁ ।"

330 ଏବଂ ଏହି ଲୁଥରାନ୍ ସେବକ କହିଲେ, "ପରମେଶ୍ୱରଙ୍କଠାରୁ ଏକ ସୀଧା-ସଳଖ ନିର୍ଦ୍ଦିଷ୍ଟ ନିଷ୍ପତ୍ତି ନ ପାଇବା ପର୍ଯ୍ୟନ୍ତ ଆପଣ କାହିଁକି ଅପେକ୍ଷା କରୁ ନାହାଁନ୍ତି, ଯେପରିକି ଭାଇ ବ୍ରାନହାମ୍ କରିଥିଲେ? ଏବଂ ତାହାପରେ ଆପଣ ଜାଣନ୍ତି ଯେ ଆପଣ କେଉଁ ବିଷୟରେ କଥା ହେଉଛନ୍ତି ।"

331 ବର୍ତ୍ତମାନ, ଭାଇମାନେ, ଏହାହିଁ ତାହା ଅଟେ, ଯଦି ଆମେ କେବଳ ନିଷ୍କର୍ଷକୁ ନ ଡେଇଁବା; ଓ ଅପେକ୍ଷା କରି ରହିବା, ଏବଂ ପରମେଶ୍ୱରଙ୍କଠାରୁ ଏକ ସ୍ପଷ୍ଟ, ସୀଧା-ସଳଖ ନିଷ୍ପତ୍ତି ନ ପାଇଯିବା ।

332 ଏବଂ ଏହିସବୁ ଏଠାରେ, ସେହି ପାପୀମାନଙ୍କୁ ଆରୋଗ୍ୟ କରୁଛନ୍ତି ଯେଉଁମାନେକି ପରମେଶ୍ୱରଙ୍କ ବିଷୟରେ କିଛି ହେଲେ ଜାଣନ୍ତି ନାହିଁ । ମୁଁ ବିଶ୍ୱାସ କରେ ଯେ ଈଶ୍ୱରୀୟ ଆରୋଗ୍ୟତା ଏକ ନୀତି ଉପରେ ଆଧାରିତ ଅଟେ, ଯେ ଆପଣଙ୍କୁ ପ୍ରଥମେ, ପରମେଶ୍ୱରଙ୍କ ନିକଟକୁ ଆସିବା ଉଚିତ୍, ଏବଂ ତାହାଙ୍କୁ ନିଜର ହୃଦୟ ଦେବା ଉଚିତ, ଓ ନିଜର ଜୀବନଗୁଡିକୁ ଯୀଶୁ ଖ୍ରୀଷ୍ଟଙ୍କ ରକ୍ତରେ ଧୋଇ ଦେବା ଉଚିତ, ଆଉ ତାହାପରେ ପରମେଶ୍ୱର ଆପଣଙ୍କ ସହିତ କାମ କରିବାକୁ ଯିବେ ଓ ଆପଣଙ୍କୁ ସୁସ୍ଥ କରିବେ । ଠିକ୍ ଯେପରିକି ଏହି ଭାଇ, ସେହି ସାନ ସ୍ତ୍ରୀ ବିଷୟରେ କହିଥିଲେ ଯାହାଙ୍କ ପାଇଁ ସେ ସେଠାରେ ତଳେ ପ୍ରାର୍ଥନା କରିଥିଲେ, ଆପଣ ଦେଖନ୍ତୁ, ପରମେଶ୍ୱରଙ୍କର ଜଣେ ସାଧୁ ଥିଲେ ।

333 ମୋ ଜୀବନରେ, ମୁଁ ଅନେକ ଭୁଲ କରିଅଛି । ମୁଁ ଏପରି ଅନେକ ବିଷୟ କରିଛି ଯାହାକି ଭୁଲ୍ ଅଟେ । ମୁଁ ବୋଧହୁଏ, ଯଦି ମୁଁ ଅଧିକ ଦିନ ବଞ୍ଚେ, ମୁଁ ଆହୁରି ଅନେକ କରିବି । ବୋଧହୁଏ ସେମାନଙ୍କ ମଧ୍ୟରୁ କେତେକ ଆପଣଙ୍କ ପଥରେ ବାଧାର ପଥର ହେବେ । ମୁଁ ଆଶା କରେ ଯେ ଆପଣ ମୋତେ କ୍ଷମା କରିଦେବେ ।

334 ମୁଁ ଅବ୍ରହାମଙ୍କ ବିଷୟରେ ପଢୁଥିଲି, ଯେ କିପରି ସେହି ଭ୍ରାନ୍ତିଗୁଡିକ ଯାହାକି ତାଙ୍କର ରହିଥିଲା । କିପରି ଯେ ସେ, ମୋର ପ୍ରଭୁ, ସେହି ବିଷୟ ଯାହାସବୁ ସେ କରିଥିଲେ; ସେ ପରମେଶ୍ୱରଙ୍କୁ ସନ୍ଦେହ କରିଥିଲେ; ଏବଂ ସେ ନିଜ ସ୍ତ୍ରୀ ବିଷୟରେ ମିଛ କହିଥିଲେ; ଏବଂ ସବୁକିଛି କରିଥିଲେ । କିନ୍ତୁ ଯେତେବେଳେ ତାଙ୍କର ଈଶ୍ୱରୀୟ ବିବରଣୀ ରୋମୀୟ 4 ରେ ଲେଖାଗଲା, ତାହା କେବେହେଲେ ତାଙ୍କର ଭୁଲଗୁଡିକୁ ଉଲ୍ଲେଖ କଲା ନାହିଁ, ମାତ୍ର କହିଥିଲା, "ଅବ୍ରହାମ କଦାପି ବିଚଳିତ ହେଲେ ନାହିଁ" ଅବିଶ୍ୱାସ ଯୋଗୁଁ...ପରମେଶ୍ୱରଙ୍କ ମାଧ୍ୟମରେ, "କିନ୍ତୁ ବଳବାନ ହୋଇଥିଲେ ।" ଯେତେବେଳେ ତାଙ୍କର ଜୀବନର ଈଶ୍ୱରୀୟ ବିବରଣୀ ଲେଖାଗଲା, ସେତେବେଳେ ତାଙ୍କର ସମସ୍ତ ଭୁଲ ପାଶୋରି ଦିଆଗଲା । ଏପରିକି ତାଙ୍କର ଭ୍ରାନ୍ତିଗୁଡିକ ଉଲ୍ଲେଖ ସୁଦ୍ଧା କରାଗଲା ନାହିଁ । ତାଙ୍କର ଭୁଲଗୁଡିକ ଉଲ୍ଲେଖ କରାଗଲା ନାହିଁ ।

335 ଏବଂ, ଭାଇମାନେ, ମୁଁ ଆଶା କରେ, ଯେ ଯେତେବେଳେ ମୋର ବିବରଣୀ ସେହି ଦିନ ପାଠ କରାଯାଏ, ସେ ମୋର ଗୁଡିକ ମଧ୍ୟ, ଲିଭାଇଦେବେ, ଓ ତାହାପରେ ସେଗୁଡ଼ିକ

ବିଷୟରେ ଆଉ ଚିନ୍ତା କରିବେ ନାହିଁ। ମୁଁ ଆଶା କରେ ଯେ ଆପଣ ମଧ୍ୟ, ତାହା କରିବେ। ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ।

336 [ଡାକ୍ତର ଟମି ହିକ୍ସ ନିମ୍ନଲିଖିତ ମନ୍ତବ୍ୟ ଦିଅନ୍ତି—ସମ୍ପା।]

[ମୁଁ ଭାବୁଛି ଯେ ଆଜି ସକାଳେ ଆମେ ସେସବୁ ବିଷୟକୁ ସାରାଂଶରେ କହିପାରିବା ଯାହା ଏହି ଶବ୍ଦଗୁଡ଼ିକରେ କୁହାଯାଇଛି: ମହିମାର ଭରସା ଖ୍ରୀଷ୍ଟ ମୋ ଭିତରେ ଅଛନ୍ତି। ଦୟାକରି, ତାହା କୁହନ୍ତୁ। ମହିମାର ଭରସା ଖ୍ରୀଷ୍ଟ ମୋ ଭିତରେ ଅଛନ୍ତି।]

[ପ୍ରତ୍ୟେକ ମନୁଷ୍ୟର ଜୀବନରେ ଉତ୍‌ଥାନ-ପତ୍ତନ ଏବଂ ପାରି ହୋଇଯିବା ଅଛି। (ମୁଁ କହିବାକୁ ଯାଉ ନାହିଁ।) ମୋ ପାଖରେ ଏକ ବାର୍ତ୍ତା ଅଛି। ମୁଁ ବିଶ୍ୱାସ କରେ ଯେ ପ୍ରତ୍ୟେକ ଖ୍ରୀଷ୍ଟିଆନ ହୋଇଥାନ୍ତି...?...ଯୀଶୁ...?...ଆଜି ସକାଳେ ମୋର ହୃଦୟ ଉତ୍ତେଜିତ ହୋଇଅଛି, ଏବଂ ମୁଁ ବିଶ୍ୱାସ କରେ ଯେ ଆମମାନଙ୍କ ମଧ୍ୟରୁ ଅନେକଙ୍କ ପାଇଁ କେତେକ ବିଷୟ ଯାହା ଆମକୁ ବିଚଳିତ କରେ...?...ଆମମାନଙ୍କୁ ପରମେଶ୍ୱରଙ୍କର ଅଧିକ ଉତ୍ତମ ପୁରୁଷ ଓ ସ୍ତ୍ରୀ କରିଥାଏ।]

[ବେବୀ ରୁତକୁ ହୋମରନ୍ ରାଜା ଭାବରେ ଜଣାଯାଏ। କିନ୍ତୁ କଅଣ ଆପଣ ଜାଣନ୍ତି କି ବେବୀ ରୁତ ଷ୍ଟ୍ରାଇକଆଉଟ୍ ରାଜା ମଧ୍ୟ ଥିଲେ? ସେ ଘରୋଇ ରନ୍ କରିବା ଅପେକ୍ଷା ଅଧିକ ଥର ଷ୍ଟ୍ରାଇକ ଆଉଟ୍ ହୋଇଥିଲେ। ସେ ତେର ଶହ ତିରିଶ ଥର ଷ୍ଟ୍ରାଇକ ଆଉଟ୍ ହୋଇଥିଲେ; ସେ କେବଳ ଆଠ ଶହ ଷାଠିଏ ହୋମରନ୍ କରିଥିଲେ। କିନ୍ତୁ ପ୍ରତ୍ୟେକ ଥର ବେବୀ ରୁତ ଷ୍ଟ୍ରାଇକ ଆଉଟ୍ ହୋଇଥିଲେ, ସେ ସେହି ବିଶ୍ରାମ ସ୍ଥାନକୁ ଚାଲି ଯାଉଥଲେ ଯେତେବେଳେ ସେହି ପୁରୁଣା ଅମ୍ପାୟାର ଉଚ୍ଚ ପାଟିରେ କହିଥିଲେ, "ତୁମେ ଆଉଟ ଅଟ," ସେ ସେହି ବିଶ୍ରାମ ସ୍ଥାନକୁ ଚାଲି ଯାଇ ତାଙ୍କର ହାତକୁ ଘଷିଥିଲେ ଏବଂ ବ୍ୟାଟ୍ ଉଠାଇ ବାଡ ଉପରକୁ ଇଙ୍ଗିତ କରୁଥିଲେ, ଏବଂ ସେ ସର୍ବଦା କହୁଥଲେ, "ମୁଁ ସେହି ବଲ୍ ଫୋପାଡୁ ଥିବା ବ୍ୟକ୍ତି ପାଇଁ ଦୁଃଖିତ ଅଟେ।"]

[ଷ୍ଟ୍ରାଇକ୍ ଆଉଟ ହେବାରେ କିଛି ଭୁଲ୍ ନାହିଁ, କିନ୍ତୁ ମନେରଖନ୍ତୁ: ବ୍ୟାଟ୍ ଉଠାଇ...?... କାରଣ ମହିମାର ଭରସା ଖ୍ରୀଷ୍ଟ ମୋ ଭିତରେ ଅଛନ୍ତି। ଦୟାକରି ଏହାକୁ ପୁନର୍ବାର କୁହନ୍ତୁ: ମହିମାର ଭରସା ଖ୍ରୀଷ୍ଟ ମୋ ଭିତରେ ଅଛନ୍ତି। ଏହାହିଁ ସବୁକିଛି ଅଟେ।]

ହଁ।

[ଏହାହିଁ ସବୁକିଛି ଅଟେ।]

ତାହା ଠିକ୍।

[ଏହାହିଁ ସବୁକିଛି ଅଟେ।]

ସବୁକିଛି। ଆମେନ୍।

[ହାଲ୍ଲେଲୁୟା । ଯୁକ୍ତିତର୍କ ଏବଂ କଳି ଝଗଡା କରିବା କଦାପି କାର୍ଯ୍ୟ ସାଧନ କରିବ ନାହିଁ । ଆମେ ସନ୍ନିକଟବର୍ତ୍ତୀ ଅଟୁ...]

ଆମେନ୍ ।

[...ଅନ୍ୟ ପାର୍ଶ୍ୱକୁ । ଆମେ କୌଣସି ପ୍ରତ୍ୟାବର୍ତ୍ତନ ନ ଥିବା ସ୍ଥିତିକୁ ପହଞ୍ଚି ଅଛୁ । କେତେଥର ମୁଁ ଯେ ସେହି ବିମାନରେ କ୍ୟାପଟେନ୍‌କୁ ଏହା ଡାକୁଥିବାର ଶୁଣିଅଛି: "ଆମେ ବର୍ତ୍ତମାନ କୌଣସି ପ୍ରତ୍ୟାବର୍ତ୍ତନ ନ ଥିବା ସ୍ଥିତିକୁ ପହଞ୍ଚି ଅଛୁ ।"]

[କିଛି ସମୟ ପୂର୍ବରୁ ମୁଁ ଅନ୍ୟ ଏକ ଜଗତରୁ ଏକ ସ୍ୱରକୁ ଶୁଣିଲି ଯାହାକି ମୋ ସହିତ କଥା ହେଲା ଓ କହିଲା, "ପୁଅ, ତୁମେ କୌଣସି ପ୍ରତ୍ୟାବର୍ତ୍ତନ ନ ଥିବା ସ୍ଥିତିକୁ ପହଞ୍ଚି ଅଛ ।" ତାହାର ଅର୍ଥ ମୁଁ ଯେଉଁଠାରୁ ଆରମ୍ଭ କରିଥିଲି ସେହି ବିନ୍ଦୁ ଅପେକ୍ଷା ମୁଁ ଅନ୍ୟ ପାର୍ଶ୍ୱର ଅଧିକ ନିକଟବର୍ତ୍ତୀ ଅଟେ ।]

[ଦୟାକରି ଆପଣଙ୍କର ଆଖି ବନ୍ଦ କରନ୍ତୁ; ନିଜର ମୁଣ୍ଡକୁ ନୁଆଁନ୍ତୁ ।]

[ଆମର ସ୍ୱର୍ଗୀୟ ପିତା, ଆଜି ସକାଳେ, ଆମେ କେତେ ଧନ୍ୟବାଦୀ ଏବଂ କେତେ କୃତଜ୍ଞ ଅଟୁ ଯେ ଆମେ ଆମର ହୃଦୟର ଅତ୍ୟନ୍ତ ଗଭୀରତାରୁ ଏବଂ ଆମର ଆତ୍ମାର ଗଭୀରତାରୁ କହିପାରୁ, "ଖ୍ରୀଷ୍ଟ ମୋ ଭିତରେ—ଖ୍ରୀଷ୍ଟ ମୋ ଭିତରେ, ମହିମାର ଭରସା ଅଛନ୍ତି ।" ହେ ଯୀଶୁ, ତୁମର ସ୍ନେହପୂର୍ଣ୍ଣ ବାହୁକୁ ପ୍ରତ୍ୟେକ ପୁରୁଷ ଏବଂ ପ୍ରତ୍ୟେକ ସ୍ତ୍ରୀଙ୍କ ଚାରିପାଖରେ ଦିଅ, ଏବଂ ହେଉ ଯେ ଆମର ଦୃଷ୍ଟିଶକ୍ତିକୁ ଏବଂ ଦୃଷ୍ଟି କ୍ଷମତାକୁ ଉଚ୍ଚ—ଉଚ୍ଚ, ଉଚ୍ଚତର, ଏହି ଜଗତର ବିଷୟଠାରୁ ଉଚ୍ଚତର କରାଯାଉ, ଯେପରିକି ଆମେମାନେ ଖ୍ରୀଷ୍ଟଙ୍କୁ ଦେଖିପାରୁ, ଏବଂ ଅନ୍ୟମାନେ ଆମ ଭିତରେ ଖ୍ରୀଷ୍ଟଙ୍କୁ ଦେଖିପାରନ୍ତି । ଏହି ଦାସମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କ ଉପରେ ନିଜର ହାତକୁ ରଖ...]

ହେ ପ୍ରଭୁ, ଏହାକୁ ପ୍ରଦାନ କର ।

[...ଯେ ଏହା ହେଉ, ଯେ ଆଜି ସକାଳେ ଯେତେବେଳେ ଏହି ସ୍ଥାନରୁ ବାହାରକୁ ଯାଉ ସେତେବେଳେ ଆମେ ଆଉ କିଛି ନୁହେଁ ବରଂ କେବଳ ଖ୍ରୀଷ୍ଟଙ୍କୁ ଦେଖିବା ପାଇଁ ସ୍ଥିର କରିବୁ...]

ଆମେନ୍ ।

[...ପରସ୍ପର ମଧ୍ୟରେ ସ୍ୱାଗତଯୋଗ୍ୟ ହେଉ । ଆମେ ଜାଣୁ ଯେ କାମ ହେଉଛି—ଏପରି ଏକ ବହୁତ ବଡ କାମ କରିବାକୁ ଅଛି, ଯୀଶୁ; ସେଠାରେ ଏକ ବହୁତ ବଡ ଫସଲ ଅମଳ କରିବାକୁ ଅଛି ।]

ହଁ ପ୍ରଭୁ ।

[ହେ ପ୍ରଭୁ, ଆମକୁ, ସାହାଯ୍ୟ କର...]

ହଁ ପ୍ରଭୁ ।

[...ଯେ ଆମେ ଏକତ୍ର ହାତ ମିଳାଇବା...]

ହେ ପ୍ରଭୁ, ଏହାକୁ ପ୍ରଦାନ କର ।

[...ଏବଂ ଅମଳ ଉପରେ ବୋହି ଯାଅ...]

ହଁ ପ୍ରଭୁ ।

[...ବିଳମ୍ବ ହେବା ପୂର୍ବରୁ ସେହି ହଜିଯାଇଥିବା ଏବଂ ମରୁଥିବାକୁ ଯେପରି ଜୟଲାଭ କରାଯାଏ ।]

ହଁ ପ୍ରଭୁ ।

[ମୁଁ ଚାହେଁ ଯେ ଆପଣ ନିଜର ହାତ ଉଠାନ୍ତୁ ଓ କେବଳ ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମକୁ ପ୍ରଶଂସା କରନ୍ତୁ ।]...?...

[ଦୟାକରି ଆମେ ଛିଡା ହୋଇଯିବା । ମୁଁ ଚାହେଁ ଯେ ଆପଣ ନିଜର ହାତ ଉଠାଇ ମୋ ସହିତ ଗୀତ ଗାନ କରନ୍ତୁ *ମୁଁ ତାହାଙ୍କୁ ପ୍ରେମ କରେ* । କଅଣ ଆପଣ ତାହାଙ୍କୁ ପ୍ରେମ କରନ୍ତି?]

ଆମେନ୍ ।

[...ଆଜି ସକାଳେ? କଅଣ ଆପଣ ତାହାଙ୍କୁ ନିଜର ସମସ୍ତ ହୃଦୟର ସହିତ ପ୍ରେମ କରନ୍ତି କି? ହାତ ଉଠାନ୍ତୁ ଏବଂ ଏହାକୁ ଗାନ କରନ୍ତୁ, ସମସ୍ତେ ଏକାଠି, *ମୁଁ ତାହାଙ୍କୁ ପ୍ରେମ କରେ* ।]

[ମୁଁ ତାହାଙ୍କୁ ପ୍ରେମ କରେ, ମୁଁ ତାହାଙ୍କୁ ପ୍ରେମ କରେ]
[କାରଣ ସେ ପ୍ରଥମେ ମୋତେ ପ୍ରେମ କଲେ]
[ଓ କ୍ରୟ କରିନେଲେ ମୋହର ଉଦ୍ଧାରକୁ]
[କାଲବରୀ ବୃକ୍ଷ ଉପରେ ।]

[କଅଣ ଆପଣ ଦୟାକରି ଏହାକୁ ଗୁଣୁ ଗୁଣେଇବେ କି?]

[ଆପଣ ଜାଣନ୍ତି ସାଥୀ ସେବକଗଣ, ଆର୍ଜେଣ୍ଟିନାରେ ଆମର ଗୋଟିଏ ସେବାରେ ଚାରି ଲକ୍ଷରୁ ଅଧିକ ଲୋକ ଥିଲେ; ସମୟ ପରେ ସମୟ ଆମେ ଲୋକମାନଙ୍କୁ ଦେଖିଅଛୁ । ଏବଂ ମୋର ମନେ ଅଛି ଯେ ପ୍ରଥମ ଅପରାହ୍ନରେ, ଆମର ଚାରି ଲକ୍ଷରୁ ଅଧିକ ଲୋକ ଥିଲେ ଯେଉଁମାନେକି ସ୍ପାନିଶ ଭାଷାରେ ସେହି ଗୀତ ଗାଇଥିଲେ, ଏବଂ ମୁଁ ସେମାନଙ୍କୁ ଗୁଣୁ ଗୁଣେଇବାକୁ ପ୍ରବର୍ତ୍ତାଇ ଥିଲି, ଏବଂ ବାହାରେ ତିନି ଲକ୍ଷରୁ ଅଧିକ ଲୋକ ଥିଲେ । ଆମେ ଭିତରର ଥିବା ଲୋକମାନଙ୍କୁ କେବଳ ଚୁପ୍ ରହିବା ପାଇଁ କହିଲୁ ଯେତେବେଳେକି ବାହାରେ ଥିବା ଲୋକମାନେ ସେହି ଗୀତର ଶବ୍ଦକୁ ଗୁଣୁ ଗୁଣେଇ ଥିଲେ । ଏବଂ ହଠାତ୍, ଯେତେବେଳେ ସେମାନେ ଏହାକୁ ଗାଉଥିଲେ, କିଛି ଗୋଟାଏ ସେଠାରେ ମୋର ପ୍ରାଣକୁ ଭରି ଦେଇଥିଲା । ମୁଁ ମୋ ଜୀବନରେ ଆଗରୁ କେବେହେଲେ ଖ୍ରୀଷ୍ଟଙ୍କ ପ୍ରକାଶନକୁ ସେପର୍ଯ୍ୟନ୍ତ ଜାଣି ନ ଥିଲି ଯେପର୍ଯ୍ୟନ୍ତକି ମୁଁ ବାହାରେ ତିନି ଲକ୍ଷ ଲୋକଙ୍କର ସେହି ଇକୋ ଶବ୍ଦକୁ ଏହା ଗୁଣୁ ଗୁଣେଉ ଥିବାର ଶୁଣିଲି ନାହିଁ, ବାହାରେ *ମୁଁ ତାହାଙ୍କୁ ପ୍ରେମ କରେ*...?...ଆଜି ସକାଳେ ମହିମାର

ରାଜାଙ୍କର ଏକ ମହାନ୍ ସୈନ୍ୟବାହିନୀ ଅଛି, ଏବଂ ସେମାନେ ଗୀତ ଗାଉଛନ୍ତି। ସେମାନେ କାହାକୁ ପ୍ରେମ କରନ୍ତି? ଆପଣ କାହାକୁ ପ୍ରେମ କରନ୍ତି?]

ହଁ।

[ଖ୍ରୀଷ୍ଟ, ମୋ ଭିତରେ ଖ୍ରୀଷ୍ଟ ଅଛନ୍ତି।]

ହଁ।

[ମହିମାର ଭରସା। ଆଖି ବନ୍ଦ କରନ୍ତୁ, ନିଜର ହାତକୁ ଉଠାନ୍ତୁ, ଓ ଏହାକୁ ପୁଣିଥରେ ଗାଆନ୍ତୁ, ସମସ୍ତେ।]

ହଁ ପ୍ରଭୁ।

[ମୁଁ ତାହାଙ୍କୁ ପ୍ରେମ କରେ, ମୁଁ ତାହାଙ୍କୁ ପ୍ରେମ କରେ]
[କାରଣ ସେ ପ୍ରଥମେ ମୋତେ ପ୍ରେମ କଲେ]
[ଓ କ୍ରୟ କରିନେଲେ ମୋହର ଉଦ୍ଧାରକୁ]
[କାଲବରୀ ବୃକ୍ଷ ଉପରେ।]

[ଯଦି ଆପଣ ଆଜି ସକାଳେ ତାହାଙ୍କୁ ପ୍ରେମ କରନ୍ତି, ତେବେ ତିନି କିମ୍ବା ଚାରି ଜଣ ଭିନ୍ନ ଭିନ୍ନ ବ୍ୟକ୍ତିଙ୍କ ଚାରିପାଖରେ ନିଜର ବାହୁକୁ ରଖନ୍ତୁ; ଏବଂ ମହିଳାମାନେ ମଧ୍ୟ ସେହିପରି କରନ୍ତୁ; ଏବଂ କୁହନ୍ତୁ, "ମୁଁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ପ୍ରେମ କରେ।" ତାହା ଠିକ୍; ନିଜର ବାହୁକୁ ରଖନ୍ତୁ...]

337 ଯଦି ମୁଁ ଏହାକୁ ସମଗ୍ର ବିଶ୍ୱରେ ଘଟୁଥିବାର ଦେଖିପାରେ, ମୁଁ କହିବି, "ହେ ପ୍ରଭୁ, ତୁମ୍ଭର ଦାସକୁ ଶାନ୍ତିରେ ପ୍ରସ୍ଥାନ କରିବାକୁ ଦିଅ।"

**ପରମେଶ୍ୱରତ୍ତ୍ୱକୁ ବ୍ୟାଖ୍ୟା କରିବା** ORI61-0425B

(The Godhead Explained)

ଏହି ସନ୍ଦେଶଟି ଯାହାକି ଭାଇ ୱିଲିୟମ୍ ମେରିୟନ୍ ବ୍ରାନ୍‌ହାମ୍‌ଙ୍କ ଦ୍ୱାରା, ମୂଳତଃ ଇଂରାଜୀ ଭାଷାରେ ଏପ୍ରିଲ୍ 25, 1961, ମଙ୍ଗଳବାର ସକାଳରେ, ଯୁକ୍ତରାଷ୍ଟ୍ର ଆମେରିକାର, ଇଲିନୟେସ ପ୍ରଦେଶର, ଚିକାଗୋ ସହରର ହୋଲିଡେ ଇନ୍‌ଠାରେ, ପ୍ରଚାର କରାଯାଇଥିଲା, ମ୍ୟାଗ୍‌ନେଟିକ୍ ଟେପ୍ ରେକର୍ଡିଙ୍ଗରୁ ନିଆଯାଇଅଛି ଓ ଏହାକୁ କୌଣସି କାଟ ଛାଣ୍ଟ ନ କରି ଇଂରାଜୀ ଭାଷାରେ ଛପାଯାଇଅଛି। ଏହି ଓଡ଼ିଆ ଅନୁବାଦଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ ଦ୍ୱାରା ଛପାଯାଇଥିଲା ଓ ବଣ୍ଟନ କରାଯାଇଥିଲା।

ORIYA

©2023 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE
19 (NEW NO: 28) SHENOY ROAD, NUNGAMBAKKAM
CHENNAI 600 034, INDIA
044 28274560 • 044 28251791
india@vgroffice.org

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org

## Copyright notice

All rights reserved. This book may be printed on a home printer for personal use or to be given out, free of charge, as a tool to spread the Gospel of Jesus Christ. This book cannot be sold, reproduced on a large scale, posted on a website, stored in a retrieval system, translated into other languages, or used for soliciting funds without the express written permission of Voice Of God Recordings®.

For more information or for other available material, please contact:



VOICE OF GOD RECORDINGS

P.O. BOX 950, JEFFERSONVILLE, INDIANA 47131 U.S.A.

www.branham.org